R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୫୪
ତିଥି : ସପ୍ତମୀ
୧୦ ମାର୍ଚ୍ଚ ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 154
10 March 2026, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ୧୦ ଦିନରେ ଆମେରିକା-ଇସ୍ରାଏଲ, ଇରାନ ଯୁଦ୍ଧ



- ଅଶୋଧିତ ତୈଳ ଦର ୧୧୨.୯୮ ଡଲାରକୁ ବୃଦ୍ଧି
- କୁଏତ୍, ୟୁଏଇ, ବାହାରିନ୍ ଉପରେ ଇରାନର ଆକ୍ରମଣ
- ଇରାନର ୩୦ ତୈଳ ଭଣ୍ଡାର ଉପରେ ଇସ୍ରାଏଲର ଆକ୍ରମଣ
- ମୋଜତବା ଖାମନେଇ ଇରାନର ସର୍ବୋଚ୍ଚ ନେତା

ନୂଆଦିଲ୍ଲୀ, ୯ ।୩ : ଆମେରିକା-ଇସ୍ରାଏଲ ଓ ଇରାନର ଯୁଦ୍ଧ ଆଜକୁ ୧୦ ଦିନ ହେଲାଣି । ସପ୍ତାହେରୁ ଅଧିକ ହେଲାଣି ଇରାନର ସୁପ୍ରିମ୍ ନେତା ଫାଓତଲଅଲ୍ଲୀ ଖାମନେଇ ମୃତ୍ୟୁବରଣ କରିସାରିଲେଣି । ତାଙ୍କ ପୁଅ ମୋଜତବା ଖାମନେଇ ପରବର୍ତ୍ତୀ ସୁପ୍ରିମ ଲିଡର ହୋଇଛନ୍ତି । ତେବେ ଇତି ମଧ୍ୟରେ ଇରାନ ତା'ର ଆକ୍ରମଣ ଜାରି ରଖିଛି । କୁଏତ, କତାର, ସାଉଦିଆରବ ଓ ସଂଯୁକ୍ତ ଆରବ ରାଷ୍ଟ୍ରଗୁଡ଼ିକରେ ଥିବା ଆମେରିକୀୟ ସେନା ଘାଟି ଓ ଅନ୍ୟାନ୍ୟ ସମ୍ପତ୍ତି ଉପରେ ଆକ୍ରମଣ କରିଛି ।

ଯୁଦ୍ଧ ପରିସ୍ଥିତିକୁ ଲକ୍ଷ୍ୟ କରି ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ୧୧୨.୯୮ ଡଲାରରେ ପହଞ୍ଚିଛି । ୧୦୦ ଡଲାରରୁ ଅଧିକ ହେଲେ ଏହା ଯନ୍ତ୍ରଣାଦାୟକ । ଇରାନର ଗଣମାଧ୍ୟମରୁ ଜଣାପଡ଼ିଛି ଯେ ମୋଜତବା ଖାମନେଇଙ୍କୁ ପରବର୍ତ୍ତୀ ସୁପ୍ରିମ୍ ଲିଡର କରାଯାଇଛି । ଇରାନ ସେନା କହିଛି ଯେ ୧୦୪ ଜଣ ମୃତ୍ୟୁବରଣ କରିଥିବାବେଳେ ୩୨ ଆହତ ହୋଇଛନ୍ତି । ଆମେରିକା ସେନାର ଆକ୍ରମଣରେ ଏହା ଘଟିଛି । କତାରରେ ଆକ୍ରମଣ ଯୋଗୁ ସରକାରଙ୍କ ପକ୍ଷରୁ ବାସୀନ୍ଦାମାନଙ୍କୁ ସତର୍କ କରାଇ ଦିଆଯାଇଛି । ପ୍ରାୟ ୧୨ରୁ ଅଧିକ ବିସ୍ଫୋରଣ ଏଠାରେ ଘଟିଥିବା ତାଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ସାଉଦି ଆରବର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ବାୟୁସେନାକୁ ଡ୍ରୋନ୍ ଓ ମିଶାଇଲଗୁଡ଼ିକୁ ଧ୍ୱଂସ କରିବାକୁ ନିୟୋଜିତ କରାଯାଇଛି । ରିହାଦରେ ଥିବା ଆମେରିକା ଦୂତାବାସ ପକ୍ଷରୁ ମଧ୍ୟ ତା'ର କର୍ମଚାରୀ ଓ ପରିବାରବର୍ଗଙ୍କୁ ସାଉଦି ଆରବରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର (୯ ପୃଷ୍ଠାରେ)

## ଏଲ୍‌ପିଜି ବୁକିଂ ଅବଧି ବୃଦ୍ଧି



- ୨୫ ଦିନ ପରେ ହେବ ବୁକିଂ
- ବିଭିନ୍ନ ସହରରେ ଏଲ୍‌ପିଜି ସଙ୍କଟ
- କଳାବଜାରରେ ୧୫୦୦ ଟଙ୍କାରେ ବିକ୍ରି ଅଭିଯୋଗ
- ମହଜୁଦ ଅଛି, ଚିନ୍ତା କରନ୍ତୁ ନାହିଁ : ସରକାର

ନୂଆଦିଲ୍ଲୀ, ୯ ।୩ : ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ନେଇ ଏବେ ଏଲ୍‌ପିଜି ଗ୍ୟାସ୍ ଉପରେ ପ୍ରଭାବ ପଡ଼ିବା ପରିଲକ୍ଷିତ ହେଲାଣି । କଳାବଜାରରେ ଏହାର ମୂଲ୍ୟ ୧୫୦୦ଟଙ୍କା ହୋଇଥିବା ସୂଚନା ମିଳୁଛି । ତେବେ ସରକାରଙ୍କ ପକ୍ଷରୁ ଇତି ମଧ୍ୟରେ ଏଲ୍‌ପିଜି ସିଲିଣ୍ଡର ବୁକିଂର ସର୍ବନିମ୍ନ ସମୟସୀମାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଜଣେ ଉପଭୋକ୍ତା ୨୧ ଦିନ ପରେ ଦ୍ୱିତୀୟ ସିଲିଣ୍ଡର ବୁକିଂ କରିବାର ସୁବିଧା ପାଉଥିଲେ । ଏବେ ଏହାକୁ ୨୫ ଦିନକୁ ବୃଦ୍ଧି କରାଯାଇଛି ।

ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ବର୍ତ୍ତମାନ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି କରାଯିବନାହିଁ । ବଜାରରେ ସିଲିଣ୍ଡର ଅଭାବ ନେଇ ଏକ କୃତ୍ରିମ ପରିସ୍ଥିତି ସୃଷ୍ଟି କରାଯାଉଛି । ପୂର୍ବରୁ ଯେଉଁ ଉପଭୋକ୍ତାମାନେ ( ୯ ପୃଷ୍ଠାରେ)

## ୧୦.୪୭ ଲକ୍ଷ ଇ-କେୱାଇସି କରିନାହାନ୍ତି : ମନ୍ତ୍ରୀ

ଭୁବନେଶ୍ୱର, ୯ ।୩ (ସବ୍ୟୁ): ରାଜ୍ୟରେ ୯୭% ରାସନ କାର୍ଡ ହିତାଧିକାରୀଙ୍କ ଇ-କେୱାଇସି ସରିଛି । ଆଉ ୧୦ଲକ୍ଷ ୪୭ ହଜାର ହିତାଧିକାରୀଙ୍କ ଇ-କେୱାଇସି ବାକି ରହିଛି । ଏମାନେ କାହିଁକି କରୁନାହାନ୍ତି ଆମେ ବୁଝିପାରୁନୁ ? ବାହାର ରାଜ୍ୟରେ ଥିବା କାର୍ଡଧାରୀମାନଙ୍କ ମଧ୍ୟରୁ ୧ଲକ୍ଷ ୪୬ ହଜାର ଜଣ ଇ-କେୱାଇସି କରିସାରିଛନ୍ତି । ତାମିଲନାଡୁରେ ୪୮ ହଜାର ଇ-କେୱାଇସି କରିଥିବା ବେଳେ କେରଳରେ ୨୮ ହଜାର ଓ କର୍ଣ୍ଣାଟକରେ ୧୨ ହଜାର ଇ-କେୱାଇସି କରିଛନ୍ତି । ଇ-କେୱାଇସି ଅବଧି ସରକାର ବଢାଇଛନ୍ତି ।

ମୁଲତବୀ ଆଲୋଚନାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତରରେ ଏହା କହିଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ଖରିଫ୍ ଋତୁରେ ୭୩ଲକ୍ଷ ୪୫ ହଜାର ମେଟ୍ରିକ୍ ଟନ୍ ଧାନ କିଣିବାକୁ ସରକାର ଧାର୍ଯ୍ୟ କରିଥିବା ବେଳେ ରବିରେ ୧୯.୧୯ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିଛନ୍ତି । ମୋଟ ୯୨ଲକ୍ଷ ମେଟ୍ରିକ୍ ଟନ୍ ( ୯ ପୃଷ୍ଠାରେ)

## ରାସନ କାର୍ଡରେ ଅବ୍ୟବସ୍ଥା, ବଳକା ଚାଉଳ ଉଠାଣକୁ ନେଇ ଗୃହ ସରଗରମ



ଭୁବନେଶ୍ୱର, ୯ ।୩ (ସବ୍ୟୁ) : ରାଜ୍ୟରେ ଚାଷୀ ଅଭାବୀ ବିକ୍ରି ଯୋଗୁ ମୃତ୍ୟୁବରଣ କରୁଛନ୍ତି ଓ ଖାଉଟି ହନ୍ତସନ୍ତ ହେଉଛନ୍ତି । ଅଭାବୀ ଲୋକ ଖାଦ୍ୟାଭାବରୁ ଶିଶୁ ବିକ୍ରି କରୁଛନ୍ତି । ଏବେ ବି ୨୬୦୦ ଗାଁରେ ମୋବାଇଲ ନେଟୱାର୍କ ନାହିଁ । ଫଳରେ ରାସନ କାର୍ଡ ପାଇଁ ଯୋଗ୍ୟ ହିତାଧିକାରୀ ଆବେଦନ କରିପାରୁନାହାଁନ୍ତି । ଗେରୁଆ-ସବୁଜ ଲଢେଇରେ ଯୋଗ୍ୟ ଉପଭୋକ୍ତା ବାଦ୍ ପଡିଛନ୍ତି ବୋଲି ବିରୋଧୀ ଏଭଳି ଅଭିଯୋଗ କରିଛନ୍ତି । ସେପଟେ ବିରୋଧୀଙ୍କୁ କଡ଼ା ଜବାବ ଦେଇଛି ଶାସକ ଦଳ । ନିରପେକ୍ଷ ଭାବେ ଖାଦ୍ୟ ସୁରକ୍ଷା ଅଧୀନରେ ଯୋଗ୍ୟ ହିତାଧିକାରୀ ସାମିଲ କରିବାକୁ ମୋହନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବିଜେପି ସଭ୍ୟ କହିଛନ୍ତି ।

ରାଜ୍ୟରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ବାଟବଣା: ହିତାଧିକାରୀ ଅତିରିକ୍ତ ଚାଉଳ ନାହିଁ, ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ନାହିଁ ସମ୍ପର୍କିତ ମୁଲତବୀ ଆଲୋଚନା ଆରମ୍ଭ କରି ବିଜେଡି ସଭ୍ୟ ପ୍ରତାପ ( ୯ ପୃଷ୍ଠାରେ)



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

### ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ

ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬

ଚଳିତ ରବି ଋତୁ (୨୦୨୫-୨୬) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ଧାନ କ୍ରୟ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି (PACS /LAMPCS) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜୀକରଣ କରନ୍ତୁ ।



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ନୂତନ/ନବୀକରଣ ଫର୍ମ ଉପଲବ୍ଧ ତାରିଖ: ୧୦-୨୦ ମାର୍ଚ୍ଚ ୨୦୨୬
- ଆବେଦନ ଦାଖଲ: ୧୦-୨୫ ମାର୍ଚ୍ଚ ୨୦୨୬
- ଧାନ ସଂଗ୍ରହ: ମେ ୧- ୩୦ ଜୁନ ୨୦୨୬

**ପୂର୍ବରୁ ପଞ୍ଜୀକୃତ ଚାଷୀଙ୍କ ନବୀକରଣ:**

- ଗତ ରବି ଋତୁରେ ପଞ୍ଜୀକୃତ ଚାଷୀମାନେ ନବୀକରଣ କରି ଚଳିତ ରବି ଋତୁ ପାଇଁ **ପୁନଃ ପଞ୍ଜୀକୃତ** ହେବେ ।
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତି ତରଫରୁ ନବୀକରଣ ଫର୍ମ ଉପଲବ୍ଧ କରାଯିବ ।
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ୍‌ୱାରୀ ପ୍ରଦାନ କରନ୍ତୁ ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ସମ୍ପୃକ୍ତ ଚାଷୀ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ବାବଦରେ ଏକ ଘୋଷଣାନାମା ମାଧ୍ୟମରେ ସମିତିକୁ ଜଣାଇବେ ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର **ଚତୁର୍ଥ ଭାଗରେ** ପ୍ରଦାନ କରିପାରିବେ ।

**ନୂତନ ଚାଷୀଙ୍କ ପଞ୍ଜୀକରଣ:**

- ଯେଉଁ ଚାଷୀମାନେ ଗତ ରବି ଋତୁରେ ପଞ୍ଜୀକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜୀକରଣ ଫର୍ମ ନେଇ ଆବେଦନ କରନ୍ତୁ । ଏହା ବିଭାଗର **ୱେବସାଇଟ୍ www.foododisha.in** ରେ ମଧ୍ୟ ଉପଲବ୍ଧ ।
- ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ପ୍ରଦାନ କରିବେ ।

**ଚାଷୀମାନଙ୍କ ପାଇଁ ସୂଚନା**

- ସମସ୍ତ ଚାଷୀଙ୍କୁ ପଞ୍ଜୀକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ ।
- ନୂତନ ପଞ୍ଜୀକରଣ ଫର୍ମ ସହିତ **ଆଧାର କାର୍ଡ଼ର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ,** ଦାଖଲ ହୋଇଥିବା ନୂତନ ଜମି ବିବରଣୀର **RoR ନକଲ** ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସମ୍ପୃକ୍ତ ଜମି ମାଲିକଙ୍କ **ସହମତି ପତ୍ର/ ଆଧାର /ମୋବାଇଲ ନମ୍ବର** ପ୍ରଦାନ କରିବେ । **ଜମି ମାଲିକଙ୍କ ସହମତି ପତ୍ର** ହସ୍ତଗତ ନହେଲେ ଭାଗ ଚାଷୀ ପଞ୍ଜୀକରଣ ସଫଳ ହେବ ନାହିଁ ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନ କରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ ।
- ରବି ଚାଷ କରାଯାଇଥିବା ପ୍ଲଟୱାରୀ ଜମି ବିବରଣୀ ବାବଦରେ ସଠିକ ତଥ୍ୟ ପ୍ରଦାନ କରିବେ, ଅନ୍ୟଥା ଏହା ଗ୍ରହଣୀୟ ହେବ ନାହିଁ ।

ଫର୍ମ ପାଇଁ ସ୍କାନ କରନ୍ତୁ

ଅଧିକ ବିବରଣୀ ପାଇଁ , ଦେୟମୁକ୍ତ **ହେଲ୍ପଲାଇନ ନମ୍ବର ୧୯୬୭** ରେ ଯୋଗାଯୋଗ କରନ୍ତୁ ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର
Foododisha | Food Odisha | Foododishagov | www.Foododisha.gov.in

DSPL-7001/39/2526
OIPR: 7001/7002/2/25-26/0008

## ଲାନ୍ସେଟ୍ ଡାଏଟ୍

ଇଏଟି-ଲାନ୍‌ସେଟ୍ ଡାଏଟ୍ ହେଉଛି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ ଏକ 'ପ୍ଲାନେଟାରୀ ହେଲ୍‌ଥ ଡାଏଟ୍', ଯାହା ମୁଖ୍ୟତଃ ଉଦ୍ଭିଦଜାତ ଖାଦ୍ୟ ଯଥା- ଡାଲି, ଶସ୍ୟ, ଫଳ ଓ ପନିପରିବା ଉପରେ ଆଧାରିତ । ଏଥିରେ ପ୍ରାଣୀଜ ଉତ୍ପାଦର ବ୍ୟବହାର ଅତି ନଗଣ୍ୟ । ୧୭ ଜାନୁଆରୀ ୨୦୧୯ରେ ନରୱେର ଓସଲୋଠାରେ ଆରମ୍ଭ ହୋଇଥିବା ଏହି ଡାଏଟ୍ ମଡେଲ୍‌ର ମୂଳ ଲକ୍ଷ୍ୟ ହେଉଛି ମଣିଷ ଶରୀରକୁ ସଠିକ୍ ପୋଷଣ ଯୋଗାଇବା ସହ ପରିବେଶକୁ ସୁରକ୍ଷିତ ରଖିବା । କାନାଡିଆନ୍ ମେଡିକାଲ୍ ଆସୋସିଏସନ୍ ଜର୍ଣ୍ଣାଲ୍'ରେ ପ୍ରକାଶିତ ଏକ ନୂତନ ଅଧ୍ୟୟନ ଅନୁଯାୟୀ, ଏହି ଡାଏଟ୍ କ୍ରୋନିକ୍ କିଡନୀ ରୋଗର ଆଶଙ୍କାକୁ ଯଥେଷ୍ଟ ହ୍ରାସ କରିଥାଏ, କାରଣ ଏଥିରେ ଥିବା ପ୍ଲାଣ୍ଟ-ବେସଡ୍ ପ୍ରୋଟିନ୍ କିଡନୀ ଉପରେ କମ୍ ଚାପ ପକାଇଥାଏ ଏବଂ ଏହାର ହାଇ-ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀରରୁ ଟକ୍ସିନ୍ କମାଇ କିଡନୀ ଟିସୁକୁ ସୁରକ୍ଷିତ ରଖିବା ସହ ହୃଦ୍‌ରୋଗ, ମଧୁମେହ ଓ ମେଦବହୁଳତା ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ । ଏହି ଡାଏଟ୍ ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ଦୈନିକ ଖାଦ୍ୟ ଥାଳିରେ ଅଧାରୁ ଅଧିକ ଅଂଶ କେବଳ ପନିପରିବା ଏବଂ ଫଳ ରହିବା ଆବଶ୍ୟକ । ଯେଉଁଥିରେ ପ୍ରାୟ ୩୦୦ ଗ୍ରାମ୍ ପନିପରିବା ଏବଂ ୨୦୦ ଗ୍ରାମ୍ ତାଜା ଫଳ ସାମିଲ କରାଯାଇଛି । ପ୍ରୋଟିନ୍‌ର ମୁଖ୍ୟ ଉତ୍ସ ଭାବେ ୭୫ ଗ୍ରାମ୍ ଡାଲି, ୫୦ ଗ୍ରାମ୍ ବାଦାମ ବା ମଞ୍ଜି ଏବଂ ୨୫ ଗ୍ରାମ୍ ସୋୟା ଖାଦ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ଡାଏଟ୍‌ରେ ପ୍ରାଣୀଜ ଉତ୍ପାଦର ପରିମାଣକୁ ଅତି ସୀମିତ ରଖାଯାଇଛି, ଯେଉଁଥିରେ ଦୈନିକ ମାତ୍ର ୨୫୦ ଗ୍ରାମ୍ ଦୁଗ୍ଧଜାତ ଦ୍ରବ୍ୟ, ୨୯ ଗ୍ରାମ୍ କୁକୁଡ଼ା ମାଂସ, ୨୮ ଗ୍ରାମ୍ ମାଛ, ୧୩ ଗ୍ରାମ୍ ଅଣ୍ଡା ଏବଂ ମାତ୍ର ୭ ଗ୍ରାମ ନାଲି ମାଂସ ଖାଇବାକୁ କୁହାଯାଇଛି । ଏହାସହିତ ସୁସ୍ଥ ରହିବା ପାଇଁ ଦୈନିକ ୫୦ ଗ୍ରାମ୍ ଅସନ୍ତୃପ୍ତ ତେଲ ଏବଂ ଚିନିର ପରିମାଣକୁ ୩୧ ଗ୍ରାମ୍‌ରୁ କମ୍ ରଖିବା ପାଇଁ ଏହି ଖାଦ୍ୟ ତାଲିକାରେ ନିର୍ଦ୍ଦେଶ ଦିଆଯାଇଛି ।



## ସୋସିଆଲ କୋଟ୍ସ



ସଞ୍ଜୟ ଲିଲା ଭଂସାଳୀଙ୍କ ସହିତ କାମ କରିବା ଯେତିକି ଶିକ୍ଷଣୀୟ ଥିଲା ସେତିକି କଷ୍ଟ ମଧ୍ୟ ଥିଲା । ସିନ୍ କରିବା ପୂର୍ବରୁ ମୋତେ ଡର ଲାଗୁଥିଲା । ମୁଁ ଏହି ସେଟ୍‌ରୁ ଅନେକ କିଛି ଶିଖିଛି ।

**ଫରଦିନ୍ ଖାନ୍, ଅଭିନେତା**



ବାପାଙ୍କୁ ଆମେ ସବୁ ସମୟରେ ମନେ ପକାଉଛୁ । ସେ ଆମ ଘରର ଷ୍ଟ୍ରେନ୍ଥ ଥିଲେ । ସେ ସମସ୍ତଙ୍କୁ ପାଇଁ ଅଭୁଲା ହୋଇ ରହିବେ ।

**ରିଦ୍ଧିମା କପୁର, ଋଷି କପୁରଙ୍କ ଝିଅ**



ମୋତେ ଅଭିନୟ ପାଇଁ ପିଲାଦିନରୁ ଆଗ୍ରହ ଥିଲା । ମୋତେ ପିଲାଦିନେ ଗପ କହିବାକୁ ଖୁବ ଭଲ ଲାଗିଥାଏ । ସେଥିରୁ ଅଭିନୟ ପାଇଁ ଭଲ ପାଇବା ଆରମ୍ଭ ହୋଇଥିଲା ।

**ଆୟୁଷ ଶର୍ମା, ଅଭିନେତା**

## ମଲାଇ ଗୁଜିଆ

**ସାମଗ୍ରୀ** - ୨କପ ଖୀର ସର, ୨ କପ ମଇଦା, ୨୦୦ଗ୍ରାମ ପାଉଡର ଚିନି, ଅଧା ଚାମଚ ଗୁଜୁରାତି ଗୁଣ୍ଡ, ଅଧା କପ୍ ବିଭିନ୍ନ ବାଦାମ ମଞ୍ଜି, ଅଧା କପ ନଡିଆ କୋରା ।

**ପ୍ରଣାଳୀ-** ପ୍ରଥମେ ସର, ନଡିଆ କୋରା ଓ ଚିନିକୁ ଶୁଖିଲା କରି ଭାଜିନିଅନ୍ତୁ । ଏହାପରେ ଘିଅରେ ବାଦାମ ଓ ପୂର୍ବ ପ୍ରସ୍ତୁତ ସର ଭଜାକୁ ମିଶାଇ ଭାଜନ୍ତୁ । ପରେ ମଇଦାରେ ଏକ ଚକଟା ପ୍ରସ୍ତୁତ କରନ୍ତୁ । ଏଥିରୁ ପେଡା ପ୍ରସ୍ତୁତ କରି ଛୋଟଛୋଟ ରୁଟି ଭଳି ବେଲନ୍ତୁ । ଏହାପରେ ଏଥିରେ ପୁର ଦେଇ ପ୍ରସ୍ତୁତ କରନ୍ତୁ ଗୁଜିଆ ଏବଂ ଏହି ଗୁଜିଆକୁ ଘିଅରେ ଛାଣି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ମଲାଇ ଗୁଜିଆ ।





## ଅଭିନେତ୍ରୀଙ୍କୁ ମାଡ ଅଭିଯୋଗ

ନିଜର ବିବାଦୀୟ ବୟାନ ଏବଂ ବୋଲ୍ଡ ପୋଷାକ ପାଇଁ ଚର୍ଚ୍ଚାରେ ରହୁଥିବା ଅଭିନେତ୍ରୀ ଖୁସି ମୁଖାର୍ଜୀଙ୍କୁ ଦୁବାଇର ଏକ ରାସ୍ତାରେ ଜଣେ ବ୍ୟକ୍ତି ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି । ଘଟଣାର ଏକ ଭିଡିଓ ସେ ନିଜ ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି । ଯେଉଁଥିରେ ସେ କାନ୍ଦି କାନ୍ଦି ନିଜର ଦୁଃଖ ପ୍ରକାଶ କରିଛନ୍ତି । ଖୁସିଙ୍କ କହିବା ଅନୁଯାୟୀ, ଦୁବାଇରେ କିଛି ଲୋକ ବିନା କାରଣରେ ତାଙ୍କ ସହ ଶତ୍ରୁତା କରୁଛନ୍ତି । ଏପରିକି ସେଠାକାର ପୋଲିସ ମଧ୍ୟ ତାଙ୍କୁ କୌଣସି ସାହାଯ୍ୟ କରୁନାହିଁ ବୋଲି ସେ ବ୍ୟକ୍ତ କରିଛନ୍ତି । ଭିଡିଓରେ ସେ ରାସ୍ତାରେ ଚାଲିବା ଏକ ଅପରାଧ ପାଲଟିଛି ବୋଲି କହିବା ସହ ବାଇକରେ ଯାଉଥିବା ଜଣେ ବ୍ୟକ୍ତି ତାଙ୍କୁ ମାରିଥିବା ଦାବି କରିଛନ୍ତି । ଯଦିଓ ସେୟାର କରାଯାଇଥିବା ଭିଡିଓର ପୃଷ୍ଠଭୂମି ଦୁବାଇ ବଦଳରେ ଭାରତର ବୋଲି ଲୋକ କମେଣ୍ଟ ଦେଉଛନ୍ତି । ପୂର୍ବରୁ ଦୀପାବଳି ସମୟରେ ମୁମ୍ବାଇର ଏକ ରାସ୍ତାରେ ବାଣ ଦୋକାନୀ ଏବଂ ପୋଲିସ କର୍ମଚାରୀଙ୍କ ସହ ଦୁର୍ବ୍ୟବହାର କରି ଖୁସି ବିବାଦକୁ ଆସିଥିଲେ । ତେଣୁ ଭିଡିଓର ସତ୍ୟତାକୁ ନେଇ ବର୍ତ୍ତମାନସୁଦ୍ଧା କିଛି ଆଧିକାରୀକ ଘୋଷଣା କରାଯାଇନାହିଁ ।

## ଶରୀରରେ କଣ୍ଟାଥିବା ଡାଇନୋସର

ଚୀନରୁ ଏକ ଏପରି ଡାଇନୋସରର ଜୀବାଶ୍ମ ଆବିଷ୍କୃତ ହୋଇଛି, ଯାହାର ଶରୀର କଣ୍ଟାରେ ଆବୃତ, ଯାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା । ଲିଆଓନିଙ୍ଗ ପ୍ରଦେଶର ସିଆଓଜିଆଜି ଗ୍ରାମ ନିକଟରୁ ମିଳିଥିବା ଏହି ଜୀବାଶ୍ମଟି ପ୍ରାୟ ୧୨୫ ନିୟୁତ ବର୍ଷ ପୁରୁଣା ଏବଂ ଏହାର ନାମ ପ୍ରଖ୍ୟାତ ପାଲିଓଣ୍ଟୋଲୋଜିଷ୍ଟ ଡଙ୍ଗ ଜିମିଙ୍ଗଙ୍କ ସ୍ମୃତିରେ 'ହାଓଲଙ୍ଗ୍ ଡଙ୍ଗି' ରଖାଯାଇଛି । ଏହି ଜୀବାଶ୍ମଟି ଏତେ ସୁରକ୍ଷିତ ଅବସ୍ଥାରେ ଅଛି ଯେ ଏକ୍ସ-ରେ ସ୍କାନ ଏବଂ ହାଇ-ରିଜୋଲ୍ୟୁସନ ମାଇକ୍ରୋସ୍କୋପ୍ ସାହାଯ୍ୟରେ ଗବେଷକମାନେ ଏହାର ସେଲଗୁଡ଼ିକୁ ମଧ୍ୟ ସ୍ପଷ୍ଟ ଦେଖିବାକୁ ସକ୍ଷମ ହୋଇଛନ୍ତି । ପରୀକ୍ଷାରୁ ଜଣାପଡ଼ିଛି ଯେ ଏହି କଣ୍ଟାଗୁଡ଼ିକ ହାଡ଼ର ଅଂଶ ନୁହେଁ, ବରଂ ଏହାର ଚର୍ମର ଏକ ସ୍ୱତନ୍ତ୍ର ସଂରଚନା ଥିଲା ।



ଇଗୁଆନୋଡୋଣ୍ଟିଆ ଗ୍ରୁପ୍‌ର ଅନ୍ତର୍ଭୁକ୍ତ ଏହି ତୃଣଭୋଜୀ ଡାଇନୋସର ନିଜକୁ ଶିକାରୀଙ୍କ କବଳରୁ ରକ୍ଷା କରିବା ପାଇଁ ଏହି କଣ୍ଟାକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ବେଳେ ଏହା ଶରୀରର ତାପମାତ୍ରା ନିୟନ୍ତ୍ରଣ ଏବଂ ପରିବେଶର ପରିବର୍ତ୍ତନକୁ ଅନୁଭବ କରିବାରେ ମଧ୍ୟ ସାହାଯ୍ୟ କରୁଥିବା ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି । ଯେହେତୁ ଏହି ଜୀବାଶ୍ମଟି ଏକ କମ୍ ବୟସ୍କ ଡାଇନୋସରର, ତେଣୁ ବୟସ୍କ ହେବା ପରେ ମଧ୍ୟ ଏହି କଣ୍ଟାଗୁଡ଼ିକ ରହୁଥିଲା କି ନାହିଁ, ତାହା ଅଧିକ ଗବେଷଣା ପରେ ହିଁ ସ୍ପଷ୍ଟ ହୋଇପାରିବ ।

## ଇତିହାସ

୧୬୨୪- ସ୍ପେନ୍ ବିରୋଧରେ ଇଂଲଣ୍ଡ ଯୁଦ୍ଧ ଘୋଷଣା କଲା ।

୧୮୦୧- ଗ୍ରେଟ୍‌ବ୍ରିଟେନ୍‌ରେ ପ୍ରଥମ ଥର ପାଇଁ ଜନଗଣନା କରାଗଲା ।

୧୮୭୬- ଟେଲିଫୋନ୍ ଆବିଷ୍କାର କରିବା ପରେ ଆଲେକ୍‌ଜାଣ୍ଡାର ଗ୍ରାହାମ୍ ବେଲ୍ ତାଙ୍କ ସହଯୋଗୀ ୱାଟସନ୍‌ଙ୍କ ସହିତ ପ୍ରଥମ ଥର ପାଇଁ ଟେଲିଫୋନ୍‌ରେ କଥା ହେଲେ ।

୧୯୨୨- ଜାତିର ପିତା ମହାତ୍ମା ଗାନ୍ଧିଙ୍କୁ ରାଜଦ୍ରୋହୀ ଅଭିଯୋଗରେ ଗିରଫ କରାଗଲା ।

୧୯୩୨- ମହାକାଶ ବୈଜ୍ଞାନିକ ଓ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଉଡୁପି ରାମଚନ୍ଦ୍ର ରାଓଙ୍କ ଜନ୍ମ ।

୧୯୪୫- ଭିଏତନାମକୁ ସ୍ୱତନ୍ତ୍ର ଦେଶ ରୂପେ ଘୋଷଣା କଲା ।

୧୯୪୫- ଆମେରିକୀୟ ସେନା ଜାପାନରେ ବିସ୍ଫୋରଣ କରିବା ଫଳରେ ଲକ୍ଷାଧିକ ଲୋକ ଗୁରୁତର ଆହତ ହୋଇଥିଲେ ।

୨୦୧୦- ରାଜ୍ୟସଭାରେ ମହିଳା ଆରକ୍ଷଣ ବିଲ୍ ପାରିତ ହେଲା ।

## କ୍ୟାନ୍ସର ଚିକିତ୍ସାର ନୂଆ ପଦ୍ଧତି

କ୍ୟାନସର ଚିକିତ୍ସା ପାଇଁ ବିଭିନ୍ନପ୍ରକାରର ପନ୍ଥା ସମସ୍ତେ ଆପଣାଇଥାଆନ୍ତି । ଏହି କ୍ରମରେ ୟୁନିଭର୍ସିଟି ଅଫ୍ ୱାଟରଲୁର ଗବେଷକମାନେ କ୍ୟାନ୍ସର ବିରୋଧରେ ଲଢ଼େଇ ପାଇଁ ଏକ ଅଭିନବ ପଦ୍ଧତି ବିକଶିତ କରିଛନ୍ତି । ଯେଉଁଥିରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ବ୍ୟାକ୍ଟେରିଆ ବ୍ୟବହାର କରାଯାଇ ଟ୍ୟୁମରକୁ ଭିତର ପଟୁ ଭଲ କରାଯାଇପାରିବ । ସାଧାରଣତଃ କଠିନ ଟ୍ୟୁମରଗୁଡ଼ିକ ଯେତେବେଳେ ଦ୍ରୁତ ଗତିରେ ବଢ଼ନ୍ତି, ସେଠାରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇ ଅମ୍ଳଜାନର ଅଭାବ ଦେଖାଦିଏ । ଯାହାକୁ ଏକ ଅମ୍ଳଜାନ-ମୁକ୍ତ ବା 'ଅକ୍ସିଜେନ୍ ଡେଫିସିଏଣ୍ଟ' ଅଞ୍ଚଳ କୁହାଯାଏ । ଏହି ଦୁର୍ବଳତାର ସୁଯୋଗ ନେବା ପାଇଁ ବୈଜ୍ଞାନିକମାନେ 'କ୍ଲୋଷ୍ଟ୍ରିଡିୟମ୍ ସ୍ପୋରୋଜେନସ୍' ନାମକ ଏକ ବ୍ୟାକ୍ଟେରିଆ ଉପରେ କାମ କରୁଛନ୍ତି, ଯାହା କେବଳ ଅମ୍ଳଜାନ ନଥିବା ସ୍ଥାନରେ ହିଁ ବଞ୍ଚିପାରେ । ଟ୍ୟୁମରର କେନ୍ଦ୍ର ଭାଗରେ ଅମ୍ଳଜାନ ସ୍ତର ଅତ୍ୟନ୍ତ କମ୍ ଥିବାରୁ ଏହି ବ୍ୟାକ୍ଟେରିଆ ସେଠାରେ ଦ୍ରୁତ ଗତିରେ ବଂଶବୃଦ୍ଧି କରି କର୍କଟ ଟିସୁଗୁଡ଼ିକୁ ନଷ୍ଟ କରିବାକୁ ଆରମ୍ଭ କରନ୍ତି । ପୂର୍ବରୁ ଏହି ପଦ୍ଧତିରେ ଏକ ବଡ଼ ସମସ୍ୟା ଥିଲା ଯେ, ଟ୍ୟୁମରର ବାହାର ପାର୍ଶ୍ୱରେ ସାମାନ୍ୟ ଅମ୍ଳଜାନ ଥିବାରୁ ଏହି ବ୍ୟାକ୍ଟେରିଆ ମରିଯାଉଥିଲେ ଏବଂ ସମ୍ପୂର୍ଣ୍ଣ ଟ୍ୟୁମରକୁ ନଷ୍ଟ କରିପାରୁନଥିଲେ । ଏହି ଚାଲେଞ୍ଜର ମୁକାବିଲା କରିବାକୁ ବୈଜ୍ଞାନିକମାନେ ଏକ ନିର୍ଦ୍ଦିଷ୍ଟ ଜିନ୍ ବ୍ୟବହାର କରି ବ୍ୟାକ୍ଟେରିଆକୁ 'ଅମ୍ଳଜାନ ସହିଷ୍ଣୁ' କରିଛନ୍ତି, ଯାହା ଫଳରେ ସେମାନେ ଟ୍ୟୁମରର ବାହାର ପାର୍ଶ୍ୱରେ ମଧ୍ୟ କିଛି ସମୟ ବଞ୍ଚି ରହି ଚିକିତ୍ସା ଜାରି ରଖିପାରିବେ । ତେବେ ଏହା ସୁରକ୍ଷା ଦୃଷ୍ଟିକୋଣରୁ ଏକ ଚିନ୍ତାର ବିଷୟ ମଧ୍ୟ ସୃଷ୍ଟି କରିଛି, କାରଣ ଯଦି ଏହି ବ୍ୟାକ୍ଟେରିଆ ଶରୀରର ଅନ୍ୟ ଅଂଶ ଯେପରିକି ରକ୍ତ ପ୍ରବାହରେ ସକ୍ରିୟ ହୋଇଯାନ୍ତି, ତେବେ ତାହା ବିପଜ୍ଜନକ ହୋଇପାରେ । ବର୍ତ୍ତମାନ ଗବେଷକମାନେ ଏହି ପ୍ରଯୁକ୍ତିକୁ ଅଧିକ ସୁରକ୍ଷିତ ଏବଂ ପ୍ରଭାବଶାଳୀ କରିବା ପାଇଁ ପରୀକ୍ଷା ନିରୀକ୍ଷା ଜାରି ରଖିଛନ୍ତି ।





**ମେଷ-** ଅର୍ଥପ୍ରାପ୍ତି, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ଆଶା ସଫଳ, ଦାମ୍ପତ୍ୟ ସୁଖ, ସନ୍ତାନ ସମସ୍ୟା, ନୂତନ ନିଯୁକ୍ତି, ବ୍ୟବସାୟରେ ଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ଭଗବାନ ଶଙ୍କର ।

**ବୃଷ-** ଶତ୍ରୁରେ ବିଜୟ, ଦେବକାର୍ଯ୍ୟରେ ଆଗ୍ରହ, ଦୂରଯାତ୍ରା, ଶାରୀରିକ ପରିଶ୍ରମ, ହଠାତ୍ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ ଅର୍ଥଲାଭ, ପଦମର୍ଯ୍ୟାଦା ବୃଦ୍ଧି, ସୁସମାଚାର, ସୁମିଷ୍ଟ ଭୋଜନ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା- ପ୍ରଭୁ ଜଗନ୍ନାଥ ।

**ମିଥୁନ-** ସନ୍ତାନ ସମସ୍ୟା, ବ୍ୟବସାୟରେ ମଧ୍ୟମ ଫଳ, ଉଚ୍ଚଆଶାରେ ବିଫଳ, ଲୋକସମ୍ପର୍କ ବୃଦ୍ଧି, ନୂତନ କାର୍ଯ୍ୟ ଆରମ୍ଭ, ଅର୍ଥ ସମସ୍ୟା, ଦାମ୍ପତ୍ୟ ସୁଖ, ଶରୀର ସୁସ୍ଥ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୭, ଆରାଧନା- ମା ଭଗବତୀ ।

**କର୍କଟ-** ଶୁଭକାର୍ଯ୍ୟରେ ଧନବ୍ୟୟ, ବ୍ୟବସାୟରେ ଲାଭ, ଦେବଦର୍ଶନ, ଶରୀର ସୁସ୍ଥ,ବନ୍ଧୁଲାଭ, ସମ୍ମାନ ପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ କଷ୍ଟ, ସ୍ୱାଦିଷ୍ଟ ଭୋଜନ ପ୍ରାପ୍ତି, ଶୁଭଖବର, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ସିଂହ-** ସହଯୋଗ ପ୍ରାପ୍ତି, ମାନସିକ ଶାନ୍ତି, ଦୂରଯାତ୍ରାରେ ସଫଳ, ବ୍ୟବସାୟରେ ସମସ୍ୟା, କାର୍ଯ୍ୟ ସଫଳ, ବନ୍ଧୁଲାଭ, ଶରୀର ସୁସ୍ଥ, କର୍ମରେ ସୁଖ, ଶତ୍ରୁ ସମସ୍ୟା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ଗୋମାତାଙ୍କ ସେବା ।

**କନ୍ୟା-** ସମ୍ମାନ ବୃଦ୍ଧି, ସୁସମ୍ବାଦ ପ୍ରାପ୍ତି, ବାଣିଜ୍ୟରେ ଲାଭ, ଦାମ୍ପତ୍ୟ ଖୁସି, ସମସ୍ୟା ସମାଧାନ, ଦେବଦର୍ଶନ, ସମ୍ପତ୍ତି ଲାଭ, ନୂତନ ନିଯୁକ୍ତି, ଦୂରଯାତ୍ରାରେ ସଫଳ, ଦ୍ରବ୍ୟ ଲାଭ, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୧୦, ଆରାଧନା- ମା ଦକ୍ଷିଣକାଳୀ ।

**ତୁଳା-** କର୍ମରେ ଆନନ୍ଦ, ବନ୍ଧୁ ସାହାଯ୍ୟ, ବ୍ୟବସାୟରେ କଷ୍ଟ, ଦାମ୍ପତ୍ୟ ସୁଖ, ଲୋକସମ୍ପର୍କ ବୃଦ୍ଧି, ନୂତନ କର୍ମ ଆରମ୍ଭ, ମାନସିକ ଅବସାଦ, ଉଚ୍ଚଆଶାରେ ବିଫଳ, ସନ୍ତାନ ସୁଖ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ମା ଗ୍ରାମଦେବତୀ ।

**ବିଛା-** ଅନୁଷ୍ଠାନରୁ ଲାଭ, ଶୁଭ ଖବର, ସମ୍ପତ୍ତି ଲାଭ, ଶତ୍ରୁ ପରାଜିତ, ଗୃହରେ ସମସ୍ୟା, ନୂତନ କର୍ମ ଆରମ୍ଭ, ଦୂରଯାତ୍ରାରେ ସଫଳ, ସ୍ୱାଦିଷ୍ଟ ଭୋଜନ, ମାନସିକ ଶାନ୍ତି, ବିଶିଷ୍ଟ କାର୍ଯ୍ୟରେ ନିନ୍ଦିତ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ନାରାୟଣ ।

**ଧନୁ-** ପ୍ରୀତି ବୃଦ୍ଧି, ସମ୍ପର୍କରେ ଉନ୍ନତି, ଯାତ୍ରାରେ ସାବଧାନ, ବ୍ୟବସାୟରେ କଷ୍ଟ, ଶରୀର ଅସୁସ୍ଥ, ଶତ୍ରୁ ସମସ୍ୟା, କର୍ମକ୍ଷେତ୍ରରେ ଶାନ୍ତି, ଦାମ୍ପତ୍ୟ ସୁଖ, ସନ୍ତାନ ସୁଖ, ଋଣଗ୍ରସ୍ତ, ନୂତନ ସମସ୍ୟା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**ମକର-** କର୍ମରେ ଆନନ୍ଦ, ଦୂରଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି ଦେବଦର୍ଶନ, ଆଶାରେ ସଫଳତା, ଦ୍ରବ୍ୟ ଲାଭ, ଶତ୍ରୁ ପରାଜିତ, ବ୍ୟବସାୟରେ ସ୍ୱଳ୍ପ ଲାଭ, ମାନସିକ ଅବସାଦ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣୀ, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**କୁମ୍ଭ-** ଅର୍ଥଲାଭ, ବନ୍ଧୁବିଦ୍ରୋହ, ଦୂରଯାତ୍ରାରେ ସତର୍କ, ଅତିଥିଲାଭ, ଶରୀର ଅସୁସ୍ଥ, ସନ୍ତାନ ସମସ୍ୟା, ଉଚ୍ଚଆଶାରେ ବିଫଳ, ଗାଡ଼ିଚାଳନାରେ ସାବଧାନ, ବ୍ୟବସାୟରେ ଲାଭ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ପ୍ରତିକାର- ମା ବିମଳା ।

**ମୀନ-** ସ୍ୱାସ୍ଥ୍ୟହାନି, ସମ୍ପର୍କରେ ଫାଟ, ଆଶାରେ ବିଫଳ, ଅର୍ଥ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଦେବଦର୍ଶନ, ମାନସିକ ଅବସାଦ, ନୂତନ କର୍ମରେ ସଫଳ, ଦ୍ରବ୍ୟନଷ୍ଟ, ଶତ୍ରୁ ସମସ୍ୟା, ଉତ୍ତରାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା କୋଚିଲାଇ ।

**ଚୈତ୍ର କୃଷ୍ଣପକ୍ଷ, ସପ୍ତମୀ**
**୧୦.୩.୨୦୨୬ ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ନେଇ ଗୃହରେ ଉଦ୍‌ବେଗ

# ଖୁବଶୀଘ୍ର ୧୮୫୦ ଡାକ୍ତର, ୪୫୦୦ ନର୍ସିଂ ଅଫିସରଙ୍କୁ ନିଯୁକ୍ତି : ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ଥିବା ସରକାରୀ ହସ୍ପିଟାଲ ଗୁଡିକରେ ଡାକ୍ତର, ନର୍ସିଂ ଅଫିସର ଓ ପାରାମେଡ଼ିକାଲ କର୍ମଚାରୀ ପଦବୀ ଖାଲି ପଡିଛି। ଏହାକୁ ନେଇ ବିଧାନସଭାରେ ବିଧାୟକମାନେ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ନିଯୁକ୍ତି ଲାଗି ଦାବି ରଖିଥିଲେ। ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ଖାଲିଥିବା ଡାକ୍ତର ପଦବୀ ଓ ନର୍ସିଂ ଅଫିସର ପଦବୀ ପୂରଣ କରିବାକୁ ଯାଉଛନ୍ତି ସରକାର। ବିଧାୟକ ସରୋଜ କୁମାର ପାଢ଼ୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଥିଲେ ଗଞ୍ଜାମ ଜିଲ୍ଲାରେ ଗୋଟିଏ ସରକାରୀ ନର୍ସିଂ କଲେଜ ଓ ଗୋଟିଏ ସରକାରୀ ଏଏନଏମ ଟ୍ରେନିଂ ସେଣ୍ଟର ଚାଲୁଛି। ୨୦୨୫-୨୬ ଶିକ୍ଷା ବର୍ଷରେ ଗଞ୍ଜାମ ଜିଲ୍ଲାରେ ୨୯ଟି ବେସରକାରୀ ଟ୍ରେନିଂ ଅନୁଷ୍ଠାନ ଅଛି। ଯେଉଁ ଜିଲ୍ଲା ଗୁଡିକରେ ସରକାରୀ ନର୍ସିଂ କଲେଜ ନାହିଁ, ସେଠାରେ ପର୍ଯ୍ୟାୟକ୍ରମେ ନର୍ସିଂ ଶିକ୍ଷା ପାଠ୍ୟକ୍ରମ ଖୋଲିବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି।

ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ବିଧାୟକ ଦିବ୍ୟଶଙ୍କର ମିଶ୍ର ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଥିଲେ, ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଯେଉଁ ଜିଲ୍ଲାରେ ଆବଶ୍ୟକ ଥିବା ସେଠାରେ ନିଶ୍ଚିତ ଭାବେ ନର୍ସିଂ କଲେଜ ଖୋଲାଯିବ। ଟ୍ରୋମା କେୟାର ସେଣ୍ଟର ଖୋଲିବାକୁ ୩ଟି ପର୍ଯ୍ୟାୟ ରହିଛି ଏବଂ ସେହି ନିୟମ ଅନୁଯାୟୀ ଟ୍ରମାକେୟାର ସେଣ୍ଟର ଖୋଲିଥାଏ। ସେହିପରି କଳାହାଣ୍ଡି ଜିଲ୍ଲାରେ ନର୍ସିଂ କଲେଜ କାର୍ଯ୍ୟକ୍ଷମ ଅଛି ବୋଲି ସେ ସୂଚନା ଦେଇଥିଲେ।

ବିଧାୟିକା ଶୋଫିଆ ଫିରଦୋଶଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ଏସ୍‌ସିବି ମେଡ଼ିକାଲରେ ଏବେ ୧୪୦ ଜଣ ଆଉଟସୋର୍ସିଂ ନର୍ସିଂ ଅଫିସର ଅଛନ୍ତି। ଯେଉଁମାନେ ଆଉଟ ସୋର୍ସିଂ ଭାବେ କାର୍ଯ୍ୟରତ ଅଛନ୍ତି ସେମାନଙ୍କ ନିୟମିତ ହୋଇପାରିବ ନାହିଁ। ରାଜ୍ୟରେ ୪,୫୦୦ ନର୍ସିଂ ଅଫିସର ନିଯୁକ୍ତି ପାଇଁ ଓଏସଏସଏସସିକୁ ବିଜ୍ଞପ୍ତି ଲାଗି କୁହାଯାଇଛି। ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରଶ୍ନ କରିଥିଲେ ଯେ, ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କ ଅଭାବ ରହିଛି। ଉତ୍ତରରେ ମନ୍ତ୍ରୀ କହିଥିଲେ ରାଜ୍ୟରେ ଏବେ ୧୮୫୦ ଜଣ ଡାକ୍ତର ଖୁବ ଶୀଘ୍ର ନିଯୁକ୍ତି ହେବେ। ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଜ୍ୟରେ ଏବେ ୪୨୮ଟି ନୂଆ ଆମ୍ବୁଲାନ୍ସ ଯୋଡି ହୋଇଛି। ୩୦ ମିନିଟ୍ ଭିତରେ ଆମ୍ବୁଲାନ୍ସ ପହଞ୍ଚିବାକୁ ଥିବା ବେଳେ ଏହାର ସମୟ ଅବଧିକୁ ହ୍ରାସ କରିବାକୁ ସରକାରୀ ଚିନ୍ତା କରୁଛନ୍ତି। ବିଧାୟକ ତାରା ପ୍ରସାଦ ବାହିନୀପତି, ବିଧାୟକ ପବିତ୍ର ସାଉଁନ୍ତା, ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ଆମ ସରକାର ଆସିବାର ୧୬ ମାସ ଭିତରେ ୬୦୦୦ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ନିଯୁକ୍ତ ହୋଇଛନ୍ତି।

ବିଧାୟିକା ସୁବାସିନୀ ଜେନା, ବିଧାୟକ ଅଶୋକ ଦାସ, ବିଧାୟକ ଅମରେନ୍ଦ୍ର ଦାସ, ବିଧାୟକ ଗୌତମ ଦାସ, ବିଧାୟକ ଡା. ଫକୀର ମୋହନ ନାୟକ, ବିଧାୟକ ପ୍ରତାପ କେଶରୀ ଦେବଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଜ୍ୟରେ ୧୬ଟି ସରକାରୀ ଏମବିବିଏସ୍ ମେଡ଼ିକାଲ କଲେଜ ରହିଛି। ସେଥିରେ ୧୮୦୦ ଏମବିବିଏସ ସିଟ୍ ଥିବା ବେଳେ ପିଜି ପାଇଁ ୬୧୫ ଓ ୫୭ଟି ସୁପର ସ୍ପେଶାଲିଷ୍ଟ ସିଟ୍ ରହିଛି। ଏହା ସହ ୬ଟି ଘରୋଇ ମେଡ଼ିକାଲ କଲେଜ ରହିଛି। ଘରୋଇ ମେଡ଼ିକାଲ କଲେଜରେ ୧୧୦୦ ଏମ୍‌ବିବିଏସ୍ ସିଟ୍ ଥିବା ବେଳେ ୪୪୨ ପିଜି ଓ ୬୪ଟି ସୁପର ସ୍ପେଶାଲିଷ୍ଟଙ୍କ ପାଇଁ ସିଟ୍ ରହିଛି। ଏମ୍ସରେ ୧୨୫ଟି ଏମ୍‌ବିବିଏସ୍ ଥିବା ବେଳେ ୧୧୬ଟି ପିଜି ଓ ୨୫ଟି ସୁପର ସ୍ପେଶାଲିଷ୍ଟ ସିଟ୍ ରହିଛି। ନୂଆ ମେଡ଼ିକାଲ କଲେଜରେ ପାଠ୍ୟକ୍ରମ ଜାରି ରଖିଥିବା ଡାକ୍ତର ଛାତ୍ର ଛାତ୍ରୀ ନିଯୁକ୍ତି ପାଇବେ। ଆଗାମୀ ଦୁଇ ବର୍ଷରେ ୧୦୦୦ ଏମ୍‌ବିବିଏସ୍ ଡାକ୍ତର ବାହାରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଉତ୍ତରରେ କହିଥିଲେ।

# ବିଧାନସଭା



## ଲୋକସେବା ଭବନରେ ଖାଲି ପଡିଛି ବଡ଼ ବାବୁଙ୍କ ପଦବୀ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ପ୍ରଶାସନିକ ପ୍ରାଣକେନ୍ଦ୍ର କୁହାଯାଉଥିବା ସଚିବାଳୟରେ ଏବେ ଅଧିକାରୀଙ୍କ ଘୋର ଅଭାବ ଦେଖାଦେଇଛି । ଲୋକସେବା ଭବନରେ ଖାଲି ପଡିଛି ବଡ଼ ବାବୁଙ୍କ ପଦବୀ । ବିଧାନସଭାରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଚିନ୍ତାଜନକ ତଥ୍ୟ ପ୍ରଦାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ସଚିବାଳୟର ବିଭିନ୍ନ ବର୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛି । ସବୁଠାରୁ ଅଧିକ ୩୬୫ଟି ଉପବିଭାଗ ଅଧିକାରୀ ଏବଂ ୩୪୮ଟି ସହକାରୀ ଉପବିଭାଗ ଅଧିକାରୀ ପଦବୀ ଶୂନ୍ୟ ରହିଛି । ଏହା ବ୍ୟତୀତ ୧୦୫ ଜଣ ଅନୁଶାସନ ସଚିବ, ଜଣେ ଅତିରିକ୍ତ ଶାସନ ସଚିବ, ୨ ଜଣ ଯୁଗ୍ମ ଶାସନ ସଚିବ, ୨ ଜଣ ଉପ ଶାସନ ସଚିବ ଏବଂ ୪ ଜଣ ଡେସ୍କ ଅଫିସରଙ୍କ ପଦବୀ ମଧ୍ୟ ପୂରଣ ହୋଇନାହିଁ ।

ଏତେ ସଂଖ୍ୟକ ପଦବୀ ଖାଲି ରହିବା ଫଳରେ ସରକାରୀ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ବାଧା ସୃଷ୍ଟି ହେବା ସହ କାର୍ଯ୍ୟରତ ଅଧିକାରୀଙ୍କ ଉପରେ ଚାପ ବଢୁଛି । ପ୍ରଶାସନିକ ସ୍ୱଚ୍ଛତା ଓ ସରକାରୀ ଯୋଜନାର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ଏହି ଶୂନ୍ୟସ୍ଥାନଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା ଏବେ ନୂତନ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି । ଯଦି ଏହି ପଦବୀଗୁଡ଼ିକ ଶୀଘ୍ର ପୂରଣ ନହୁଏ, ତେବେ ସଚିବାଳୟର ଗତିଶୀଳତା ପ୍ରଭାବିତ ହେବାର ସମ୍ଭାବନା ରହିଛି ।

## ଗୃହରେ ଉଠିଲା ଚାଷୀ ମୃତ୍ୟୁ ପ୍ରସଙ୍ଗ

ଭୁବନେଶ୍ୱର,(ସବ୍ୟୁ): ଚାଷୀ ସମସ୍ୟା କଥା ସରକାର ଶୁଣୁନାହାନ୍ତି। ଗୁରୁବାର ବାରମ୍ବାର ଚାଷୀ ସମସ୍ୟା ପ୍ରସଙ୍ଗ ଉଠୁଛି। ଚାଷୀଙ୍କୁ ଟୋକନ ଦିଆଯାଉଛି, ସେହି ଅନୁପାତରେ ଧାନ କିଣାଯାଉନି। ରାଜନଗରର ତ୍ରିଲୋଚନ ନାୟକ ନାମକ ଜଣେ ଚାଷୀ ମଣ୍ଡିକୁ ଯାଇଥିଲେ ଧାନ ବିକି ବାକୁ। ହେଲେ ମଣ୍ଡିରେ ଧାନ ନକିଣି ମିଲ୍‌କୁ ପଠାଇ ଦେଲେ। ସେଠାରେ ୩ ଦିନ ପଡିରହି ଧାନବିକ୍ରି କଲେ ତ୍ରିଲୋଚନ ନାୟକ। ସେଠାରେ ତାଙ୍କ ଅବସ୍ଥା ଖରାପ ହୋଇଥିଲା ପରେ ସେ ମୃତ୍ୟୁବରଣ କରିଥିଲେ ବୋଲି ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏଭଳି ଅଭିଯୋଗ ଆଣିଛନ୍ତି। ଶୂନ୍ୟକାଳରେ ଶ୍ରୀମତୀ ମଲ୍ଲିକ କହିଥିଲେ, କେନ୍ଦ୍ରାପଡ଼ା ନୁହେଁ, ସାରା ଓଡ଼ିଶାରେ ଚାଷୀ ହନ୍ତସନ୍ତ ହେଉଛନ୍ତି। କେଉଁଠି ଧାନ ଗଜା ହେଲାଣି ତ ଆଉ କେଉଁଠି ଧାନ ନଷ୍ଟ ହୋଇଗଲାଣି। ତେଣୁ ମନ୍ତ୍ରୀ ଗୃହରେ ବିବୃତ୍ତି ରଖନ୍ତୁ ବୋଲି ଦାବି କରିଥିଲେ। ଏହି ସମୟରେ ସମସ୍ତ ବିଜେଡ଼ି ସଭ୍ୟମାନେ ବାଚସ୍ପତି ରୁଲି ଦାବି କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ରୁଲିଂ ଦେଇ କହିଥିଲେ ଯେ, ବିଧାନସଭା ଏହି ଅଧିବେଶନ ସରିବା ପୂର୍ବରୁ ମନ୍ତ୍ରୀ ଚାଷୀମନ୍ତ୍ରୀ ସମ୍ପର୍କରେ ତଦନ୍ତ କରି ଗୃହକୁ ଜଣାଇବାକୁ। ଏହାପରେ ବିଜେଡ଼ି ସଭ୍ୟମାନେ ନିଜ ସିଟରେ ବସିଥିଲେ।

## ପେସା ଆଇନ ଲାଗୁ ପାଇଁ ଭୁଲି ଗଲେ ସରକାର

ଭୁବନେଶ୍ୱର,(ସବ୍ୟୁ): ଜଙ୍ଗଲଜମି ଆଦିବାସୀଙ୍କ ଅଧିକାର। ୧୯୯୬ ମସିହାରେ କେନ୍ଦ୍ର ସରକାର ପେସା ଆକଫଂ ଲାଗୁ କରିଥିଲେ। ଓଡ଼ିଶା ହେଉଛି ଭାରତବର୍ଷରେ ତୃତୀୟ ରାଜ୍ୟ ଯେଉଁଠାରେ ଅଧିକ ଆଦିବାସୀ ବସବାସ କରୁଛନ୍ତି। ପେସା ଆଇନ ଲାଗୁ କରିବା ପାଇଁ ବିଜେପି ସରକାର ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ସରକାର ଭୁଲି ଯାଇଛନ୍ତି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡାମ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶୂନ୍ୟକାଳରେ ଶ୍ରୀ କାଡାମ କହିଥିଲେ, ବର୍ତ୍ତମାନ ସରକାରକୁ ୨୦ ମାସରୁ ଅଧିକ ହେଲାଣି। ରାଜ୍ୟର ମୁଖ୍ୟମନ୍ତ୍ରୀ ହେଉଛନ୍ତି ଜଣେ ଆଦିବାସୀ। ପେସା ଆଇନ ଲାଗୁ କରିବା ପାଇଁ ଗୃହରେ ଏହି ପ୍ରସଙ୍ଗ ବହୁଥର ଉଂାପନ କରିଛୁ। ଡବଲ ଇଞ୍ଜିନ ସରକାର କର୍ପୋରେଟକୁ ସାହାର୍ଯ୍ୟ କରୁଛନ୍ତି। ଆଦିବାସୀଙ୍କ ପାଣି, ଜମି, ଖଣି କର୍ପୋରେଟ ସରକାରକୁ କିଣି ଦେଇଛନ୍ତି। ଆଦିବାସୀଙ୍କ ବିନା ଅନୁମତିରେ ଖଣି ଦିଆଯାଉଛି। ସରକାର ପେସା ଆଇନ ତୁରନ୍ତ ଆଣନ୍ତୁ। ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ, ଯେଉଁଠି ଖଣି ଖୋଲିବାକୁ ଆଦିବାସୀ ବିରୋଧ କରୁଛନ୍ତି ସେଠାରେ ପ୍ରଶାସନ ଆଦିବାସୀଙ୍କୁ ବିରୋଧ କରୁଛନ୍ତି। ପୋଲିସ ଦ୍ୱାରା ଏକପାଖିଆ ଭାବେ ଖଣି ଆବଣ୍ଟନ କରାଯାଉଛି। ଯେଉଁ ରାଜ୍ୟର ସରକାରୀ ଖଣି ନେବାକୁ ଚାହୁଁଛନ୍ତି ସେଠାରେ ପେସାଆଇନ ଲାଗୁ କରାଯିବ ବୋଲି ସେ ଦାବି କରିଛନ୍ତି।

## ରାଜ୍ୟରେ ଖାଲି ପଡ଼ିଛି ୪,୬୦୭ ଡାକ୍ତର ପଦବୀ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତର ଅଭାବ ଏବେ ଏକ ଚିନ୍ତାର ବିଷୟ ହୋଇଛି । ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ ଉଦବେଗଜନକ ତଥ୍ୟ ଉପସ୍ଥାପନ କରିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିୟମ ଅନୁଯାୟୀ, ପ୍ରତି ୧୦୦୦ ଜଣ ଜନସଂଖ୍ୟାରେ ଜଣେ ଡାକ୍ତର ରହିବା ଜରୁରୀ । କିନ୍ତୁ ଓଡ଼ିଶାରେ ଏହି ଅନୁପାତ ବିପର୍ଯ୍ୟସ୍ତ ହୋଇପଡ଼ିଛି । ବର୍ତ୍ତମାନ ରାଜ୍ୟରେ ପ୍ରତି ୧୨୬୫ ଜଣ ଲୋକଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଅଛନ୍ତି । ବିଧାୟକ ପବିତ୍ର ସାଉଁନ୍ତାଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଦର୍ଶାଇଛନ୍ତି, ରାଜ୍ୟରେ ମୋଟ ୧୫,୭୯୩ଟି ଡାକ୍ତର ପଦବୀ ମଞ୍ଜୁର ହୋଇଥିବା ବେଳେ ସେଥିରୁ ୪,୬୦୭ଟି ପଦବୀ ଖାଲି ପଡ଼ିଛି । ଏହା ବ୍ୟତୀତ ପ୍ରାୟ ୧,୪୫୯ ଜଣ ଡାକ୍ତର ଉଚ୍ଚ ଶିକ୍ଷା ପାଇଁ ଯାଇଥିବାରୁ ଚିକିତ୍ସାଳୟଗୁଡ଼ିକରେ କାର୍ଯ୍ୟଭାର ବଢୁଛି । ଡାକ୍ତରଙ୍କ ଏହି ବଡ଼ ଧରଣର ଅଭାବ ବିଶେଷ କରି ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ପ୍ରଭାବିତ କରୁଛି । ସାଧାରଣ ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ଏହି ଖାଲି ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ଏବେ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ସହ ପର୍ଯ୍ୟାପ୍ତ ମାନବ ସମ୍ବଳ ନିଯୁକ୍ତି ହିଁ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିପାରିବ ।

## ରାଜ୍ୟରେ ମୋବାଇଲ ସେବାର ବିକଳ ଚିତ୍ର, ୧୨୩୭ ଗାଁକୁ ପହଞ୍ଚି ପାରୁନି ନେଟୱାର୍କ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ମୋବାଇଲ ସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି । ଏଯାଏଁ ରାଜ୍ୟର ୧ ହଜାର ୨୩୭ ଗାଁରେ ପହଞ୍ଚିନି ମୋବାଇଲ୍ ନେଟୱାର୍କ । ଏନେଇ ଗୃହରେ ସୂଚନା ଦେଇଛନ୍ତି ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଆସନ୍ତା ଜୁନ୍ ସୁଦ୍ଧା ସଂପୃକ୍ତ ଗାଁଗୁଡ଼ିକୁ ନେଟୱାର୍କ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ର ସରକାରଙ୍କ ଉକ୍ତ ଯୋଜନାରେ ୪ ହଜାର ୨୨୫ଟି ଟାୱାର ମଧ୍ୟରେ ୩ ହଜାର ୨୮୧ଟି କାର୍ଯ୍ୟକ୍ଷମ ହୋଇଥିବାବେଳେ ବାକି ୯୪୪ଟି ଟାୱାର୍ ଜୁନ୍ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ । କୋରାପୁଟ ଜିଲ୍ଲାର ୮୮ଟି ଗାଁରେ ମୋବାଇଲ ସେବା ପ୍ରଦାନ ପାଇଁ ୭୬ଟି ଟାୱାର୍ ସ୍ଥାପନ କରାଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ୍ ମାମଲା

## ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ

କଟକ,(ସବ୍ୟୁ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ୍ ଆବେଦନକୁ ବିରୋଧ କରି ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଏହି ଯୁକ୍ତି ଉପସ୍ଥାପନ ଆଜି ଶେଷ ହୋଇପାରିନି। ଆସନ୍ତା ୧୬ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି। ସେହିଦିନ ରାଜ୍ୟ ସରକାରଙ୍କ ପକ୍ଷରୁ ପୁନର୍ବାର ଏହା ଉପରେ ଯୁକ୍ତି ଉପସ୍ଥାପନ କରାଯିବ। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ରଙ୍କ ଇଜିଲାସରେ ଆଜି ଏହି ମାମଲାର ଶୁଣାଣି ହୋଇଥିଲା। ୨୦୨୫ ଅକ୍ଟୋବର ୬ତାରିଖରେ ଆଇନଜୀବୀ ପୀତବାସ ପଣ୍ଡା ରାତିରେ ଘରକୁ ଫେରୁଥିବାବେଳେ ତାଙ୍କ ଉପରକୁ କେହି ଦୁର୍ବୃତ୍ତ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୁଲିସ୍ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ଅନ୍ୟ କିଛି ସହଯୋଗୀଙ୍କୁ ଗିରଫ କରିଥିଲା। ଡିସେମ୍ବର ୧୬ରେ ବିକ୍ରମ ପଣ୍ଡାଙ୍କ ଜାମିନ୍ ଆବେଦନକୁ ବ୍ରହ୍ମପୁର ତୃତୀୟ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଖାରଜ କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମୃତକ ପୀତବାସ ପଣ୍ଡାଙ୍କ ପରିବାର ପକ୍ଷରୁ ଏହି ମାମଲାକୁ ବିଜୟ କୁମାର ରଗଡ଼ ପରିଚାଳନା କରୁଛନ୍ତି।

## ଦୁଇ ଗିରଫ, ୨୨ ଗ୍ରାମ୍ ବ୍ରାଉନସୁଗର ଜବତ

ଭୁବନେଶ୍ୱର, (ସବ୍ୟୁ) : ନିଶାଦ୍ରବ୍ୟର ଅବୈଧ ପରିବହନ ସମ୍ପର୍କରେ ସୂଚନା ପାଇ ଲକ୍ଷ୍ମୀସାଗର ଥାନା ପୋଲିସ ରବିବାର କଂସେଇଖାନାର କେନାଲ ରୋଡ୍ ନିକଟରେ ଚଢାଉ କରିଥିଲା । ଦୁଇଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୨ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି । ଗିରଫ ସୋମନାଥ ସୂତାର ଓ ଏସ୍‌କେ ଅମିରୁଦ୍ଦିନ ଏକ ସ୍କୁଟରରେ ବ୍ରାଉନସୁଗାର ନେଇ ଯାଉଥିବା ବେଳେ ତାଙ୍କୁ କାବୁ କରାଯାଇଥିଲା । ଦୁଇଜଣ ଯାକ ପଲିଥିନ ପ୍ୟାକେଟ୍‌ରେ ବ୍ରାଉନସୁଗାର ଧରି ଯାଉଥିଲେ । ଦୁହେଁ ବ୍ରାଉନସୁଗାର ଖୁଚୁରା ବ୍ୟବସାୟୀଙ୍କୁ ଯୋଗାଇଥାନ୍ତି ବୋଲି ପୋଲିସରେ କହିଛନ୍ତି । ତାଙ୍କ ନିକଟରେ ମୋବାଇଲ ଫୋନ୍, ନଗଦ ଟଙ୍କା ମଧ୍ୟ ଜବତ ହୋଇଛି । ଲକ୍ଷ୍ମୀସାଗର ଥାନା ପୋଲିସ କେସ୍ ନଂ-୧୨୪/୨୦୨୬ରେ ଏନ୍‌ଡିପିଏସ୍ ମାମଲା ରୁଜୁ କରି ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଗିରଫ ଦୁଇଜଣ ପୂର୍ବରୁ ଖଣ୍ଡଗିରି ଓ ଇନ୍ଫୋସିଟି ଥାନା ଅଞ୍ଚଳରେ ଦୁଇଟି ମାମଲାରେ ସମ୍ପୃକ୍ତ ଥିବା ପୋଲିସ କହିଛି ।

## ଜନଗଣନା ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଆରମ୍ଭ

କଟକ, (ସବ୍ୟୁ):୨୦୨୭ ଜନଗଣନାକୁ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ନିର୍ଭୁଲ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ତରଫରୁ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି । ୯ମାର୍ଚ୍ଚ ରୁ ୧୬ ମାର୍ଚ୍ଚ ପର୍ଯ୍ୟନ୍ତ ଦୁଇଟି ବ୍ୟାଚ୍ ରେ ଆୟୋଜିତ ହେବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କଟକ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ତାଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ଶ୍ରୀ କମଳଜିତ ଦାସଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖ ପୂର୍ବକ କରାଯାଉଛି ।

ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଜନଗଣନା ସମ୍ପର୍କିତ ବିଭିନ୍ନ ଆଇନଗତ ଦିଗ, ଏନୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦେବାର ପଦ୍ଧତି ସହିତ ଅନ୍ୟାନ୍ୟ ବିଭିନ୍ନ ଆବଶ୍ୟକୀୟ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ଆସନ୍ତା ଏପ୍ରିଲ ୧ ରୁ ଏପ୍ରିଲ ୭ ପର୍ଯ୍ୟନ୍ତ ଜିଲ୍ଲାର ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ୭ ଏପ୍ରିଲ ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ଏନ୍ୟୁମେରେଟର ଓ ସୁପରଭାଇଜରମାନଙ୍କ ପାଇଁ ଏକ ପ୍ରାକ୍ଟିସ୍ ୱିଣ୍ଡୋ ଖୋଲାଯିବ । ଯାହାଦ୍ୱାରା ପ୍ରଶିକ୍ଷଣରେ ଶିଖିଥିବା ପ୍ରକ୍ରିୟାକୁ ସେମାନେ ପ୍ରାୟୋଗିକ ଭାବେ ଅଭ୍ୟାସ କରିପାରିବେ । ଏହି ଜରିଆରେ ଅଧିକାରୀମାନେ କ୍ଷେତ୍ରସ୍ତରରେ ତଥ୍ୟ ସଂଗ୍ରହ କରିବାବେଳେ ଜନଗଣନାରେ ନିୟୋଜିତ ଏନ୍ୟୁମେରେଟେରମାନଙ୍କ ଭୂମିକା ଓ ଦାୟିତ୍ୱ ( ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ଶ୍ରୀମତୀ ମିଳିତା ଦତ୍ତ ଓ ଡେପୁଟି କଲେକ୍ଟର,(ଜନଗଣନା) ନୁରି ପରଭିନ ଆଜି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅନୁଷ୍ଠିତ ହେବାକୁଥିବା ୨୦୨୭ ଷୋଡଶ



ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କ୍ଷେତ୍ରସ୍ତରୀୟ ଅଧିକାରୀ ଭାବେ ପ୍ରଶାସନିକ ଅଧିକାରୀ ,ଡେପୁଟୀ କଲେକ୍ଟର,ସହକାରୀ ଜିଲ୍ଲାପାଳ, ଅତିରିକ୍ତ ତହସିଲଦାର, ଅଧ୍ୟାପକ ପ୍ରଶିକ୍ଷଣ ଗ୍ରହଣ କରିବେ । ଜନଗଣନା କାର୍ଯ୍ୟକ୍ରମ ଦେଶର ସାମାଜିକ ଓ ଆର୍ଥିକ ପରିକଳ୍ପନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ତେଣୁ ଏହାକୁ ସଠିକ ଓ ସ୍ୱଚ୍ଛ ଭାବେ ସମ୍ପନ୍ନ କରିବାକୁ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଯଥୋଚିତ ପ୍ରଶିକ୍ଷଣ ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି । ସମ୍ପାଦନ କରିବା ସହ ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ସକ୍ରିୟତା ଅବଲମ୍ବନ କରିପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦାସ ସୂଚନା ଦେଇଛନ୍ତି । ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସତର୍କତା, ଦାୟିତ୍ୱବୋଧ ଓ ସମୟାନୁବର୍ତ୍ତୀତା ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ପ୍ରଥମଥର ପାଇଁ ଏହି ଜନଗଣନା ସଂପୂର୍ଣ୍ଣଭାବେ ଡିଜିଟିକରଣ ମାଧ୍ୟମରେ କରାଯାଉଛି ବୋଲି ସୂଚନା ଦେଇ ଉଭୟ ସହକାରୀ ନିର୍ଦ୍ଦେଶକ

### ସ୍ଥାୟିତ୍ୱ ଓ ନୂତନ ଉଦ୍‌ଭାବନକୁ ନେଇ ଆଇବିସିଏସ୍ ପକ୍ଷରୁ

## ଜାତୀୟ ସମ୍ମିଳନୀ "ସଷ୍ଟେନହେଲ୍‌ଥ - ୨୦୨୬

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ (ଆଇବିସିଏସ), ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ଏବଂ କନ୍‌ସୋରଟିୟମ୍ ଅଫ୍ ଆକ୍ରେଡିଟେଡ ହେଲ୍‌ଥ କେୟାର ଅର୍ଗାନାଇଜେସନ୍‌ସ(କାହୋ)ର ମିଳିତ ଆନୁକୂଲ୍ୟରେ ସୋଆ କ୍ୟାମ୍ପସ-୨ ପରିସରରେ ଦୁଇ ଦିନ ଧରି ଜାତୀୟ ସ୍ତରର "ସଷ୍ଟେନ୍‌ହେଲ୍‌ଥ - ୨୦୨୬" ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସିର ଡାଇରେକ୍ଟର ଜେନେରାଲ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସ୍ଥିରତା ଏବଂ ନୂତନ ଉଦ୍‌ଭାବନ'ର ପ୍ରସଙ୍ଗକୁ ନେଇ ଏହି କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ନିମନ୍ତେ କୃତ୍ରିମ ବୁଦ୍ଧିମତାର ବ୍ୟବହାର, ଡିଜିଟାଲ୍ ପରିବର୍ତ୍ତନ ଏବଂ ନୂତନ ଉଦ୍‌ଭାବନକୁ ନେଇ ରୋଗୀମାନଙ୍କୁ କିପରି ଉନ୍ନତମାନର ଚିକିତ୍ସା ଯୋଗାଇ ଦିଆଯାଇପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ।




ଏହି କାର୍ଯ୍ୟକ୍ରମରେ ଓଡ଼ିଶା ୟୁନିସେଫ୍‌ର ହେଲ୍‌ଥ ସ୍ପେଶିଆଲିଷ୍ଟ ଡକ୍ଟର ମୀନା ସୋମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟସେବାରେ ରୋଗୀର ଚିକିତ୍ସା କରିବା ସହିତ ଯତ୍ନ ନେବା ଓ ପରିଷ୍କାର ପରିଚ୍ଛନତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏମଏସ ଆଣ୍ଡ ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ତଥା ସମ୍ମିଳନୀର ମୁଖ୍ୟ ପରାମର୍ଶଦାତା ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, କାହୋର ଚେୟାର ସଷ୍ଟେନେବଲ୍ ଫୋରମ୍ ତଥା ପ୍ରୋଗ୍ରାମ ପରାମର୍ଶଦାତା ଡାକ୍ତର କରନ୍ ଠାକୁର ଓ ଇଞ୍ଜିନିୟର୍ସ ଫୋରମର ବିନୋଦ କୁମାର କେବି ଓ ଆଇବିସିଏସ୍‌ର ଡିନ୍ ତଥା ପ୍ରୋଗ୍ରାମ ନିର୍ଦ୍ଦେଶକ ପ୍ରଫେସର ଅୟସ କାନ୍ତ ମହାନ୍ତି ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର କ୍ୱାଲିଟି ବିଭାଗର ମୁଖ୍ୟ ତଥା ଆଇବିସିଏସ୍‌ର ହସ୍ପିଟାଲ୍ ଆଡ୍‌ମିନିଷ୍ଟ୍ରେସନ୍ ବିଭାଗର ପ୍ରଫେସର ଓ ପ୍ରୋଗ୍ରାମ କୋଅର୍ଡିନେଟର ଡକ୍ଟର ଅରୋଲିପି ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ଏହି କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିବା ବେଳେ ଶେଷରେ ପ୍ରୋଗ୍ରାମ କୋଅର୍ଡିନେଟର ଶ୍ରୀମତି ପ୍ରସନ୍ନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଷ୍ଟେନହେଲ୍‌ଥ ୨୦୨୬ ନାମକ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

## କର୍ମକ୍ଷେତ୍ରରେ ରୁଢ଼ିବାଦୀ ମାନସିକତା ଦୂର କରିବାକୁ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସ୍ଥାନୀୟ ଖାରବେଳ ଭବନଠାରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଶାସନରେ ମହିଳା ସଶକ୍ତିକରଣର ଜଣେ ଅଗ୍ରଣୀ ସାରଥୀ ଭାବରେ, ଶ୍ରୀମତୀ ପାଢ଼ୀ ପ୍ରତିଦିନ ଶାସନ ଏବଂ ସମାଜକୁ ଗଢୁଥିବା ମହିଳାମାନଙ୍କର ଅଦମ୍ୟ ଶକ୍ତି ଓ ଅସୀମ ସାମର୍ଥ୍ୟକୁ ସଲାମ ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମ କେବଳ ଏକ ଆନୁଷ୍ଠାନିକ ଉତ୍ସବ ନଥିଲା, ବରଂ ଏହା ଥିଲା ସାହସ ଓ ସହନଶୀଳତାର ଏକ ସଙ୍ଗମ। ବିଶିଷ୍ଟ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଏବଂ ଭିନ୍ନକ୍ଷମ ଅଧିକାର କର୍ମୀ ଶ୍ରୁତି ମହାପାତ୍ର ଏଥିରେ ଯୋଗଦେଇ ସେମାନଙ୍କର ପ୍ରେରଣାଦାୟୀ ଜୀବନ ଯାତ୍ରା ବିଷୟରେ ଆଲୋକପାତ କରିଥିଲେ। ରୁଢ଼ିବାଦୀ ମାନସିକତାକୁ ଭାଙ୍ଗିବା ପାଇଁ ଶ୍ରୀମତୀ ପାଢ଼ୀ



ନିଜେ ଏକ ବ୍ୟକ୍ତିଗତ ଉଦାହରଣ ସୃଷ୍ଟି କରିଛନ୍ତି। ସେ ନିଜ ଗାଡ଼ି ଚଳାଇବା ପାଇଁ ଜଣେ ମହିଳା ଚାଳକଙ୍କୁ ନିୟୋଜିତ କରିଛନ୍ତି। ଏହି ପଦକ୍ଷେପ କର୍ମକ୍ଷେତ୍ରରେ ପାରମ୍ପରିକ ଲିଙ୍ଗଗତ ବୈଷମ୍ୟକୁ ଏକ ଶକ୍ତ ଆହ୍ୱାନ। ନିଜର ଦୈନନ୍ଦିନ ଯାତାୟାତ ଏବଂ ନିରାପତ୍ତା ଜଣେ ମହିଳାଙ୍କ ଉପରେ ନ୍ୟସ୍ତ କରି ସେ ପ୍ରଶାସନ ଓ ଜନସାଧାରଣଙ୍କୁ ବାର୍ତ୍ତା ଦେଇଛନ୍ତି ଯେ କୌଣସି କାର୍ଯ୍ୟ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଲିଙ୍ଗ ପାଇଁ ସୀମିତ ନୁହେଁ। ତାଙ୍କର ଏହି ନିଷ୍ପତ୍ତି ଅନ୍ୟ ମହିଳାମାନଙ୍କୁ ଅଣପାରମ୍ପରିକ ଭୂମିକାରେ ପ୍ରବେଶ କରିବାକୁ ଉତ୍ସାହିତ କରିବ। ଶ୍ରୀମତୀ ପାଢ଼ୀଙ୍କ ମାର୍ଗଦର୍ଶନରେ ଗୃହ ଓ ନଗର ଉନ୍ନୟନ ବିଭାଗରେ ଏବେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳୁଛି।

ସମୟ

# କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଇମେଲରେ ଧମକ



ପୁରୀ, (ସବ୍ୟୁ): ସୋମବାର ଦିନ ପୁରୀ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ ପୂର୍ଣ୍ଣ ଇମେଲ ଆସିଛି। ଏହି ଧମକ ଏକ ଅଜଣା ଇମେଲ ଆଇଡିରୁ ଜିଲ୍ଲା ଜଜଙ୍କ କୋର୍ଟକୁ ଆସି ଥିଲା। ଯାହାକୁ ନେଇ କୋର୍ଟ ପରିସରରେ ଭୟ ଓ ଆତଙ୍କ ଖେଳି ଯାଇ ଥିଲା। କୋର୍ଟରେ କାର୍ଯ୍ୟରତ ଓକିଲ, ମ୍ୟାଜିଷ୍ଟ୍ରେଟ୍ ଓ କର୍ମଚାରୀମାନେ ଭୟରେ ବାହାରେ ଆସି ଛିଡ଼ା ହୋଇ ଥିଲେ। ଏ ନେଇ କୋର୍ଟ ତରଫରୁ ପୋଲିସକୁ ଖବର ଦିଆ ଯାଇ ଥିଲା। ଖବର ପାଇ ପୁରୀ ସିଟି ଡିଏସପି ରଶ୍ମି ରଂଜନ ମହାପାତ୍ର ଓ ବୋମା ନିଷ୍କ୍ରିୟ ଦଳ, ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଞ୍ଚି ଛାନ ଭିନ ଆରମ୍ଭ କରି ଥିଲେ। ହେଲେ କୌଣସି ସ୍ଥାନରେ ବୋମାର ପ୍ରମାଣ ମିଳି ନ ଥିଲା। ସୂଚନା ଥାଉକି ଗତ ଫେବୃଆରୀ ମାସ ୬ ତାରିଖରେ ଏଭଳି ଏକ ଧମକ ପୂର୍ଣ୍ଣ ଇମେଲ ଆସି ଥିଲା। ପୋଲିସର ଛାନ ଭିନ ସମୟରେ ଧମକ ର ସତ୍ୟତା ନ ଥିବା ଜଣା ପଡି ଥିଲା। ଆଜିର ପୁଣି ବୋମା ଆତଙ୍କ ପରେ ନାକେଦମ ହୋଇଛି ପୋଲିସ । ପୁରୀ କୋର୍ଟକୁ ଉଡାଇ ଦେବା ନେଇ ଜିଲ୍ଲା ଜଜଙ୍କ ନିକଟକୁ ଏକ ଅଜଣା ମେଲ୍ ଆଇଡିରୁ ସୂଚନା ଆସିଥିଲା।

# ଓଡ଼ିଶା ପୋଲିସରେ "କପୋତ ସେବା"କୁ ୮୦ ବର୍ଷ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ପୋଲିସରେ ୮୦ବର୍ଷ ହେବ "କପୋତ ସେବା' ଜାରି ରହିଛି । ବିଶ୍ୱରେ କାର୍ଯ୍ୟରତ କୌଣସି ପୋଲିସ ପାଖରେ ଏହି ସେବା ନଥିବା ବେଳେ ଭାରତର ଓଡ଼ିଶା ପୋଲିସ ପାଖରେ "କପୋତ ସେବା' ରହିଛି । ସୋମବାର ନ୍ୟାୟ ସଂହିତା ପ୍ରଦର୍ଶନୀ ପାଖରୁ ୧୮ କପୋତ ବାର୍ତ୍ତା ନେଇ କଟକ ପୋଲିସ ମୁଖ୍ୟାଳୟକୁ ଯାଇଥିଲେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବାର୍ତ୍ତା ପହଞ୍ଚାଇବାରେ ସମର୍ଥ ହେଲେ । କପୋତମାନଙ୍କ ଘଣ୍ଟା ପ୍ରତି ବେଗ ୫୫ କିଲୋମିଟର ବୋଲି ସେମାନଙ୍କୁ ତାଲିମ୍ ଦେଉଥିବା ଜଣେ ପ୍ରଶିକ୍ଷକ ଆମକୁ କହିଛନ୍ତି । ୧୯୪୬ ମସିହାରେ ଆରମ୍ଭ ହୋଇଥିଲା କପୋତ ସେବା । ଆମେରିକୀୟ ସେନା ଠାରୁ ୨୦୦ଟି କପୋତ ଗ୍ରହଣ କରି ସେବା ଆରମ୍ଭ କରାଯାଇଥିଲା । ପ୍ରଥମେ କୋରାପୁଟ ଜିଲ୍ଲାର ପାର୍ବତ୍ୟାଞ୍ଚଳରେ ପରୀକ୍ଷାମୂଳକ

**ବାର୍ତ୍ତା ନେଇଗଲେ ୧୮ କପୋତ**

ଭାବେ ଏହି ଯୋଗାଯୋଗ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ୭୦୦ରୁ ଅଧିକ କପୋତଙ୍କୁ ନେଇ ଏକ ବଡ ନେଟ୍‌ୱାର୍କରେ ପରିଣତ କରାଯାଇଥିଲା । ୧୯୮୨ ବାଙ୍କି ବନ୍ୟା ଓ ୧୯୯୯ ମହାବାତ୍ୟା ସମୟରେ ଆଧୁନିକ ରେଡିଓ ଓ ଟେଲିଫୋନ୍ ସେବା ବିଚ୍ଛିନ୍ନ ହୋଇଯାଇଥିଲା । ସେତେବେଳେ ଏହି କପୋତ ଡାକ ହିଁ ବାହ୍ୟଜଗତ ସହ ଯୋଗାଯୋଗର ଏକମାତ୍ର ମାଧ୍ୟମ ସାଜିଥିଲା । ପ୍ରଦର୍ଶନୀରୁ ଜଣାଯାଇଛି ଯେ, ୧୯୪୮ ମସିହା ଏପ୍ରିଲରେ ପଣ୍ଡିତ ଜବାହର ଲାଲ ନେହରୁ ସମ୍ବଲପୁରରୁ କଟକକୁ ଏକ ଚିଠି ପଠାଇଥିଲେ । ନେହରୁଙ୍କ କାର୍ କଟକରେ ପହଞ୍ଚିବାକୁ ୭ ଘଣ୍ଟା ଲାଗିଥିବା ବେଳେ କପୋତ ୫ଘଣ୍ଟାରେ ବାର୍ତ୍ତା ପହଞ୍ଚାଇବାରେ ସମର୍ଥ ହୋଇଥିଲେ । କପୋତମାନେ ଘଣ୍ଟା ପ୍ରତି ପ୍ରାୟ ୫୫ କିଲୋମିଟର ବେଗରେ ଉଡିପାରନ୍ତି । ଆଜିର ଇ-ମେଲ୍ ଯୁଗରେ ମଧ୍ୟ ସରକାର ଏହି ୮୦ବର୍ଷର ପରମ୍ପରାକୁ ଏକ ମଧୁର ପୁରାତନ ସ୍ମୃତି ଭାବେ ବଞ୍ଚାଇ ରଖିଛନ୍ତି। କଟକ ଏବଂ ଅନୁଗୁଳ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରରେ କପୋତମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି । ଷ୍ଟାଟିକ୍ (ଏକମୁଖୀ), ବୁମେରାଂ (ଦୁଇମୁଖୀ) ଅର୍ଥାତ୍ ମୋବାଇଲ ସେବା ଭଳି ତିନୋଟି ଶ୍ରେଣୀରେ ଏହି ସେବା କାର୍ଯ୍ୟ କରୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାହାସିକତା ପାଇଁ ପଦକ ପାଇଥିଲେ ୩୨ କପୋତ । ଓଡ଼ିଶାର ବିପତ୍ତି ସମୟରେ ସହାୟକ ହୋଇଥିବା ହଜାର ହଜାର କପୋତଙ୍କ ପ୍ରତି ଓଡ଼ିଶା ପୋଲିସ ତରଫରୁ ଏହା ଏକ ଶ୍ରଦ୍ଧାଞ୍ଜଳି ବୋଲି ଚର୍ଚ୍ଚା ହେଉଛି ।

ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରୁ କଟକ ପୋଲିସ ମୁଖ୍ୟାଳୟକୁ ୧୮ କପୋତ ବାର୍ତ୍ତା ନେଇ ଯାଇଥିଲେ । ଆଧୁନିକ ଯୋଗାଯୋଗ ଦୁନିଆରେ ଦେଖିବାକୁ ମିଳିଲା ପୁରାତନ ପରମ୍ପରାର ଝଲକ । ଭୁବନେଶ୍ୱରରୁ କଟକ ଅଭିମୁଖେ ଦୁଇଟି ଦଳରେ ୧୮ଟି ବେଲ୍‌ଜିୟମ୍ ହୋମ୍‌ର ୧୮ କପୋତଙ୍କୁ ପଠାଯାଇଥିଲା । ଏହି କପୋତମାନେ ନିଜ ଗୋଡରେ ବନ୍ଧା ହୋଇଥିବା ଛୋଟ କ୍ୟାପସୁଲ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ନେଇ ଆକାଶମାର୍ଗରେ ଗତି କରି ପୁରାତନ କପୋତ ପୋଷ୍ଟର ସ୍ମୃତିଚାରଣ କରିଥିଲେ । ବେଲ୍‌ଜିୟମ ହୋମ୍‌ର କପୋତମାନଙ୍କର ଶାରୀରିକ ଗଠନ ସ୍ୱତନ୍ତ୍ର ।

## ନାଇଜର ସମ୍ମୁଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# କାର ଧକ୍କାରେ ମହିଳାଙ୍କ ମୃତ୍ୟୁ, ଅନ୍ୟମାନେ ଗୁରୁତର

ଜଟଣୀ, (ସବ୍ୟୁ): ଜଟଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାତ୍ରପଡ଼ା ଛକ ନିକଟରେ ଜାତୀୟ ରାଜପଥ ଉପରେ କିଛିମାସ ତଳେ ଘାତକ ଥର ଗାଡ଼ି ଯୋଗେ ଘଟିଯାଇଥିବା ହିଟ ଆଣ୍ଡ ରନ ମାମଲା ମନରୁ ଲିଭିନଥିବା ବେଳେ ଅନରୂପ ଭାବେ ସୋମବାର ମଧ୍ୟାହ୍ନରେ ସ୍ଥାନୀୟ ନାଇଜର ସମ୍ମୁଖରେ ଘଟିଯାଇଛି ଏକ ଭୟାବହ ଦୁର୍ଘଟଣା । ଘଟଣା ଘଟିଥିବା ସ୍ଥଳରେ ଉପସ୍ଥିତ ଥିବା କିଛି ଲୋକଙ୍କ କହିବା ଅନୁଯାଇ ଖୋରଧା ଦିଗରୁ ଜଟଣୀ



ସହର ଅଭିମୁଖେ ଏକ ଯାତ୍ରୀବାହି ଅଟୋ ଆସୁଥିବା ବେଳେ ସେହି ଦିଗରୁ ଦ୍ରୁତ ଗତିରେ ବେପରୁଆ ଢଙ୍ଗରେ ଓଡ଼ି ୦୨ ସିଏ ୮୨୯୫ ନମ୍ବର ବିଶିଷ୍ଟ ଏକ ଟୟୋଟା କାର ପଛପଟୁ ଉକ୍ତ ଅଟୋକୁ ଧକ୍କା ଦେଇ ନିକଟରେ ଥିବା ଏକ ଖୁଣ୍ଟରେ ବାଡେଇ ହୋଇଯାଇଥିଲା। ଧକ୍କା ଦେଇ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ କାର ଚାଳକ ଓ ତାଙ୍କ ବନ୍ଧୁଙ୍କୁ ଉପସ୍ଥିତ ଲୋକମାନେ ଧରି ପୁଲିସର ଜିମା ଦେଇଥିଲେ । ଘଟଣା ସ୍ଥଳରେ ଅଟୋରେ ବସିଥିବା ବେଗୁନିଆ ଥାନା ଅଞ୍ଚଳର ସଂଜୁ ବେହେରା ନାମ୍ନୀ ମହିଳାଙ୍କ ମୃତ୍ୟ ଘଟିଥିବା ବେଳେ ମମତା ବେହେରା, ସନ୍ତୋଷ କୁମାର ସାହୁ, ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳର ଗୋପୀନାଥ ପରିଡା, ନିର୍ମଳ ପରିଡା, କୁନି ପରିଡା ଯାତ୍ରୀ ମାନଙ୍କ ଅବସ୍ଥା ଗୁରୁତର ଥିବା ପୁଲିସ କହିଛି । ପୁଲିସ ଘଟଣା ସ୍ଥଳରୁ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ଥାନାକୁ ଆଣିଥିବା ବେଳେ ଦୁର୍ଘଟଣା ଘଟାଇଥିବା ବିକାଶ ନଗର ଅଞ୍ଚଳର କୁସୁନି ପାଳଙ୍କ ପୁଅ ସୁରଜ କୁମାର ପାଳ (୨୮) ଏବଂ ବଡ଼ ନୂଆଗାଁର ବାବୁ ସିଂହଦେଓ ଙ୍କ ପୁଅ ଆଲୋକ ସିଂହଦେଓ ଦୁଇଜଣଙ୍କୁ ଥାନା ହାଜତରେ ଅଟକ ରଖିଥିବା ଖବର ମିଳିଛି କ୍ଷ ତେବେ ଦୁର୍ଘଟଣା ଘଟାଇଥିବା ଯୁବକଙ୍କ ପରିବାରର କିଛି ରାଜନେତାଙ୍କ ସହିତ ମଧୁର ସମ୍ପର୍କ ଥିବାରୁ ଉପର ମୁଣ୍ଡରୁ ପୁଲିସକୁ ଦଫା କୋହଳ କରିବା ପାଇଁ ଚାପ ପଡିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେବେ ଥାନାଧିକାରୀ କହିଛନ୍ତି ଆଇନ ସମସ୍ତଙ୍କ ପାଇଁ ସମାନ କ୍ଷ ଅନ୍ୟ ପକ୍ଷରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ଦ୍ୱାରା ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଏହି ଘଟଣାର ପ୍ରକୃତ ତଥ୍ୟ ଉନ୍ମୋଚନ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଆଲୋଚନା ହେଉଛି । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନାଧିକାରୀ କହିଛନ୍ତି ।

## ସାରସ୍ୱତ ସଂସ୍ଥାନର ବାର୍ଷିକ ସାଧାରଣ ସଭା

# ସଭାପତି ତାପସ ସାମନ୍ତ, ସମ୍ପାଦକ ସୁବୋଧ ରାଉତରାୟ

କଟକ, (ସ୍ୱପ୍ର): ସାମାଜିକ, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସାରସ୍ୱତ ସଂସ୍ଥାନର ବାର୍ଷିକ ସାଧାରଣ ସଭା ରବିବାର



ମହାନଦୀବିହାର ସ୍ଥିତ ରିଦ୍ଧିସିଦ୍ଧି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପୂର୍ବତନ ସଭାପତି ଇଂ ଗୋବିନ୍ଦ ଚନ୍ଦ୍ର ସାହୁ ଏବଂ ବରିଷ୍ଠ ସଦସ୍ୟଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇ, ସ୍ୱର୍ଗତ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣୀକା ପ୍ରକାଶ କରିବା ପାଇଁ ସ୍ଥିର କରାଯାଇଥିଲା । ଏହାର ସମ୍ପାଦନା ଦାୟିତ୍ୱ ଡଃ ସୁବୋଧ କୁମାର ରାଉତରାୟଙ୍କୁ ଅର୍ପଣ କରାଯାଇଥିଲା । ପରେ ବିଶ୍ୱ ମହିଳା ଦିବସ ଅବସରରେ ମହିଳା କର୍ମକର୍ତ୍ତାଙ୍କୁ ପୁଷ୍ପ ପାଖୁଡା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହିତ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା । ସେଥିମଧ୍ୟରେ ଉପଦେଷ୍ଟା ମଣ୍ଡଳିରେ ଇଂ ଗୋପାଳକୃଷ୍ଣ ବେହେରା, ଇଂ ଯଦୁନାଥ ମହାପାତ୍ର, ରବିନ୍ଦ୍ରନାଥ ମହାନ୍ତି, ଡଃ ପ୍ରଭାତୀ ମିଶ୍ର, ଡଃ ଗୋବିନ୍ଦ ଚନ୍ଦ୍ର ଭୂୟାଁ, ସଭାପତି ଭାବେ ଇଂ ତାପସ ଚନ୍ଦ୍ର ସାମନ୍ତ, ଉପସଭାପତି ଇଂ ନିମାଇଁ ଚରଣ ମହାନ୍ତି, ସମ୍ପାଦକ ଡଃ ସୁବୋଧ କୁମାର ରାଉତରାୟ, ଯୁଗ୍ମ ସମ୍ପାଦକ ଭାନୁପ୍ରତାପ ରାଉତ, କୋଷାଧ୍ୟକ୍ଷ ମୈତ୍ରୀଭୂଷଣ ଖୁଣ୍ଟିଆ, ସଭ୍ୟ ଆକାଶ ସାହୁ, ଇଂ ପ୍ରମୋଦ କୁମାର ନାୟକ, ପ୍ରସନ୍ନ କୁମାର ସାହୁ, ରଜତ କୁମାର ବଳିଆରସିଂହ, ସୁଶ୍ରୀ ଇନ୍ଦୁମତି ଦାଶ, ସୋହାଗିନୀ ବେହେରା ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା । ଉପଦେଷ୍ଟା ରବିନ୍ଦ୍ର ନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# କେହି କଲେନି ପ୍ରାର୍ଥିପତ୍ର ପ୍ରତ୍ୟାହାର

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟସଭା ନିର୍ବାଚନ ଲାଗି ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ଥିଲା। ମାତ୍ର କୌଣସି ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର ନ କରିବାରୁ ଏବେ ୪ ରାଜ୍ୟସଭା ସଦସ୍ୟ ଲାଗି ୫ ପ୍ରାର୍ଥୀ ମୈଦାନରେ ଅଛନ୍ତି। ରାଜ୍ୟସଭା ଲାଗି ନିର୍ବାଚନ ହେବା ସୁନିଶ୍ଚିତ ହୋଇଛି। ବିଜେପିରୁ ମନମୋହନ ସାମଲ ଓ ସୁଜିତ କୁମାର ପ୍ରାର୍ଥୀ ହୋଇଥିବାବେଳେ ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲ୍ଲୀପ ରାୟ ମୈଦାନରେ ଅଛନ୍ତି। ଅପରପକ୍ଷରେ ବିଜେଡିରୁ ସନ୍ତୃପ୍ତ ମିଶ୍ର ଦଳୀୟ ପ୍ରାର୍ଥୀ ହୋଇଥିବାବେଳେ ଦତ୍ତେଶ୍ୱର ହେତା କମନ ପ୍ରାର୍ଥୀ ହୋଇଛନ୍ତି। ଦତ୍ତେଶ୍ୱରଙ୍କୁ କଂଗ୍ରେସ ସମର୍ଥନ କରୁଛି। ରାଜ୍ୟସଭା ନିର୍ବାଚନ ଗଣିତ ଅନୁଯାୟୀ ସଂଖ୍ୟା ଦୃଷ୍ଟିରୁ ବିଜେଡି ଓ ଏହାର କମନ୍ ପ୍ରାର୍ଥୀ ଭଲ ସ୍ଥିତିରେ ଅଛନ୍ତି। ଯଦି କ୍ରସ୍ ଭୋଟିଂ ନ ହୁଏ ତେବେ ଏହି ଦୁଇ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ। କାରଣ ଏମାନଙ୍କ ପାଖରେ ୬୩ଟି ଭୋଟ୍ ରହିଛି। ନିର୍ବାଚନ ଜିତିବା ଲାଗି ଜଣେ ପ୍ରାର୍ଥୀଙ୍କୁ ୩୦ ପ୍ରଥମ ପସନ୍ଦ ଭୋଟ୍ ଆବଶ୍ୟକତା ଅଛି। ସେହିଭଳି ବିଜେପିର ଦୁଇ ପ୍ରାର୍ଥୀ ଜିତିବା ନିଶ୍ଚିତ। ସ୍ୱାଧୀନତ ପ୍ରାର୍ଥୀ ଦିଲ୍ଲୀ ରାୟଙ୍କ ବିଜୟ ପାଇଁ ୮ ରୁ ୯ ଭୋଟ୍‌ର ଆବଶ୍ୟକତା ରହିଛି। ତେବେ ବିଜେପି ଜିତିବ ବୋଲି ଦମ୍ଭୋକ୍ତି ପ୍ରକାଶ କରୁଛି। ସବୁ ଦଳକୁ ଏବେ କ୍ରସ୍ ଭୋଟିଂ ଚିନ୍ତା ଘାରିଛି।

## ଟିୱିଙ୍ଗ୍ ଟବାକୋ କଟକଣା ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ରହିତାଦେଶ

# ସରକାରଙ୍କୁ ଜବାବ ତଲବ, ଶୁଣାଣି ଏପ୍ରିଲ୍ ୧୦କୁ ଧାର୍ଯ୍ୟ

କଟକ,(ସବ୍ୟୁ): ରାଜ୍ୟରେ 'ଟିୱିଙ୍ଗ୍ ଟବାକୋ'ର ବିକ୍ରି ଉପରେ କଟକଣା ନେଇ ଜାରି ହୋଇଥିବା ବିଜ୍ଞପ୍ତି ଉପରେ ହାଇକୋର୍ଟ ଆଜି ରହିତାଦେଶ ଜାରି କରିଛନ୍ତି। ଏଥିସହ ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ମଧ୍ୟ ଜାରି କରିଛନ୍ତି । ଗୋପାଳ ଆରୋମ୍ୟାଟିକ୍ ପ୍ରାଇଭେଟ୍ ଲିମିଟଡ୍ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ଆଦେଶ ଦେଇଛନ୍ତି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଆବେଦନକାରୀଙ୍କ ଉପରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ମାମଲାର ଶୁଣାଣି ଏପ୍ରିଲ୍ ୧୦କୁ ଧାର୍ଯ୍ୟ ହୋଇଛି।

ରାଜ୍ୟ ସରକାର ଗତ ଜାନୁଆରୀ ୨୧ ତାରିଖରେ ଏକ ବିଜ୍ଞପ୍ତି ଜାରି କରି ରାଜ୍ୟରେ 'ଟିୱିଙ୍ଗ୍ ଟବାକୋ' ଉପରେ କଟକଣା ଜାରି କରିଥିଲେ। ଏହି 'ଟିୱିଙ୍ଗ୍ ଟବାକୋ'କୁ ଖାଦ୍ୟ ପରିସରଭୁକ୍ତ କରାଯାଇଥିଲା। ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟକୁ ଆସିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ, ଟିୱିଙ୍ଗ୍ ଟବାକୋ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ସ ଆକ୍ଟ ପରିସର ଭିତରେ ଆସୁନାହିଁ । ଏହା 'ସିଗାରେଟ୍ ଆଣ୍ଡ ଅଦର ଟବାକୋ ପ୍ରଡକ୍ଟସ୍ ଆକ୍ଟ(କୋଟପା) ଭିତରେ ଆସୁଛି। ଏହା କେନ୍ଦ୍ରୀୟ ଆଇନ ଦ୍ୱାରା ପରିଚାଳିତ । ରାଜ୍ୟ ସରକାର ଏହି ଟିୱିଙ୍ଗ୍ ଟବାକୋକୁ ୨୦୧୧ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆଇନ ଆଧାରରେ 'ଖାଦ୍ୟ' ବୋଲି ଦର୍ଶାଇଛନ୍ତି । କିନ୍ତୁ ୨୦୧୮ ରେ ଆସିଥିବା ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆଇନ(ସବ୍‌ଷ୍ଟିଚ୍ୟୁଟ) ରେ ଏହାକୁ ଖାଦ୍ୟ ଭାବେ ଗ୍ରହଣ କରାଯାଇ ନାହିଁ । ତେଣୁ ଏହି ଟିୱିଙ୍ଗ୍ ଟବାକୋ ଖାଦ୍ୟ ଉତ୍ପାଦ ମଧ୍ୟରେ ଆସୁ ନଥିବାରୁ ଏହି ବିଜ୍ଞପ୍ତିକୁ ରଦ୍ଦ ପାଇଁ ଆବେଦନକାରୀ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଆଜି ଏହି ମାମଲାର ପ୍ରାଥମିକ ଶୁଣାଣି କରି ସମସ୍ତ ପକ୍ଷଙ୍କୁ ନୋଟିସ୍ ଜାରି କରିବା ସହ ବିଜ୍ଞପ୍ତି ଉପରେ ରହିତାଦେଶ ଜାରି କରିଛନ୍ତି।

# ମହିମା ଅନନ୍ତ ଶକ୍ତି ଜାଗରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରେଳ ଅଡିଟୋରିୟମ ଠାରେ "ମହିମା – ଅନନ୍ତ ଶକ୍ତି ଜାଗରଣ:" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶକ୍ତି ରୁ ସମୃଦ୍ଧି ପର୍ଯ୍ୟନ୍ତ" ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସଏସଟି ଡେଭଲପର୍ସ, ଇନଫିନିଟ୍ ଲଭ୍ ଏକାଡେମୀ, ରୋଟାରୀ ଜିଲ୍ଲା ୩୨୬୨, ମିରାକଲ୍ ମେକର୍ସ, ଇନର୍ ହ୍ୱିଲ୍ ଏବଂ ଅନ୍ୟାନ୍ୟ ସାମାଜିକ ସଂଗଠନ ସହିତ ମିଳିତ ସହଯୋଗରେ ଆୟୋଜିତ କରାଯାଇଛି । ମହିଳା ସଶକ୍ତିକରଣ, ନେତୃତ୍ୱ ଏବଂ ସାମାଜିକ ପରିବର୍ତ୍ତନକୁ ପାଳନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କ୍ଷ ଏହି ଆଲୋଚନାଚକ୍ରରେ ଅତିଥି ଭାବେ ବିଶିଷ୍ଟ ରୋଟାରିଆନ ମନୋଜ ତ୍ରିପାଠୀ ,ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଆରଆଇଡି ୩୨୬୨,ରୋଟାରିଆନ



ମଧୁସ୍ମିତା ତ୍ରିପାଠି ,ଅଧକ୍ଷା, ଇନର୍ ହ୍ୱିଲ୍ ଇଣ୍ଟରନ୍ୟାସନାଲ ଓ ମୁଖ୍ୟ ବକ୍ତା ଭାବେ ଡଃ ରାଜୀବ ଲୋଚନ ପଣ୍ଡା ,ପ୍ରତିଷ୍ଠାତା ଆଇଏଲ୍ଏ ଓ ଆନ୍ତର୍ଜାତୀୟ ରେକି ଗ୍ରାଣ୍ଡ ମାଷ୍ଟର, ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ସୁବ୍ରତ କୁମାର ରାଜ୍, ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଏସଏସଟି ଡେଭଲପର୍ସ ପ୍ରମୁଖ ଯୋଗ ଦେଇଥିଲେ। ମହିଳା ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦାନ କରିଥିଲେ।

# ଭୁବନେଶ୍ୱରରେ ଫୋସରକ୍ କେମିକାଲ୍ସର ନୂତନ ଗୋଦାମ ଉଦ୍‌ଘାଟିତ



ଭୁବନେଶ୍ୱର, (ସବ୍ୟୁ): ଫୋସରକ୍ ଇଣ୍ଡିଆ ନିର୍ମାଣ ସମାଧାନ ପ୍ରଦାନରେ ୪୪ ବର୍ଷର ଅନୁଭବ ରଖିଥିବା ଏକ ସଂସ୍ଥା, ଓଡ଼ିଶାରେ ସେବା ବିସ୍ତାର କରିବା ପାଇଁ ଭୁବନେଶ୍ୱରରେ ଏକ ନୂତନ ଏସ୍ଏଫ୍ଏ ଗୋଦାମ ଉଦ୍‌ଘାଟନ କରିଛି । ଏଥିରେ କମ୍ପାନୀର ଜେନେରାଲ ମ୍ୟାନେଜର ଶଙ୍କର କୋଟୁର ତା. ୦୬.୦୨.୨୦୨୬ରେ ଉଦ୍‌ଘାଟନ କରିଥିଲେ । ଏହି କୌଶଳଗତ ପଦକ୍ଷେପ ଦ୍ୱାରା ଅଞ୍ଚଳର ଗ୍ରାହକମାନଙ୍କ ପାଇଁ ଦ୍ରୁତ ପଣ୍ୟ ଉପଲବ୍ଧତା ଏବଂ ଉନ୍ନତ ସହାୟତା ନିଶ୍ଚିତ ହେବ । ଏହି ନୂତନ ଗୋଦାମ ଫୋସରକ୍‌ର ବିଭିନ୍ନ ପ୍ରକାରର ନିର୍ମାଣ ସମାଧାନଗୁଡ଼ିକୁ ଅଧିକ ଦ୍ରୁତ ଓ କାର୍ଯ୍ୟକ୍ଷମ ଭାବେ ବିତରଣ କରିବାକୁ ସହାୟତା କରିବ । ଫଳସ୍ୱରୂପ, ଅଞ୍ଚଳର ଗ୍ରାହକମାନେ ଉଚ୍ଚ ଗୁଣସ୍ତରୀୟ ପଣ୍ୟ ଏବଂ ପ୍ରାଯୋଗିକ ସହାୟତା ସହଜରେ ପାଇପାରିବେ । ଏହି ସୁବିଧା କମ୍ପାନୀର ଦେଶବ୍ୟାପୀ ଉପସ୍ଥିତିକୁ ଆହୁରି ସୁଦୃଢ଼ କରିଥାଏ, ଯାହା ବେଙ୍ଗାଲୁର, ଆଙ୍କ୍ଲେଶ୍ୱର, କୋଲକତା, କେସୁୱାନା ଏବଂ ହାଇଦ୍ରାବାଦରେ ଅବସ୍ଥିତ ଏହାର ବର୍ତ୍ତମାନ ଉତ୍ପାଦନ କେନ୍ଦ୍ରଗୁଡ଼ିକ ସହିତ ଯୋଗ ଦେଇଛି ।

# କଳିଙ୍ଗ ବିରାଙ୍ଗନା ସମ୍ମାନ-୨୦୨୬ ରେ ସମ୍ମାନିତ ହେଲେ ୫ ମହିଳା

ଭୁବନେଶ୍ୱର, (ସବ୍ୟୁ): ମହିଳାମାନଙ୍କ ସାମର୍ଥ୍ୟ ଏବଂ ସମାଜ ପ୍ରତି ସେମାନଙ୍କର ଅବଦାନକୁ ସମ୍ମାନ ଜଣାଇ ସେବା ପ୍ରୟାସ ଫାଉଣ୍ଡେସନ ପକ୍ଷରୁ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନର ମୁଖ୍ୟ ତଥା ସମାଜସେବୀ ଲିଙ୍କନ ସୁବୁଦ୍ଧିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଫଳ ମହିଳାମାନେ ଏକତ୍ରିତ ହୋଇଥିଲେ । ଏହି ଅବସରରେ ଏକ ଭବ୍ୟ "ଏସ୍‌ପିଏଫ୍ କଳିଙ୍ଗ ବୀରାଙ୍ଗନା କ୍ରିକେଟ୍ ଲିଗ୍ ଫର୍ ଓମେନ୍" ଏବଂ କାର ରାଲି ଆୟୋଜନ କରାଯାଇଛି । ଏହି ତିନି ଦିନିଆ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳାଙ୍କ ସଶକ୍ତିକରଣ, ସ୍ୱାଭିମାନ ଏବଂ ସ୍ପୋର୍ଟସ୍ ମାଧ୍ୟମରେ ସମାଜରେ ସେମାନଙ୍କ ସ୍ଥାନକୁ ଆହୁରି ସୁଦୃଢ଼ କରିବା ।

ଚିନ୍ମୟ ମହାନ୍ତି, ବରିଷ୍ଠ ଆଇନଜୀବୀ, ସୁପ୍ରିମକୋର୍ଟ, ରଞ୍ଜିତ ମୋହରାଣା, ସମ୍ପାଦକ, ଅଲ ଓଡ଼ିଶା ଲୟର ଆସୋସିଏସନ ଏବଂ ଜିତେନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ଚିନ୍ମୟ ମହାନ୍ତି କହିଥିଲେ ଯେ, ସମାଜର ସବୁ ବର୍ଗର ମହିଳାଙ୍କୁ ଏକାଠି କରି ସେମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ସେବା ପ୍ରୟାସ ଯେଉଁ ପଦକ୍ଷେପ ନେଇଛି, ତାହା ପ୍ରଶଂସନୀୟ । ବିଶେଷ କରି କର୍ମଜୀବୀ ମହିଳା ଏବଂ ମହିଳା ଆଇନଜୀବୀମାନଙ୍କୁ ସମ୍ମାନିତ କରାଯିବା ଏକ ଶୁଭ ସଙ୍କେତ । ଲିଙ୍କନ ସୁବୁଦ୍ଧି ଏବଂ ଅନୁରାଧା ବିଶ୍ୱାଳଙ୍କ ନିରନ୍ତର ଉଦ୍ୟମକୁ ସେ ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ, ଫାଉଣ୍ଡେସନ ଦ୍ୱାରା ଆୟୋଜିତ 'କଳିଙ୍ଗ ବୀରାଙ୍ଗନା କ୍ରିକେଟ ଟୁର୍ଣ୍ଣାମେଣ୍ଟ' ଏବଂ 'ମହିଳା କାର୍ ରାଲି' ସାରା ଓଡ଼ିଶାରେ ମହିଳା ଶକ୍ତିର ଏକ ନୂଆ ପରିଚୟ ସୃଷ୍ଟି କରିଛି । ରଞ୍ଜିତ ମୋହରାଣା ମହିଳାମାନଙ୍କୁ ନିଜ ଅଧିକାର ପ୍ରତି ସଚେତନ ହେବା ସହ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ସେ ଉତ୍ସାହିତ କରିଥିଲେ । ସମାଜର ବିଭିନ୍ନ କ୍ଷେତ୍ରରେ ଅସାଧାରଣ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ସେବା ପ୍ରୟାସ ଫାଉଣ୍ଡେସନ୍ ପକ୍ଷରୁ ୫ ମହିଳାଙ୍କୁ କଳିଙ୍ଗ ବିରାଙ୍ଗନା ସମ୍ମାନ-୨୦୨୬ ରେ ସଂମ୍ମାନିତ କରାଯାଇଥିଲା । ସେମାନେ ହେଲେ ଡ଼. ସମିତା ମହାନ୍ତି (ସ୍ୱାସ୍ଥ୍ୟସେବା), ସୁଶ୍ରୀ ପାୟଲ ପଟେଲ (ଉଦ୍ୟୋଗୀକରଣ), ମା ଅରୁନ୍ଧତୀ ଦେବୀ (ସେବାସମ୍ମାନ), ସୁଶ୍ରୀ ସତ୍ରୂପା ସାମନ୍ତରାୟ (ସାମ୍ବାଦିକା), ରଶ୍ମିତା ମହାନ୍ତି (କ୍ରୀଡ଼ାବିତ) । ଏହି ଅବସରରେ ଲିଙ୍କନ୍ ସୁବୁଦ୍ଧି, ପ୍ରତିଷ୍ଠାତ୍ରୀ



କହିଥିଲେ, "ଆମର ଲକ୍ଷ୍ୟ କେବଳ ଉତ୍ସବ ପାଳନ କରିବା ନୁହେଁ, ବରଂ ପ୍ରତିଟି ମହିଳାଙ୍କ ମଧ୍ୟରେ ଥିବା ସୁପ୍ତ ପ୍ରତିଭାକୁ ଜାଗ୍ରତ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା । ଆଗାମୀ ଦିନରେ ଏହି ଅଭିଯାନ ଆହୁରି ବ୍ୟାପକ ହେବ । କଳିଙ୍ଗ ବୀରାଙ୍ଗନା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରେ ଆୟୋଜିତ ବିଭିନ୍ନ ବର୍ଗର ଟିମଙ୍କ ମଧ୍ୟରୁ ଆଇନଜୀବୀ ମହିଳା ଟିମ ଚମ୍ପିୟାନ ହୋଇଥିଲେ । ସେହିପରି ଶିକ୍ଷା ଗତ କ୍ଷେତ୍ରରେ ଏମବିବିଏସ ଛାତ୍ରଛାତ୍ରୀ ଚମ୍ପିୟାନ ହୋଇଥିଲେ ।

# ଶ୍ରୀଲିଙ୍ଗରାଜଙ୍କ ଦୋଳଯାତ୍ରାରେ ଭଜନ ସମାରୋହ

ଭୁବନେଶ୍ୱର (ସବ୍ୟୁ): ଦୋଳପୂର୍ଣ୍ଣିମା ଉପଲକ୍ଷେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଦୋଳବେଦୀକୁ ରାତି ୮ଟାରେ ଯାତ୍ରା କରିଥିଲେ। ଗୋଟିଏ ପଟେ ବିଶ୍ୱନାଥ ମନ୍ଦିର ନିକଟରେ ଶ୍ରୀଲିଙ୍ଗରାଜ ମହାପ୍ରଭୁ, ମା'ପାର୍ବତୀ ଓ ମା' ଦୁର୍ଗା ଦୋଳବେଦୀରେ ଝୁଲୁଥିବା ବେଳେ ସମ୍ମୁଖରେ ଦୋଳଗୋବିନ୍ଦ ଦୋଳବେଦୀରେ ବସି ଚେରୀ ଭୋଗ ଖାଇଥିଲେ। ଏହି ଅବସରରେ ଲିଙ୍ଗରାଜ ଭଜନ ମଣ୍ଡପରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଲିଙ୍ଗରାଜ ମହାପ୍ରଭୁ ଦୋଳବେଦୀରୁ ପ୍ରତ୍ୟାବର୍ତ୍ତନ ରାତି ୨ଟା ପର୍ଯ୍ୟନ୍ତ ଭଜନ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଉପସଭାପତି ତଥା ବିଜେପି ରାଜ୍ୟ ପୂର୍ବତନ ସଭାପତି ସମୀର ମହାନ୍ତି, କମିଟିର ଉପସଭାପତି ଶିବାନନ୍ଦ



ରାୟ, ସାଧାରଣ ସମ୍ପାଦକ ସନତ ମିଶ୍ର ବିବରଣୀ ପାଠ କରିଥିଲେ ଓ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ। ଏଥିରେ ଅନୁଷ୍ଠାନର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ବାବନ ଚନ୍ଦ୍ର ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ପ୍ରମୋଦ କୁମାର ଦାସ, ଗଣେଶ ପାଲ, ତପନ ମହାସୁଆର, କେଦାରନାଥ ମହାପାତ୍ର, ବିଶ୍ୱନାଥ ମହାପାତ୍ର, ସୁଧୀର ରଞ୍ଜନ ଜେନା, ଦେବାଶିଷ ସ୍ୱାଇଁ ସମେତ ବହୁ ସଭ୍ୟ ସାମିଲ୍ ହୋଇଥିଲେ। ଏଥିରେ କଣ୍ଠଶିଳ୍ପୀ ମହାପ୍ରସାଦ କର, ପ୍ରଶାନ୍ତ ପାଢୀ, ରାଜେନ୍ଦ୍ର ବାରିକ, ସ୍ୱପ୍ନାପ୍ରିୟା, ସସ୍ମିତା ପଟ୍ଟନାୟକ, ମେଘା ମନସ୍ୱିନୀ, ପଦ୍ମଜା ସ୍ୱାଇଁ, ସନ୍ଧ୍ୟାରାଣି ମିଶ୍ର, ଶୁଭଜ୍ୟୋତି, ମଧୁସ୍ମିତା ପାଣି, ପ୍ରଦୀପ ସାହୁ, ଲିଟିଲି ମାମା, ସୁବାଷ, ମେଘା ମନସ୍ୱିନୀ, ଦୀପକ ମହାପାତ୍ର, ଉପେନ୍ଦ୍ର ପାଢୀ, ସଂଗ୍ରାମ ମହାନ୍ତି, ରାଜକିଶୋର ବାରିକ, ପବିତ୍ର କୁମାର ସାହୁ, ସ୍ୱପ୍ନା ପ୍ରିୟା, ରୋଜାଲିନ ପଟ୍ଟନାୟକ କଣ୍ଠଦାନ କରିଥିଲେ। ବାଦ୍ୟଯନ୍ତ୍ରରେ ତବଲା ବାଦକ ଅନନ୍ତ ସାହୁ, ଢୋଲକରେ ଅକ୍ଷୟ ସାହୁ, ସୁରେନ୍ଦ୍ର ବରାଳ, ପ୍ୟାଡ଼ରେ ସୌମ୍ୟରଞ୍ଜନ ପ୍ରଧାନ, କିବୋର୍ଡ଼ରେ ରାଜକିଶୋର ସାମଲ, ସୂତାରରେ ସରୋଜ ବଡ଼ନ ସହଯୋଗ କରିଥିଲେ।

## ଏକସପ୍ତାହ ହେବ ନାବାଳିକା ନିଖୋଜ, ଥାନାରେ ଅଭିଯୋଗ

ଜଟଣୀ, (ସବ୍ୟୁ): ପ୍ରାୟ ଏକ ସପ୍ତାହ ହେବ ସ୍ଥାନୀୟ ବିଡିଏ କଲୋନୀ ଅଞ୍ଚଳର ଦଶମ ଶ୍ରେଣୀରେ ପଢୁଥିବା ନାବାଳିକା ଛାତ୍ରୀ ନିଖୋଜ ହୋଇଯାଇଥିବା ବେଳେ ଝିଅ ଚିନ୍ତାରେ ବେସାହାରା ମାଆ ର ଆଖିରୁ ଲୁହ ଶୁଖୁନାହିଁ । ନାବାଳିକାଙ୍କ ମାଆଙ୍କ ପକ୍ଷରୁ ଥାନାରେ ଦିଆଯାଇଥିବା ଅଭିଯୋଗ ସୂଚନା ମୁତାବକ ତାଙ୍କ ଝିଅ ଗତ ୨ ତାରିଖରେ ଦଶମ ପରୀକ୍ଷା ଦେଇ ଘରକୁ ଫେରିଥିଲା । ସେହି ଦିନ ସନ୍ଧ୍ୟା ୬ ଘଟିକା ୩୦ ମିନିଟ ସମୟରେ ଘରୁ ବାହାରକୁ ଆସି ଆଉ ଘରକୁ ଫେରି ନଥିଲା । ଘର ସମ୍ପର୍କୀୟ ବହୁ ଖୋଜାଖୋଜି ପରେ ନିରାଶ ହେବାରୁ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି ।

# ବରଫ କଳ କମ୍ପ୍ରେସର ଟ୍ୟାଙ୍କ ଫାଟି ଜଣେ ମୃତ, ୩ ଆହତ

ଧରାକୋଟ, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ତାଳ ପାଟଣାରେ ମଲେଇ ତିଆରି ପାଇଁ ରହିଥିବା ବରଫକଳର ମରାମତି ବେଳେ କମ୍ପ୍ରେସର ଟ୍ୟାଙ୍କ ଫାଟି ଜଣେ ମୃତ୍ୟୁ ବରଣ କରିଥିବା ବେଳେ ୩ ଜଣ ଆହତ ହୋଇଥିବା ଜଣାପଡିଛି । ଗତ କିଛି ଦିନ ହେଲା ରମେଶ ଚନ୍ଦ୍ର ମହାପାତ୍ର ମଲେଇ ବ୍ୟବସାୟ କରିବା ପାଇଁ ନିଜ ଘରେ ଏକ ଛୋଟ ଫେକ୍ଟ୍ରି ପ୍ରସ୍ତୁତ କରିଥିଲେ । ଗତ ଦୁଇ ଦିନ ପୂର୍ବରୁ ମଲାଇ ବାହର କରି ମାର୍କେଟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ । ହେଲେ ଉପଯୁକ୍ତ ଥଣ୍ଡା ନହେବାରୁ ଏହି ମେସିନ କୁ ଫିଟିଂ କରିଥିବା ମେକାନିକ ଜଗନ୍ନାଥପ୍ରସାଦ ନିକଟସ୍ଥ କୁସପଲି ଗ୍ରାମର ବିଦେଶୀ ପ୍ରଧାନ (୫୬) ଏହାକୁ ସଜାଡୁଥିବା ବେଳେ ଅଚାନକ କମ୍ପ୍ରେସର ଟ୍ୟାଙ୍କ ଫାଟି ଯାଇଥିଲା । ଘଟଣା ସ୍ଥଳରେ ପ୍ରବଳ ଶବ୍ଦ ହେବାସହ ଘରର ଟିଣଟି ଉଡିଯାଇଥିଲା । ଏଭଳି ଶବ୍ଦ ହେବା ଶୁଣି ଘର ଲୋକ ଏବଂ ପାଖ ପଡୋଶୀ ଲୋକେ ଆହତ ମିସ୍ତ୍ରୀ ବିଦେଶୀ ପ୍ରଧାନ, (୫୬), ରମେଶ ଚନ୍ଦ୍ର ମହାପାତ୍ର (୭୫),, ଶୋଭାବତୀ ମହାପାତ୍ର (୬୫) ହେମନ୍ତ ମହାପାତ୍ର (୪୮) କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଆସିକା ମେଡିକାଲ କୁ ନେଇଥିଲେ । ସମସ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ବ୍ରହ୍ମପୁର ମେଡ଼ିକାଲ ରେ ମିସ୍ତ୍ରୀ ଭାବେ କାର୍ଯ୍ୟରତ ବିଦେଶୀ ପ୍ରଧାନଙ୍କ ମୃତ ହୋଇଥିବା ବେଳେ ବର୍ତମାନ ସୁଦ୍ଧା ରମେଶ ମହାପାତ୍ର ଓ ହେମନ୍ତ ମହାପାତ୍ର ଚିକିତ୍ସାଧୀନ ଅଛନ୍ତି । ଅନ୍ୟ ପକ୍ଷରେ ଶୋଭାବତୀ ମହାପାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିବା ଜଣାପଡିଛି । ଧରାକୋଟ ପୋଲିସ ଖବର ପାଇ ଘଟଣା ସ୍ଥଳ ଏବଂ ବ୍ରହ୍ମପୁର ମେଡ଼ିକାଲ ଅଭିମୁଖେ ଯାଇ ତଦନ୍ତ ଚଳାଇବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପକ୍ରିୟା ଆରମ୍ଭ କରିଛନ୍ତି ବୋଲି ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ପ୍ରକାଶ କରିଛନ୍ତି । ଘଟଣା ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ସବ ଇନ୍ସପେକଟର ସସ୍ମିତା ପଣ୍ଡାଙ୍କ ସହ ଯୋଗାଯୋଗ ବେଳେ ଏ ସମ୍ପର୍କରେ ମୃତକ ବିଦେଶୀ ପ୍ରଧାନଙ୍କ ପୁତ୍ର ମୁନା ପ୍ରଧାନ ଏତଲା ଦେବା ପରେ ଧରାକୋଟ ଥାନାରେ ୧୦୩/୨୬ ପ୍ରକାରେ ମାମଲା ରୁଜୁ ହୋଇଛି । ବରଫକଳ ସଜାଡ଼ିବା ବେଳେ ଏପରି ଘଟଣା ଘଟିଛି ଏବଂ ଅନୁସନ୍ଧାନ କରିବା ପରେ ସତ୍ୟା ସତ୍ୟ ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି । ଆଜିର ଏହି ଘଟଣା ଧରାକୋଟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଖଣ୍ଡିକୋଟିରେ ଅଗ୍ନିକାଣ୍ଡ, ୧୫ ଛେଳିଛୁଆ ଜୀବନ୍ତ ଦଗ୍ଧ

ଭଂଜନଗର, (ସବ୍ୟୁ): ଭଂଜନଗର ଥାନା ଅନ୍ତର୍ଗତ ଖଣ୍ଡିକୋଟି ଗାଁ ନିକଟରେ ଅଗ୍ନିକାଣ୍ଡ ଘଟି ୧୫ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛି । ଏଥିରେ ଦୁଇ ବଖରା ଗୁହାଳ ଘର ସମେତ ଗୋଟିଏ ଟ୍ରାକଟର ଏବଂ ପାଣି ପମ୍ପ ପୋଡ଼ି ନଷ୍ଟ ହୋଇଯାଇଛି । ଭଂଜନଗର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି, ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏହା କୌଣସି ଦୁର୍ବୃତ୍ତଙ୍କ ଦ୍ୱାରା ଘଟିଥିବା ସନ୍ଦେହ କରାଯାଉଛି । ଏହି ଗାଁର କୟାଁସାହିରେ ରହିଥିବା ଦାମୋଦର ବିଶ୍ୱାଳଙ୍କ ଟିଣ ଗୁହାଳ ଘରେ, ଅପରାହ୍ନ ସମୟରେ ଏଭଳି ଅଗ୍ନିକାଣ୍ଡ ଘଟିଛି ।

# ନକଲି ନା ଚୋରା ସାମଗ୍ରୀ ସନ୍ଦେହ

# ଉତ୍ତରପ୍ରଦେଶର ୬ ଯୁବକ ଗିରଫ, ବହୁ ସାମଗ୍ରୀ ଜବତ

ଭଂଜନଗର, (ସବ୍ୟୁ): ବୁଲି ବୁଲି ବିକ୍ରି କରୁଥିଲେ ନାମୀଦାମୀ କମ୍ପାନର ଚିହ୍ନ ଲାଗିଥିବା ସାମଗ୍ରୀ । ଏଲଇଡି ଟିଭି, ଗ୍ୟାସ ଚୁଲା, ଘଣ୍ଟା ଭଳି, ବିଭିନ୍ନ ସାମଗ୍ରୀ । ଏମିତିକି ବଜାର ମୂଲ୍ୟ ଠାରୁ ବହୁତ ଶସ୍ତାରେ ବିକ୍ରି କରୁଥିଲେ ଗ୍ରାମାଞ୍ଚଳର ଲୋକଙ୍କୁ । କିଛି ଲୋକଙ୍କର ସନ୍ଦେହ ହେଲା । ଏନେଇ ପୋଲିସରେ ଖବର ଦେଲେ । ଘଟଣା ସ୍ଥଳରେ ପହଞ୍ଚିଲା ପୋଲିସ । ସଂପୃକ୍ତ ଯୁବକଙ୍କୁ ପଚରାଉଚରା କରିବା ସହ ବିକ୍ରି କରୁଥିବା ଜିନିଷ ଗୁଡ଼ିକର ବିଲ୍ ମାଗିଲା ପୋଲିସ । ବିକ୍ରି କରୁଥିବା ସାମଗ୍ରୀ ଗୁଡିକର କୌଣସି ପ୍ରମାଣ ଦେଖାଇ ପାରିଲେ ନାହିଁ । ପୋଲିସର ସନ୍ଦେହ ବଢିଲା



। ହୁଏତ ଚୋରି କିମ୍ବା ନକଲି ଜିନିଷ ହୋଇଥାଇପାରେ । ସେହି ସନ୍ଦେହରେ ଉତ୍ତରପ୍ରଦେଶର ସଂପୃକ୍ତ ୬ ଜଣ ଯୁବକଙ୍କୁ ଗିରଫ କରିଛି, ତାରାସିଙ୍ଗି ଥାନା ପୋଲିସ । ବିକ୍ରି କରିବାକୁ ଆଣିଥିବା ସମସ୍ତ ସାମଗ୍ରୀକୁ ମଧ୍ୟ ଜବତ ମଧ୍ୟ କରାଯାଇଛି । ଏନେଇ ଥାନା କେଶ୍ ନମ୍ବର ୬୯/୨୦୨୬ ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି ପୋଲିସ । ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ଦେଇଥିବା ସୂଚନା ପ୍ରକାରେ, ସଂପୃକ୍ତ ଯୁବକ ମାନେ ଉତ୍ତରପ୍ରଦେଶରୁ ଆସି ଭଡ଼ା ଘରେ ରହି, ବୁଲିବୁଲି ବ୍ୟବସାୟ କରୁଥିଲେ । ରବିବାର ଦିନ, ଦୁଇଜଣ ଯୁବକ ନିକଟସ୍ଥ ରାଇପଲ୍ଲୀ ଗାଁ ଆଖପାଖ ଅଞ୍ଚଳରେ ନାମୀଦାମୀ ବ୍ରାଣ୍ଡ ଲୋଗୋ ଥିବା ଟିଭିକୁ ୮୦୦୦ ଟଙ୍କାରେ ଗ୍ରାହକଙ୍କୁ ବିକ୍ରି କରୁଥିଲେ । ଏନେଇ ଲୋକେ ସନ୍ଦେହ କରି ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ଆସିବାର ଜାଣି ସେମାନେ ସେଠାରୁ ଚାଲି ଯାଇଥିଲେ । ଏହାପରେ ପୋଲିସ ତିନିଛକିଆ ନିକଟରେ ସେମାନଙ୍କୁ କାବୁ କରି ଧରିବା ସହ, ପଚରାଉଚରା କରିବା ପରେ ସେମାନେ ଧରିଥିବା ଜିନିଷର ବିଲ୍ ଦେଖାଇ ପାରିନଥିଲେ । ଲୋକଙ୍କ ଅଭିଯୋଗ ପ୍ରକାରେ, ସଂପୃକ୍ତ ଯୁବକଙ୍କୁ ସନ୍ଦେହ ହେବାରୁ, ତଦନ୍ତ ପରେ ସେମାନଙ୍କୁ ଗିରଫ କରିଥିଲା ପୋଲିସ । ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ ।

# ଇସ୍ପାତ ମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଆରମ୍ଭ ହେଲା ଅସମ୍ପୂର୍ଣ୍ଣ ରାସ୍ତା କାମ

ଗୋପାଳପୁର, (ସବ୍ୟୁ) : ଉକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନିସି ହାଟ ସ୍ଥିତ ପୁରୁଣା ତହସିଲ ରୋଡ଼ ଠାରୁ ରାଳବ, ରଙ୍ଗିପୁର ଯାଉଥିବା ରାସ୍ତାଟି ଦୀର୍ଘ ଦିନ ହେଲା ଅତି ଦୟନୀୟ ଅବସ୍ଥାରେ ଥିଲା । ଆଖ ପାଖ ପ୍ରାୟ କୋଡିଏ ଖଣ୍ଡର ଗ୍ରାମବାସୀ ଉକ୍ତ ରାସ୍ତା ଉପରେ ନିର୍ଭର କରିବା ସହ ସେମାନଙ୍କ ଦୈନନ୍ଦନ କାର୍ଯ୍ୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ମାତ୍ର ଆଜି ମାନ୍ୟବର ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଡି.ଆର.ଡି.ଏ.ର ପ୍ରତିନିଧି ବିନୋଦ ଚନ୍ଦ୍ର ମିଶ୍ର ଗ୍ରାମ୍ୟ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ରଜତ ଜେନାଙ୍କୁ ଘଟଣା ସ୍ଥଳକୁ ଡକାଇ ଉକ୍ତ ରାସ୍ତାଟି କିପରି ସମ୍ପୂର୍ଣ୍ଣ ଭାବେ ଠିକ ହେବ ଏବଂ ଅତି ଶୀଘ୍ର କେମିତି କାର୍ଯ୍ୟକ୍ଷମ ହେବା ନେଇ ଆଲୋଚନା କରିଥିଲେ । ଆଗାମୀ



ସାତ ଦିନ ମଧ୍ୟରେ ଉକ୍ତ ରାସ୍ତାଟିର ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ଗ୍ରାମ୍ୟ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ରଜତ ଜେନା ପ୍ରତିଶୃତି ଦେଇଥିବା ଜଣା ପଡିଛି । ଫଳରେ ସ୍ଥାନୀୟ ଅଞ୍ଚଳବାସୀ ମାନ୍ୟବର ମନ୍ତ୍ରୀଙ୍କ ସହ ପାନୀୟ ଜଳ ବିଭାଗର ପ୍ରତିନିଧି ତଥା ବରିଷ୍ଠ ବିଜେପି ନେତା ସନତ କୁମାର ନାୟକ, ବିଧାୟକ ପ୍ରତିନିଧି ବ୍ରଜମୋହନ ନାୟକ, ବରିଷ୍ଠ ନେତା ରାଜେଶ କୁମାର ସାହୁ, ରଜତ ପଣ୍ଡିତ, ଅଶ୍ୱିନୀ ସାହୁ, ଯୁବ ସମାଜସେବୀ ତଥା ରକ୍ତବୀର ଗୋପୀନାଥ ମହାରଣା, ଶିବ ଶଙ୍କର ନାୟକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଏପରି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

## ଆଇନଜୀବୀଙ୍କ ଘର ଉପରକୁ ବୋମାମାଡ଼ ଓ ଖଣ୍ଡା ଦେଖାଇ ଆତଙ୍କ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବଡ଼ବଜାର ଥାନା ଶ୍ରୀରାମ ନଗର ଶାନ୍ତିମାର୍ଗ ଦ୍ୱିତୀୟ ଲାଇନ ଠାରେ ରହୁଥିବା ଆଇନଜୀବୀ ମହେଶ ତ୍ରିପାଠୀଙ୍କ ଘର ଉପରକୁ ଆଜି ରାତ୍ର ପ୍ରାୟ ସାଢେ ୧୦ରେ ବୋମାମାଡ଼ ହୋଇଛି । ଖବର ପାଇ ବଡ଼ବଜାର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ପ୍ରକାରେ, ରାତ୍ର ପ୍ରାୟ ସାଢେ ୧୦ରେ ଶାନ୍ତିମାର୍ଗ ଅଞ୍ଚଳରେ ରହୁଥିବା ଆଇନଜୀବୀ ମହେଶଙ୍କ ଘର ଉପରକୁ ୪ ରୁ ୫ ଜଣ ଦୁର୍ବୃତ୍ତ ୨ଟି ବୋମା ମାଡ଼ କରିବା ସହ ଖଣ୍ଡା ଧରି ଆତଙ୍କ ଖେଳାଇ ପଳାଇଥିଲେ । ଖବର ପାଇ ପୁଲିସ ପହଞ୍ଚି ତଦନ୍ତ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରୁଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି । ବୋମାମାଡ଼ରେ ଆଇନଜୀବୀଙ୍କ ସ୍ତ୍ରୀ କମଳ କୁମାର ନାୟକ ଆହତ ହୋଇଥିବା ଜଣାପଡିଛି । ରିଙ୍କୁ ସାମଲ, ରୁଦ୍ର, ଅଶୋକ, ମେଣ୍ଟାଲ, ବିକି, ବବୁଲ, ବାଙ୍ଗେରାଙ୍କ ପ୍ରାୟ ୯ ଜଣ ଆଇନଜୀବୀଙ୍କ ଘର ପାଖକୁ ଯାଇ ଖଣ୍ଡାରେ ଆତଙ୍କ ଖେଳାଇ ବୋମାମାଡ଼ କରିଥିବା ନେଇ ଅଭିଯୋଗ ହୋଇଛି ।

# ପୁଣି ଗୁଣି ସନ୍ଦେହ: ବୟସ୍କ ବ୍ୟକ୍ତିଙ୍କୁ ବାନ୍ଧି ମରଣାନ୍ତକ ଆକ୍ରମଣ, ୧୦ ଗିରଫ

ଭଞ୍ଜନଗର, (ସବ୍ୟୁ): ଗଂଜାମରେ ପୁଣି ମୁଣ୍ଡଟେକିଲା, ଗୁଣି ସନ୍ଦେହ । ଜଣେ ବୟସ୍କ ବ୍ୟକ୍ତିଙ୍କୁ ଗାଁରେ ବାନ୍ଧି ନିସ୍ଠୁକ ମାଡ଼ ମାରିଲେ କିଛି ଲୋକ । ଅଭିଯୋଗ ପରେ, ବନ୍ଧା ହେଲେ ୧୦ ଅଭିଯୁକ୍ତ । ବେଲଗୁଣ୍ଠା ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ବେଲପୁଞ୍ଜି ଗାଁରେ ଘଟିଛି ଏଭଳି ନାରକୀୟ ଘଟଣା । ଅନ୍ୟପକ୍ଷରେ ଗୁରୁତର ବ୍ୟକ୍ତିଙ୍କୁ ଘଟଣା ସ୍ଥଳରୁ ଉଧାର କରି ବ୍ରହ୍ମପୁର ମେଡ଼ିକାଲକୁ ଚିକିତ୍ସା ପାଇଁ ପଠାଇଛି ପୋଲିସ । ଆହତ ବ୍ୟକ୍ତି ଜଣକ, ଏହି ଥାନା ଅନ୍ତର୍ଗତ ଚଢିଆପାଲି ଗ୍ରାମ ଢେପସାହିର ଗୋପାଳକୃଷ୍ଣ ସେଠୀ । ରବିବାର ବିଳମ୍ବିତ ରାତିରେ ଘଟିଛି ଏହି ଘଟଣା । ଥାନାଧିକାରୀ ରେବତୀ ଶବର ଦେଇଥିବା ସୂଚନା ପ୍ରକାରେ, ଆହତ ବ୍ୟକ୍ତିଙ୍କ ପୁଅ ଜ୍ୟୋର୍ତିମୟ ସେଠୀ, ବେଲଗୁଣ୍ଠା ଥାନାରେ ପ୍ରଥମେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ, ତାଙ୍କ ବାପା ଗୋପାଳକୃଷ୍ଣ ଜଣେ ଅବସରପ୍ରାପ୍ତ ଶିକ୍ଷକ । ସେ ମାନସିକ ବିକୃତ ଅବସ୍ଥାରେ ଚାରିଆଡ଼େ ବୁଲୁଥିଲେ । ସେହି କ୍ରମରେ ଘଟଣା ଦିନ, ସେ ବେଲ ପୁଞ୍ଜି ଗାଁ ନିକଟରେ ଥିବା ଏକ ମନ୍ଦିରରେ ରାତି ରହିଥିଲେ । ରାତିରେ ତାଙ୍କର ଚାଲିଚଳନ ଏବଂ ବେଶଭୂଷା ଦେଖି ଗାଁର କିଛି ଲୋକ, ତାଙ୍କୁ ଗୁଣିଆ ସନ୍ଦେହ କରିଥିଲେ । ଏହାପରେ ତାଙ୍କର ହାତ ବାନ୍ଧି ନିସ୍ଠୁକ ମାଡ଼ ମାରିଥିଲେ । ପରେ ସେ ଧରିଥିବା ଫୋନ୍ ଜରିଆରେ, ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ । ଏନେଇ ଆହତଙ୍କ ପୁଅ ଜ୍ୟୋର୍ତିମୟ ସେଠୀ, ବେଲଗୁଣ୍ଠା ଥାନାକୁ ଖବର ଦେବା ସହ ଲିଖିତ ଅଭିଯୋଗ କରିଥିଲେ । ଏଥିରେ ବେଲପୁଞ୍ଜି ଗ୍ରାମର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପୁରୁଷ ସଂପୃକ୍ତ ଥିବା ଜାଣିବା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପ୍ରଥମେ ଆହତଙ୍କୁ ଉଧାର କରି ମେଡିକାଲକୁ ପଠାଇଥିଲେ । ଏବଂ କିଛି ଲୋକଙ୍କୁ ଥାନାକୁ ଆଣି ଜେରା କରିବା ସହ ସୋମବାର ସନ୍ଧ୍ୟାରେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଏନେଇ ଥାନା କେଶ ନମ୍ବର ୮୯/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବେଲଗୁଣ୍ଠା ଥାନା ପୋଲିସ । ତେବେ ଗୁଣିଗାରେଡ଼ିକୁ ନେଇ ବ୍ୟାପକ ସଚେତନ ସତ୍ତ୍ୱେ ଲୋକଙ୍କ ଭିତରେ ଏଭଳି ମାନସିକତା ସୃଷ୍ଟି ହେବା ଏବଂ ଆଇନ୍‌କୁ ହାତକୁ ନେବା ଭଳି ଘଟଣା ଏବେ ସାଧାରଣ ମହଲରେ ଚର୍ଚ୍ଚା ଧରିଛି ।

## ମା'ଅମ୍ବିକା ଭଜନ ସମାରୋହର ପ୍ରଥମ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ବାରିପଦା ଗୁରୁକୁଳ ଡ୍ୟାନ୍ସ ଓ ଭିଜୁଆଲ୍ ଏକାଡେମୀ ଠାରେ ମାଅମ୍ବିକା ଭଜନ ସମାରୋହର ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଆଗାମୀ ବାସନ୍ତୀକ ଦୁର୍ଗାପୂଜାର ଅଷ୍ଟମୀ ତିଥି ମାର୍ଚ୍ଚ ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି ଭଜନ ସମାରୋହ କିପରି ସଫଳାତର ସହ ଆୟୋଜନ କରାଯିବ, ସେ ସମ୍ପର୍କରେ ଉପସ୍ଥିତ ସଭ୍ୟମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଚେୟାରପର୍ସନ ଆଡଭୋକେଟ୍ ଦୀପକ କୁମାର ଦାସ ତଥା ସଭାପତି ସନତ କୁମାର ଦାଶ ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ପ୍ରତିଶୃତି ଦେଇଥିଲେ। ସଂଗଠନର ସମ୍ପାଦକ ପ୍ରାଧ୍ୟାପକ ସୁନୀଲ ଜେନା ବିଗତ କାର୍ଯ୍ୟକ୍ରମର ଆୟବ୍ୟୟର ବିବରଣୀ ଦେବା ସହ ଚଳିତ ବର୍ଷର ଭଜନ କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିଥିଲେ। ଏ ବର୍ଷ ସ୍ଥାନୀୟ କଳାକାର ମାନଙ୍କୁ ନେଇ କାର୍ଯ୍ୟକ୍ରମ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା ।

# ରାମଣ୍ଡା ଗ୍ରାମରେ ଶ୍ରୀ ଗଣେଶ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ରାମଣ୍ଡା ଗ୍ରାମରେ ଶ୍ରୀ ଗଣେଶ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବ ଅବସରରେ କଳସ ଯାତ୍ରା, ଅଙ୍କୁରାରୋପଣ ମଣ୍ଡଳ କରଣ ଅଧିବାସ, ଦେବତା ଆମନ୍ତ୍ରଣ, ଅଗ୍ନିସ୍ଥାପନ, ବିଗ୍ରହ ଗର୍ଭଧାନ, ମନ୍ଦିର ରନିମୁଦ, ସୂର୍ଯ୍ୟପୂଜା, ଗୋପୂଜା, ଦେବତା ମହାସ୍ନାନ, ବିଗ୍ରହ ଜୀବନ୍ୟାସ, ସିଂହାସନ ଆରୋହଣ ଆଦି କାର୍ଯ୍ୟକ୍ରମ ସାଙ୍ଗକୁ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ଗୋଯଜ୍ଞ ଓ ଜପଯଜ୍ଞ ଅନୁଷ୍ଠିତ ହୋଇଥିଲା । ନାମଯଜ୍ଞରେ ଗରେଇଝୁଲି, ଭାମଶ୍ୟାଳି, ଆଦିପୁର, ବୁଗୁଡ଼ା, ରାମଣ୍ଡା ଆଦି ଗ୍ରାମର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିବା ବେଳେ ପ୍ରମୋଦ ପାଟଯୋଶୀ, ମାଧବ ଦାଶ, ଆଲୋକ ପାଟଯୋଶୀ, ଦେବାଶିଷ ଦାଶ, ରାଜେଶ ମିଶ୍ର ପ୍ରମୁଖ ପ୍ରଚାରକ ଓ ପଣ୍ଡିତଗଣଙ୍କ ଦ୍ୱାରା ବୈଦିକ କର୍ମାନୁସାରେ ପ୍ରତିଷ୍ଠା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ମହୋତ୍ସବର ଅନ୍ତିମ ଦିବସରେ ନାମଯଜ୍ଞ ସମାପନ, ଦଧିଭାଣ୍ଡ ଭଞ୍ଜନ, ନଗର ଭ୍ରମଣ ଓ ଯମୁନା ସ୍ନାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାମଣ୍ଡା ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା ।

# ୨ୟ ବାର୍ଷିକୀ ସର୍ବଭାରତୀୟ ଦିବାରାତ୍ର ଟୁର୍ଣ୍ଣାମେଣ୍ଟ
# ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଉଦଘାଟିତ

ବାରିପଦା, (ସବ୍ୟୁ) : ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରୀ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ସମ୍ମାନୀୟା ଅତିଥି ଭାବେ ଉପନଗରପାଳ ସୀମା ଦାସ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜନ କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ କୁମାର ସାହୁ, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠିଙ୍କ ସମେତ ମୁଖପାତ୍ର ନରୋତ୍ତମ




ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ କୈଳାଶ ବେହେରା, ବୈଲୋଚନ ପାତ୍ର, କୁମାର ରଞ୍ଜନ ପଣ୍ଡା, ପ୍ରଦୀପ ମିସ୍ତ୍ରୀ, ରାଜୀବ ମିସ୍ତ୍ରୀ, ସନ୍ତୋଷ କୁମାର ବରଜ, ବିନୋଦ ସିଂ ବାବୁ, ବନ ମଉଗଜ, ମହାଦେବ ପାତ୍ର ଓ ସୁମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ମୟୂରଭଞ୍ଜ ଫୁଟବଲର ପ୍ରବାଦ ପୁରୁଷ ସ୍ୱର୍ଗତ ଜଗନ୍ନାଥ ମିସ୍ତ୍ରୀଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୧୩ତାରିଖ ଦିନ ଫାଇନାଲ ମ୍ୟାଚ ଖେଳାଯିବ । ଆଜିର ପ୍ରଥମ ମ୍ୟାଚରେ କିସାନ ବ୍ରଦର୍ସ ୧-୦ ଗୋଲରେ କେନ୍ଦୁଆ ଏଫସି ଏବଂ ଏମଏସସିବି ବିଶ୍ୱବିଦ୍ୟାଳୟ ୩-୦ ଗୋଲରେ କଂଜିଆର ବିଏମ ସ୍ପୋର୍ଟିଂକୁ ପରାସ୍ତ କରିଛି ।

# ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ମହୋତ୍ସବରେ ଡ୍ରିମ୍‌ସ ଅଧ୍ୟକ୍ଷ ସମ୍ବର୍ଦ୍ଧିତ

କଟକ, (ସ୍ୱପ୍ର): ଶ୍ରୀ ଜଗନ୍ନାଥ ଭକ୍ତ ସମାଜ ଟାଙ୍ଗୀ-ଚୌଦ୍ୱାର ଆନୁକୂଲ୍ୟରେ ଟାଙ୍ଗୀସ୍ଥିତ ମା ସୁବର୍ଣ୍ଣ ବାରାହୀଙ୍କ ମନ୍ଦିର ସନ୍ନିକଟ ହାଇସ୍କୁଲ ପ୍ରାଙ୍ଗଣରେ ଆୟୋଜିତ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ମହୋତ୍ସବ ତୃତୀୟ ସଂଧ୍ୟାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମ୍ବର୍ଦ୍ଧିତ ହୋଇଛନ୍ତି । ମହୋତ୍ସବର ମୁଖ୍ୟ ପୁରୋଧା ତଥା ଅନ୍ତରାଷ୍ଟ୍ରୀୟ ଶ୍ରୀ ଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଡ. ରଥଙ୍କ ଉତ୍ତରୀୟ ଓ ମହାପ୍ରଭୁଙ୍କ ଛଡା ମାଳ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପିତାମାତା ହେଉଛନ୍ତି ସର୍ବଶ୍ରେଷ୍ଠ । ପିତାମାତାଙ୍କୁ ଭକ୍ତି, ଶ୍ରଦ୍ଧା ଓ ସମ୍ମାନ ଦେବାରେ କେବେ ବି କାର୍ପଣ୍ୟ କରିବା ଉଚିତ ନୁହେଁ । ପିତାମାତାଙ୍କ ଆଶୀର୍ବାଦ ରହିଲେ ଜୀବନର ସବୁ ସଂକଟ ଅପସରିଯାଏ । ସଫଳତା ମିଳେ । ଶ୍ରୀ ଜଗନ୍ନାଥ ସଂସ୍କୃତି ଆମକୁ ଏହି ଶିକ୍ଷା ଦେଇଥାଏ ବୋଲି ପ୍ରବଚନ ପ୍ରସଙ୍ଗରେ ବାବା ସତ୍ୟାନନ୍ଦ ଦାସ ଦିଗଦର୍ଶନ ଦେଇଥିଲେ । ଅନ୍ୟତମ ବରେଣ୍ୟ ଅତିଥି ଦିବ୍ୟଜୀବନ ସଂଘର ବରିଷ୍ଠ ସନ' ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ମହାରାଜ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ମହାତ୍ମ୍ୟ ସଂପର୍କରେ ପ୍ରବଚନ ପ୍ରଦାନ କରିଥିଲେ । ଏହି ଅବସରରେ ଯୁବ ରେଡକ୍ରସର ଜିଲା ସଂଯୋଜିକା ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକଙ୍କୁ ମଧ୍ୟ ବାବା ସତ୍ୟାନନ୍ଦ ଦାସ ସମ୍ବର୍ଦ୍ଧିତ କରିଥିଲେ ।

# ମୟୂରଭଞ୍ଜ ଛଉର ପ୍ରଥମ ମହିଳା କଳାକାରଙ୍କ ସ୍ମୃତିରେ
# ଫେସବୁକ୍-ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠା ଲୋକାର୍ପଣ

ବାରିପଦା, (ସବ୍ୟୁ) : ଆନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ଅବସରରେ ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ ତଥା ମୟୂରଭଞ୍ଜ ଛଉର ପ୍ରଥମ ମହିଳା କଳାକାରଙ୍କୁ ସମ୍ମାନ ଦେଇ ତାଙ୍କ ସ୍ମୃତିରେ ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠା ମାଆ ଅମ୍ବିକା ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ଲୋକାର୍ପଣ କରାଯାଇଛି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଉପନଗରପାଳ ସୀମା ଦାସ, ବିଶିଷ୍ଟ ନୃତ୍ୟଗୁରୁ ଅନୁବାଳା ମହାନ୍ତି, ରେଡ଼ିଓ ତଥା ଦୂରଦର୍ଶନର ବର୍ଷୀୟାନ ଗାୟିକା ଅଞ୍ଜଳି ମିଶ୍ର ଓ ଏନ୍‌ଏଚଏମ, କୁଳିଅଣା ବ୍ଲକ ମ୍ୟାନେଜର ଦେବୀ ଅର୍ଚ୍ଚନା ମହାପାତ୍ର ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ଛଉରେ ସୁମିତ୍ରା ଦେବୀଙ୍କ ପ୍ରବେଶ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ପରବର୍ତ୍ତୀ




ସମୟରେ ମହିଳା କଳାକାର ମାନଙ୍କୁ ଛଉନୃତ୍ୟ ପ୍ରତି ଆକୃଷ୍ଟ କରିଥିଲା ବୋଲି ଅତିଥିଗଣ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର ସମସ୍ତ ମହିଳା କଳାକାର ଉପସ୍ଥିତ ଥିଲେ। ଏହି ପୃଷ୍ଠାରେ ଛଉର ଭିଡିଓ, ଫୋଟୋ ଓ ସାଂସ୍କୃତିକ ସୂଚନା ବିଶ୍ୱବ୍ୟାପୀ ପ୍ରଚାର କରାଯାଇପାରିବ ବୋଲି ସାଧାରଣ ସମ୍ପାଦକ ସୁଧୀର କୁମାର ନାୟକ ଜଣାଇଛନ୍ତି। ପ୍ରକାଶ ଥାଉକି ୧୯୭୦ ଦଶକରେ ପୁରୁଷ ପ୍ରଧାନ ପାରମ୍ପରିକ ଛଉନୃତ୍ୟରେ ସୁମିତ୍ରା ଦେବୀ ପ୍ରଥମ ଛଉ ନୃତ୍ୟାଙ୍ଗନା ଭାବେ ଯୋଗଦେଇ ଇତିହାସ ରଚିଥିଲେ। ତତ୍‌ସହିତ ନିଜ ଶରୀରରେ ଛଉର ତାଣ୍ଡବ ଓ ଲାସ୍ୟ ପ୍ରକାଶ କରି ସେ ଲିଙ୍ଗ ସୀମା ଭାଙ୍ଗିବା ସହ ମହିଳା ସଶକ୍ତିକରଣର ପ୍ରଥମ ଉଦାହରଣ ପାଲଟିଥିଲେ।

# ଅଙ୍ଗନୱାଡିକର୍ମୀ ସଂଘର ରାଜ୍ୟ ସମ୍ମିଳନୀ ଉଦଯାପିତ

ଛତ୍ରପୁର, (ସବ୍ୟୁ): ନିଖିଳ ଓଡିଶା କର୍ମୀ ଅଙ୍ଗନବାଡ଼ି ସଂଘର ଦୁଇଦିନିଆ ରାଜ୍ୟ ସମ୍ମିଳନୀ ଉଦଯାପିତ ହୋଇଯାଇଛି । ଏହି ସମ୍ମିଳନୀରେ ଅଶୋକ ଦାଶ, ନିର୍ଝରାବାଳା ସାହୁ, ମାଣିକେଶ୍ୱରୀ ପଟ୍ଟନାୟକଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀରେ ସଭା ପରିଚାଳନା ହୋଇଥିଲା । ରାଜ୍ୟ ସାଧାରଣ ସମ୍ପାଦିକା ହର ପ୍ରିୟା ସ୍ୱାଇଁ ରିପୋର୍ଟ ଉପସ୍ଥାପନା କରିଥିଲେ । କୋଷାଧ୍ୟକ୍ଷା ସୌଦାମିନୀ ଦାଶ ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିନିଧି ମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଅଙ୍ଗନଓ୍ୱାଡି କର୍ମୀ ଓ ସାହାୟିକାଙ୍କ ଭତା ବୃଦ୍ଧି ପାଇଁ ଗତ ବିଧାନସଭା ନିର୍ବାଚନ ସମୟରେ ସରକାର ଘୋଷଣା କରିଥିଲେ ମଧ୍ୟ ତାହା ଏପ୍ରଯ୍ୟନ୍ତ କାର୍ଯ୍ୟକାରି କରିନାହିଁ । ପ୍ରତିଶୃତି ଅନୁଯାଇ ତୁରନ୍ତ ଭତ୍ତାବୃଦ୍ଧି କରିବା ସହ ଜାତୀୟ ଶ୍ରମ ସମ୍ମିଳନୀ ଅନୁସାରେ ଓ୍ୱାର୍କରର ମାନ୍ୟତା, ସାମାଜିକ ନିରାପତ୍ତା ଦାବିରେ ଆଗାମୀ ଏପ୍ରିଲ ୨୧ରୁ ୨୩ ତିନି ଦିନ ଧରି ପାଲ୍ୟାମେଣ୍ଟ ସମ୍ମୁଖରେ ହେଉଥିବା ଧାରଣାରେ ଓଡିଶାରୁ ହଜାର ହଜାର ଅଙ୍ଗନଓ୍ୱାଡି କର୍ମୀ ସହାୟିକା ଯୋଗ ଦେବାସହ ରାଜ୍ୟର ବିଭିନ୍ନ ଦାବୀ ନେଇ ବ୍ୟାପକ ସଂଗ୍ରାମ ନିମନ୍ତେ ସର୍ବଭାରତୀୟ ସାଧାରଣ ସମ୍ପାଦିକା ମାଧୁରୀ କ୍ଷୀରସାଗର ଆହ୍ୱାନ ଦେଇଛନ୍ତି । ଆଗାମୀ ୩ ବର୍ଷ ନିମନ୍ତେ ନୂତନ କର୍ମକର୍ତା ଚୟନ ହୋଇଥିଲା । ସଂଘ ର ସଭାପତି ଭାବେ ଅଶୋକ କୁମାର ଦାଶ, ସାଧାରଣ ସମ୍ପାଦିକା ଭାବେ ହରପ୍ରିୟା ସ୍ୱାଇଁ, କାର୍ଯ୍ୟକାରି ସଭାପତି ଭାବେ ବିଜୟ ଜେନା, ଉପସଭାପତି ମମତାଜ ଖୁଣ୍ଟିଆ, ନିର୍ଜରାବାଳା ସାହୁ, କମଳା ମୁର୍ମୁ, ନୀଳକ= ଦାଶ, ମନୋଜ ପରିଡା ଓ ଲକ୍ଷ୍ମୀପ୍ରିୟା ଦାଶ, ଉପସାଧାରଣ ସମ୍ପାଦିକା ଭାବେ ପ୍ରତିଭା ପାଲ, ବିଷ୍ଣୁପ୍ରିୟା ଜେନା ଓ ନର୍ମଦା ନାହାକ, ସମ୍ପାଦିକା ଭାବେ ପ୍ରତିମା ଦାଶ, ଆରତୀ ମହାପାତ୍ର, ସ୍ୱର୍ଣ୍ଣଲତା ପ୍ରଧାନ ଗୀତା ଦେବି ଓ କଲ୍ୟାଣୀ ସାହୁ କୋଷାଧକ୍ଷା ଭାବେ ସୌଦାମିନୀ ଦାଶ ଓ ଲକ୍ଷ୍ମୀପ୍ରିୟା ମହାପାତ୍ର ଙ୍କ ସମେତ ୩୭ଜଣିଆ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି ।

# ମହିଳା ସମିତି ପକ୍ଷରୁ ବିଶ୍ୱ ମହିଳା ଦିବସ



କଟକ, (ସ୍ୱପ୍ର): ସ୍ଥାନୀୟ ମହାନଦୀବିହାର ସ୍ଥିତ ମହିଳା ସମିତି ପକ୍ଷରୁ ସଭାପତି ନମୀତା ଦାଶଙ୍କ ସଭାପତିତ୍ୱରେ ଏବଂ ସମ୍ପାଦିକା ମଧୁସ୍ମିତା ଷଡ଼ଙ୍ଗୀଙ୍କ ସଂଯୋଜନାରେ ମହାନଦୀଭବନ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଦି ଲିଙ୍କ ଚକ୍ଷୁ ଚିକିତ୍ସାୟଳର ପ୍ରତିଷ୍ଠାତା ରୋଟାରିଆନ୍ ଡ. ଆଲୋକ କୁମାର ସାହୁ, ଏମଡିଏ ସଭାପତି ସଞ୍ଜୟ କୁମାର ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସମିତିର କାର୍ଯ୍ୟନିର୍ବାହୀ ସଭ୍ୟ ସୁଶ୍ରୀ ଇନ୍ଦୁମତୀ ଦାଶ, ସୋହାଗିନୀ ବେହେରା, ରୀନା ମିଶ୍ର, ଅନୁସ୍ୱୟା ମହାନ୍ତି, ରଶ୍ମୀ ପଣ୍ଡା, ସସ୍ମିତା ଶାବତ, ପ୍ରଣତି ଆଚାର୍ଯ୍ୟ, ସ୍ୱପ୍ନମୟୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସମିତି ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମିତିର ପୂର୍ବତନ ସଭାପତି ଚାରୁଲାତା ଷଡ଼ଙ୍ଗୀ, ଜ୍ୟୋତି ନାୟକ, କାନନ ବାଳା ସାହୁ, ବାସନ୍ତୀ ଶତପଥୀ, ସ୍ନେହ ନନ୍ଦ, ସୌଦାମିନୀ ଚୌଧୁରୀ ଏବଂ ସୁଶ୍ରୀ ଇନ୍ଦୁ ଦାସଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡା ଓ ମୁରୁଜ ପ୍ରତିଯୋଗୀତାର କୃତୀ ପ୍ରତୀଯୋଗୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଉପସଭାପତି ରୀନାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ତାମଣ୍ଡାରେ ହାତୀ ଆକ୍ରମଣ: ଜଣେ ମୃତ, ୨ ଆହତ

ଓଡାପଡା,(ସବ୍ୟୁ): ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ତାମଣ୍ଡା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେଦୁଇ ଜଣ ଆହତ ହୋଇଥିବାର ଜଣାପଡିଛି। କାଣ୍ଡବିନ୍ଧା ଗ୍ରାମ ନିକଟରେ ପଶୁପତି କମ୍ପାନୀରେ ଚାକିରି କରୁଥିବା ଯାଜପୁର ଦାମୋଦରପୁର ନଟି ସାହି ଅଞ୍ଚଳର ଯଦୁମଣି ମହନ୍ତ(୫୨)ଙ୍କ ସହିତ ଗୋପାଳ ଚନ୍ଦ୍ର ମହନ୍ତ, ହେମନ୍ତ ମହନ୍ତ ଏମିତି ଚାରି ଜଣ ସନ୍ଧ୍ୟା ସମୟରେ ନିକଟସ୍ଥ ନାଳକୁ ଶୌଚହେବାକୁ ଯାଉଥିଲେ। ଏହି ସମୟରେ ସେଠାରେ ଥିବା ଏକ ଦନ୍ତା ହାତୀ ସମ୍ମୁଖରେ ପଡ଼ିଗଲେ। ହାତୀଟି ସେମାନଙ୍କୁ ଗୋଡ଼ାଇ ଆକ୍ରମଣ କରି ଦଳି ଚକଟି ଦେବାରୁ ଘଟଣା ସ୍ଥଳରେ ଯଦୁମଣି ମହନ୍ତ ମୃତ୍ୟୁ ବରଣ କରିଥିଲେ। ଅନ୍ୟ ଦୁଇ ଜଣ ସାଂଘାତିକ ଭାବରେ ଆଘାତ ହୋଇଥିଲେ। ଖବର ପାଇ ବନବିଭାଗ ସହାୟତାରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାର ଜଣାପଡିଛି।ଢେଙ୍କାନାଳରେ ୨୫ ଦିନରେ ହାତୀ ଆକ୍ରମଣରେ ୮ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ବନ ବିଭାଗର ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠିଛି। ହାତୀ ପଲ ବାରମ୍ବାର ତାମେଣ୍ଡା , ଟାଙ୍ଗିରିପଡ଼ା , ବଳରାମପୁର , କାଶିହାଡ଼ି, ଇନ୍ଦିପୁର ଓ ଖୁଣ୍ଟୁଝରି ଆଖ ପାଖ ଅଞ୍ଚଳରେ ଗୋଟିଏ ହାତୀ ଉପଦ୍ରବ ମଣିଷ ଜୀବନ ନେଉଛି ଏବଂ ଧନ ଜୀବନ ନଷ୍ଟ କରୁଛି ।ଏପରି ପରିସ୍ଥିତିରେ ଲୋକ ମାନେ ଭୟାକୁଳ ପରିସ୍ଥିତି ଅଛନ୍ତି ।ହାତୀ ମଣିଷର ଲଢେଇରେ ନିର୍ଦ୍ଦିହ ଜୀବନ ଚାଲିଯାଉଛି । ଏହା ରୋକିବାରେ ବନ ବିଭାଗ ଦୃଢ ପଦକ୍ଷେପ ନେବା ସହିତ ସରକାର ଏଥିପ୍ରତି ଅଧିକ ଧ୍ୟାନ ଦେବାକୁ ବିଭିନ୍ନ ମହଲରୁ ଦାବୀ ହୋଇଛି।

## ନାବାଳିକାଙ୍କ ଅପରାଧିକ ମାମଲା ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ଦାବିପତ୍ର

ତାଳଚେର,(ସବ୍ୟୁ) : ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମହିଳା ବିକାଶମଞ୍ଚ (ପରିବର୍ତ୍ତନ) ଅନୁଗୋଳ ପକ୍ଷରୁ ଆଜି ତାଳଚେର କୋର୍ଟ ପରିସରକୁ ଏକ ପ୍ରତିନିଧି ଦଳ ଆସି ମହିଳା ଓ ପ୍ରାପ୍ତ ବୟସ୍କ କନ୍ୟାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧ ଆଇନ ଅନୁଯାୟୀ ଶିଘ୍ର ନ୍ୟାୟ ପ୍ରଦାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ମହିଳା ବିକାଶମଞ୍ଚ ଅନୁଗୋଳ ଜିଲ୍ଲା କନଭେନର୍ ସବିତା ଧିରଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ତାଳଚେର ଓକିଲସଂଘର ସଭାପତି ସନ୍ତୋଷ ସାହୁ ଓ ସଚିବ ମାନସ ବାଇଙ୍କୁ ଏହି ପତ୍ର ପ୍ରଦାନ କରିଥିଲେ । ସେହିପରି ମହିଳା ଆଇଜୀବୀମାନଙ୍କ ମଧ୍ୟରେ ରିସ୍ମାମଞ୍ଜରୀ ସାହୁ, ରଞ୍ଜିତା ଗଡ଼ନାୟକ, ସ୍ମୃତି ମହାନ୍ତି, ମାନସୀ ବାରିକ, ପ୍ରଭାତିନୀ ଆଚାର୍ଯ୍ୟ, ରେଣୁବାଳା ମିଶ୍ର ଓ ଅନ୍ୟାନ୍ୟ ଆଇନଜିବୀ ମାନଙ୍କୁ ଏହି ସମ୍ପର୍କରେ ଅବଗତ କରାଇବା ସହ ପତ୍ର ପ୍ରଦାନ କରିଥିଲେ । ମହିଳା ଓସ ଅପ୍ରାପ୍ତ ବୟସ୍କ କନ୍ୟାମାନଙ୍କ ବିରୋଧରେ ଘଟୁଥିବା ଅତ୍ୟାଚାର ବିଶେଷକରି ଧର୍ଷଣ ଓ ଅତ୍ୟାଚାର ଘଟଣା ଗଭୀର ଚିନ୍ତାକାରଣ ହୋଇଛି ବୋଲି ପ୍ରତିନିଧି ଦଳପକ୍ଷରୁ ପ୍ରକାଶ କରାଯାଇଥିଲା । ତେଣୁ ବିଚରା କରିବା ସହ ଦୋଷୀମାନଙ୍କୁ ଆବ୍ୟଶକୀୟ ଦଣ୍ଡ ଦିଆଯାଉ । ଏହି କାର୍ଯ୍ୟକ୍ରମରେ ମଂଚ ପକ୍ଷରୁ ପୁଷ୍ପଲତା ପ୍ରଧାନ, ଗୌରୀ ନାଏକ ନିଳକମଲ ସେଠୀ, ସୁକେସିନୀ ଭଦ୍ୟ, ପିୟମଦା ସାହୁ, ଶାନ୍ତିଲତା ନାଏକ, ପ୍ରତିମା ବେହେରା, ନମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପଣ୍ଡୁଆ ଅଞ୍ଚଳରେ ଆତଙ୍କ କରୁଛି ଦନ୍ତା



କାମାକ୍ଷାନଗର ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜରେ ଗତ କିଛିଦିନ ଧରି ଆତଙ୍କ ସୃଷ୍ଟି କରିଛି ଗୋଠଛଡା ଦନ୍ତା । ଦନ୍ତା ଟି କିଛିଦିନ ତଳେ ଅଁଳାବେରେଣୀ ଗ୍ରାମରେ ଚାରୁଲତା ନାଏକ ନାମକ ଜଣେ ମହିଳାଙ୍କୁ ଦଳି ମାରି ଦେଇଥିବା ବେଳେ ଅଁଳାବେରେଣୀ ବଜାରରେ ବୁଲୁଥିବା ନଜର ଆସିଥିଲା । ଆଜି ଦନ୍ତାଟି ଦିନ ରେ ରାସ୍ତାରେ ଆତଙ୍କ ସୃଷ୍ଟି କରିଛି । ପଣ୍ଡୁଆରୁ ଜିରାଳ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଦନ୍ତାଟି ବହୁ ସମୟ ପର୍ଯ୍ୟନ୍ତ ଛିଡାହୋଇଥିବା ବେଳେ ପଣ୍ଡୁଆ ଗାଁ ଭିତରେ ପଶି ଉତ୍ପାତ କରିଛି । ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇ ରହିଛନ୍ତି । ତେବେ ଏଗାରଟିକିଆ ହାତୀପଲମଙ୍କ ମଧ୍ୟରୁ ଏହି ଗୋଠଛଡା ଦନ୍ତାଟି ଅଁଳାବେରେଣୀ, ପଣ୍ଡୁଆ, ଅଂଚଳରେ ଭୟ ସୃଷ୍ଟି କରିଥିବା ବେଳେ ବନବିଭାଗ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରି ପାରୁନାହିଁ । ଯାହାଫଳରେ ଏହି ଅଂଚଳରେ ଲୋକ ଭୟଭୀତ ଥିବାବେଳେ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି ।

# ରାସନ ଦୋକାନରୁ ବିପୁଳ ମଦ ଜବତ



ରେଙ୍ଗାଳି ,(ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଡ ଥାନା ଭାଲିଆବେଡା ଗ୍ରାମର ଏକ ରାସନ ଦୋକାନରୁ ଗତକାଲି ରାତିରେ ଜିଲ୍ଲା ସ୍ପେଶାଲ ସ୍କ୍ୱାର୍ଡ୍ ଓ ରେଙ୍ଗାଳି ପୋଲିସର ମିଳିତ ଚଢ଼ାଉରେ ବିପୁଳ ପରିମାଣର ପେଟିପେଟି ବିଦେଶୀ ମଦ ଜବତ ହୋଇଛି । ଭାଲିଆବେଢ଼ା ଗ୍ରାମର ସୁମନ୍ତ ସାହୁଙ୍କ ଦୋକାନରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜିଲ୍ଲା ସ୍ପେସାଲ ସ୍କ୍ୱାର୍ଡ ଚଢାଉ କରି ପ୍ରାୟ ୨୬୮ଲିଟର ବିଦେଶୀ ମଦ ଜବତ କରିଛି। ବେଆଇନ ମଦ ବିକ୍ରୀ ଅଭିଯୋଗରେ ବ୍ୟବସାୟୀ ସୁମନ୍ତ ସାହୁକୁ ପୋଲିସ ଗିରଫ କରିଛି। ରେଙ୍ଗାଳି ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ ବେପାର ବଢୁଥିବା ବେଳେ ପୋଲିସ ର ମଉନେ ସମ୍ମତି ଲକ୍ଷଣକୁ ସାଧାରଣରେ ନିନ୍ଦା କରାଯାଇଛି ।

## କାଠ ବୋଝେଇ ମିନି ଟ୍ରକ ଜବତ : ୨ ଗିରଫ

ଠାକୁରମୁଣ୍ଡା,(ସବ୍ୟୁ): ରବିବାର ଭୋର ସାଢେ ୩ଟାରେ ଗ୍ରାମ ନିକଟରେ ପାଖାପାଖି ୧୦୦ ସିଏଫଟି ସାଇଜ ଚୋରା ଶାଳ କାଠ ବୋଝେଇ ଆସୁଥିବା ମିନି ଟ୍ରକ ଧରା ପଡିଛି । ସ୍ଥାନୀୟ ବନରକ୍ଷୀ କିଶୋର କୁମାର ପାତ୍ର ଡିଉଟି କରୁଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏ ସମ୍ପର୍କ ରେ ବିଭାଗକୁ ଜଣାଇବା ପରେ, କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ ଙ୍କ ନିର୍ଦ୍ଦେଶ ମତେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ଏହି ଧରପଗ ହୋଇଥିବାର ଜଣାଯାଇଛି । କେନ୍ଦୁଜିଆଣୀ ବନପାଳ ନଳିନୀ ମହାନ୍ତ, କେନ୍ଦୁମୁଣ୍ଡି ବନପାଳ ଚନ୍ଦ୍ରଭାନୁ ମହାନ୍ତ, ବାଲିପୋଷି ବନପାଳ ପ୍ରଦୀପ କୁମାର ହାଇବ୍ରୁରୁ, ଠାକୁରମୁଣ୍ଡା ବନପାଳ ବିଦ୍ୟାଧର ମହାନ୍ତ କେନ୍ଦୁଜିଆଣୀ ବନରକ୍ଷୀ ଗାୟତ୍ରୀ ମହାନ୍ତ, ଠାକୁରମୁଣ୍ଡା ବନରକ୍ଷୀ ପ୍ରମୋଦ ମହାନ୍ତ ଓ ଅନ୍ୟ ବନ କର୍ମଚାରୀ ମାନେ ଏହି ଚାଉ ରେ ସାମିଲ ହୋଇଥିଲେ । ଠାକୁରମୁଣ୍ଡା ରେଞ୍ଜ କେଶ ନଂ ୧୬୫/୨୦୨୬ ମୂଳେ ରୁଜୁ ହୋଇଥିବା ମାମଲାରେ ଦୁଇଜଣ ଅଭିଯୁକ୍ତ ସାମୁଏଲ ଆନସାରୀ ( ଝାରଖଣ୍ଡ, ଗଗନପୁର ), ସଦାନନ୍ଦ ସିଂ, (ଝାରଖଣ୍ଡ ବାହାସପୁର )ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବାର ଏବଂ ଗାଡି ନଂ ଓ ଆର ୦୪ ଏମ -୧୮୧୧ ଏକ ୪୦୭ ମିନିଟ୍ରକ ଜବତ ହୋଇଛି ବୋଲି ସୂଚନା ଦିଆଯାଇଛି ।

## ସାନହୁଲାରେ ଦୋଳଯାତ୍ରା ପାଳିତ

ଠାକୁରଗଡ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ସାନହୁଲା ଗ୍ରାମରେ ଶନିବାର ଦିନ ପାଞ୍ଚ ଦୋଳ ଯାତ୍ରା ପାଳିତ ହୋଇ ଯାଇଛି । ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ପ୍ରଭୁ ରାଧା କୃଷ୍ଣ ଙ୍କୁ ଏକ ପଟୁଆରେ ସାନହୁଲା ଗ୍ରାମ ଏକ ଶୋଭାଯାତ୍ରା ମାଧ୍ୟମରେ ନଗର ପରିକ୍ରମା କରାଯାଇଥିଲା । ବାଜା, ବାଣ , ନାମ ସଙ୍କୀର୍ତନ ସହ ଡିଜେ ସାଉଣ୍ଡ ମଧ୍ୟରେ ନଗର ପରିକ୍ରମା କରାଯାଇଥିଲା । ଶୋଭାଯାତ୍ରାରେ ଲଉଡି ବାଡି , ଘଣ୍ଟ ବାଦ୍ୟ , ମହିଳା ସଙ୍କୀର୍ତନ ଆକର୍ଷଣ ହୋଇଥିବା ବେଳେ ପ୍ରଭୁଙ୍କୁ ଯାତ୍ରା ପଡିଆକୁ ଆଣିବା ପରେ ଯାତ୍ରା ଆରମ୍ଭ ହୋଇଥିଲା। ପରିବେଷଣ ହୋଇଥିଲା । ଏଥିରେ ଗ୍ରାମର କିଶୋରୀ ଚନ୍ଦ୍ର ବେହେରା , ଚିନ୍ତାମଣି ସ୍ୱାଇଁ, ନରହରି ବେହେରା , କୃଷ୍ଣଚନ୍ଦ୍ର ସ୍ୱାଇଁ , ଶ୍ରୀକର ସ୍ୱାଇଁ, ରଜତ କୁମାର ସାହୁ , ଅଶୋକ ସାହୁ , ବୁଲେଟ ବିହାରୀ ସାହୁ ଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

# ଜିନ୍ଦଲ ଷ୍ଟିଲ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଜନ୍ମଦିନ ପାଳିତ

## ସୁସ୍ଥତା ଓ ସମ୍ପ୍ରଦାୟ ସେବାଭିତ୍ତିକ ଏକାଧିକ କାର୍ଯ୍ୟକ୍ରମ ଆୟୋଜିତ

ଅନୁଗୁଳ,(ସବ୍ୟୁ) : ଜିନ୍ଦଲ ଷ୍ଟିଲ୍ର କର୍ମଚାରୀମାନେ ଅନୁଗୁଳ ପ୍ଲାଣ୍ଟ ଏବଂ ନିକଟବର୍ତ୍ତୀ ଅଂଚଳରେ ସୁସ୍ଥତା ଏବଂ ସମ୍ପ୍ରଦାୟ ସେବା ଉପରେ କେନ୍ଦ୍ରିତ ଏକାଧିକ କାର୍ଯ୍ୟକ୍ରମ ସହିତ ଜିନ୍ଦଲ ଷ୍ଟିଲ୍ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଜନ୍ମଦିନ ପାଳନ କରିଛନ୍ତ । ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ମାର୍ଗଦର୍ଶନରେ ଜିନ୍ଦଲ ନଗର ଟାଉନସିପ୍ରେ ଯୋଗ ଅଧିବେଶନ ସହିତ ପ୍ରତ୍ୟୁଷରୁ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଅନୁଗୁଳ ଲୋକେସନ ମୁଖ୍ୟ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ୍ ଜୋନ୍) ଦାମୋଦର ମିତ୍ତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସଏମଏସ୍ ଓ ମିଲ୍ସ) ହୃଦୟେଶ୍ୱର ଝା ଏବଂ ସଭାପତି (ମାନବ ସମ୍ପଦ)ଦିଲୀପ ସିହ୍ନାଙ୍କ ସମେତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀମାନେ ଅଧ୍ୟକ୍ଷଙ୍କ ଉତ୍ତମ ସ୍ୱାସ୍ଥ୍ୟ, ସମୃଦ୍ଧି ଏବଂ ଦୀର୍ଘ ଜୀବନ ପାଇଁ ଶୁଭକାମନା ଜଣାଇବା ସହ ପ୍ରାର୍ଥନା ମଧ୍ୟ କରିଥିଲେ । କମ୍ପାନୀର ସିଏସଆର ପଦକ୍ଷେପର ଅଂଶ ଭାବରେ, ଜିନ୍ଦଲ ଫାଉଣ୍ଡେସନ୍ ଦ୍ୱାରା ଅନେକ ସମ୍ପ୍ରଦାୟ-କେନ୍ଦ୍ରିତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ପୁଷ୍ଟିକର ସଚେତନତା ଏବଂ ସ୍ୱାସ୍ଥ୍ୟ କୁ ପ୍ରୋତ୍ସାହିତ କରିବା ପାଇଁ ଜାମୁନାଳି ଗ୍ରାମରେ ଚିରଞ୍ଜିବୀ ପୁଷ୍ଟିକର ସହାୟତା ପ୍ରକଳ୍ପ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ, ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ କ୍ରୀଡା ଏବଂ ମନୋରଞ୍ଜନ କାର୍ଯ୍ୟକଳାପକୁ ଉତ୍ସାହିତ କରିବା ପାଇଁ ଏହି ଗ୍ରାମରେ ଖେଳପଡ଼ିଆର ମଧ୍ୟ ଉଦଘାଟନ କରାଯାଇଥିଲା । ଜନ ଜୀବିକା କେନ୍ଦ୍ରରେ ଏକ ନାଡ଼ି ପରୀକ୍ଷା ଏବଂ ଆୟୁର୍ବେଦିକ ଜୀବନଶୈଳୀ ପରାମର୍ଶ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା, ଯାହା ପାରମ୍ପରିକ ସୁସ୍ଥତା ଅଭ୍ୟାସ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟ ସେବାକୁ ପ୍ରୋତ୍ସାହିତ କରିଥିଲା । ଏକତା ଓ ଉତ୍ସବର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ କର୍ମଚାରୀମାନଙ୍କ ପାଇଁ ପ୍ଲାଣ୍ଟର ସମସ୍ତ କ୍ୟାଣ୍ଟିନରେ ମଧ୍ୟାହ୍ନ ଭୋଜନର ଆୟୋଜନ କରାଯାଇଥିଲା । ସୁଇମିଂ କମ୍ପ୍ଲେକ୍ସରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ପାଇଁ ଏକ ସନ୍ତରଣ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଭିନ୍ନ ବର୍ଗର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ସିଏସ୍ଆର କେନ୍ଦ୍ରଗୁଡ଼ିକରେ କେକ୍ କାଟି ଜନ୍ମଦିନ ଉତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ଏକ ଭର୍ଚୁଆଲ୍ କୁଇଜ୍ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା ।ଏହି ଭଳି ଏକାଧିକ ପଦକ୍ଷେପ ଜରିଆରେ ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ସୁସ୍ଥତା, ସମ୍ପ୍ରଦାୟ ବିକାଶ ଏବଂ କର୍ମଚାରୀଙ୍କୁ ଯୋଡ଼ି ରଖିବା ଭଳି ଉଦ୍ୟମ ହୋଇଥିଲା । ଯାହା ଜିନ୍ଦଲ ଷ୍ଟିଲର ପ୍ରତିବଦ୍ଧତା ଏବଂ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୃଷ୍ଟିକୋଣ ଏବଂ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି ।

# ପାଲଲହଡା ମହୋତ୍ସବ-୨୦୨୬: ୨୮ରୁ ଆରମ୍ଭ



ପାଲଲହଡା,(ସବ୍ୟୁ):ଆଜି ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷ ପରିସରରେ ପାଲଲହଡା ମହୋତ୍ସବ-୨୦୨୬ ର ଆୟୋଜନ ପାଇଁ ଆୟୋଜନ କମିଟିର ସାଧାରଣ ସମ୍ପାଦକ ପାଲଲହଡା ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ତଥା ଉପଖଣ୍ଡ ଆରକ୍ଷୀ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ୍ ମିଶ୍ର, ତହସିଲଦାର ସୁଶ୍ରୀ ଆକାଂକ୍ଷା ମହାପାତ୍ର, ଡେପୁଟି କଲେକ୍ଟର ସୁଶ୍ରୀ ସାହୁ,ବିଧାୟକଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ବିଜେପି ମଣ୍ଡଳ ସଭାପତି ଆଶିଷ କୁମାର ସାମଲଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ମଧ୍ୟ ଯୋଗ ଦେଇ ମହୋତ୍ସବକୁ ଅଧିକ ସରସ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ବୈଠକରେ ଆସନ୍ତା ୨୮, ୨୯ ଏବଂ ୩୦ ମାର୍ଚ୍ଚ ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ପାଲଲହଡା ମହୋତ୍ସବର ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା । ସ୍ଥାନୀୟ କଳାକାରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବିଶେଷ କରି ଫକୀର ମୋହନ ସେନାପତିଙ୍କ କର୍ମସ୍ଥଳୀ ପାଲଟିଥିବା ପାଲଲହଡାର ତତ୍କାଳୀନ ରାଜାରାଜୁଡା ଅମଳର ଜମିଦାରୀ ଶାସନର ମୁକ ସାକ୍ଷୀ ସାଜିଥିବା ପୁରୁଣା ଐତିହ୍ୟ ଛଅ ମାଣ ଆଠ ଗୁଣ୍ଠ ର ପୁନଃରୁଦ୍ଧାର ଓ ଏହାକୁ ମନେରଖିବା ପାଇଁ ସମସ୍ତ ପ୍ରକାର ସେଲ୍ଫି ପଏଣ୍ଟ କୁ ଆକର୍ଷିତ କରିରଖିବାକୁ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଗୁରୁତ୍ୱାରୋପ କରିଥିଲେ । ପଲ୍ଲୀଶ୍ରୀ ମେଳା ଆୟୋଜନ, ବିଭିନ୍ନ କମିଟି ଗଠନ ଏବଂ ଆଇନଶୃଙ୍ଖଳା ରକ୍ଷା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା । ପାର୍କିଂ ବ୍ୟବସ୍ଥା, ମଶାଲ ଶୋଭାଯାତ୍ରା, ଯୁବସ୍ୱେଚ୍ଛାସେବୀ ନିୟୋଜନ, ଅବସରପ୍ରାପ୍ତ ଯବାନଙ୍କୁ ସାମିଲ, ପରିମଳ ବ୍ୟବସ୍ଥାର ସୁପରିଚାଳନା,ଅଗ୍ନିଶମ ଏବଂ ଚିକିତ୍ସା ସେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରାଯାଇଥିଲା । ୟୁଟ୍ୟୁବ, ଇନଷ୍ଟାଗ୍ରାମ , ଫେସବୁକ୍ ମାଧ୍ୟମରେ ପ୍ରଚାର ପ୍ରସାର କରାଯିବ ନିଷ୍ପତି ନିଆଯାଇଥିଲା ।

## ସରକାରୀ ଜମିରେ ବେଆଇନ ରାସ୍ତା ନିର୍ମାଣକୁ ବିରୋଧ: ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ୮ ନମ୍ବର ୱାର୍ଡ ମହିଷାପାଟ ହାଉସିଂ ବୋର୍ଡ କଲୋନୀ ଫେଜ-୨ପାର୍ଶ୍ୱବର୍ତ୍ତୀ ସରକାରୀ ଜମିରେ ବେଆଇନଭାବରେ ରାସ୍ତା ନିର୍ମାଣକୁ ବିରୋଧ କରିବା ସହିତ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୌରାଞ୍ଚଳ ଅନ୍ତର୍ଗତ ୮ ନମ୍ବର ୱାର୍ଡ ମହିଷାପାଟ ହାଉସିଂ ବୋର୍ଡ କଲୋନୀ ଫେଜ-୨ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କେତେକ ମୁଷ୍ଟିମେୟ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରିବା ସହିତ ସରକାରୀ ଜମିରେ ବେଆଇନଭାବରେ ରାସ୍ତା ନିର୍ମାଣ କରୁଛନ୍ତି। ଏହି ରାସ୍ତା ନିର୍ମାଣ ପରେ ସରକାରୀ ଜମିକୁ ଦଲାଲ ଏବଂ ମଧ୍ୟସ୍ଥିଙ୍କ ଜରିଆରେ ପଛ ପାର୍ଶ୍ୱରେ ଥିବା ବ୍ୟକ୍ତିଗତ ଜମିକୁ ରାସ୍ତା ସୁବିଧା ଦେଇ ଅଧିକ ଦରରେ ବିକ୍ରୀ କରିବାକୁ ଯୋଜନା କରିଛନ୍ତି। ହାଉସିଂ ବୋର୍ଡ ଦ୍ୱାରା କଲୋନୀ ଭିତରେ ଯେଉଁ ରାସ୍ତା ନିର୍ମାଣ ହୋଇଛି ସେଥିପାଇଁ କଲୋନୀବାସିନ୍ଦା ଅର୍ଥପ୍ରଦାନ କରିଥିବା ବେଳେ ଏହା କେବଳ କଲୋନୀ ବାସିନ୍ଦାମାନଙ୍କ ପାଇଁ ସମିତ ରହିଛି। କିନ୍ତୁ କେତେକ ମାଫିଆ ସରକାରୀ ଜମିକୁ ଜବରଦଖଲ କରିବା ସହିତ ରାସ୍ତାକୁ ବ୍ୟବହାର କରିବା ଉଦ୍ଦେଶ୍ୟରେଏକ ନୂତନ ରାସ୍ତା ନିର୍ମାଣ କରୁଛନ୍ତି। ଏହା ଦ୍ୱାରା କଲୋନୀ ବାସିନ୍ଦା ମାନଙ୍କର ସୁରକ୍ଷା,ଗୋପନୀୟତା,ଶାନ୍ତିପୂର୍ଣ୍ଣପରିବେଶ ଉପରେ ପ୍ରଭାବ ପଡିବା ସହିତ ସମସ୍ତଙ୍କ ପାଇଁ ସୁରକ୍ଷା ସମସ୍ୟା ସୃଷ୍ଟି ହେବ। ଏଣୁ ଏହାକୁ ତୁରନ୍ତ ବନ୍ଦ କରାଯିବା ସହିତ ପଦକ୍ଷେପ ନେବାକୁ ବାଜିରାଉତ ହାଉସିଂ ୱେଲଫେୟାର ସୋସାଇଟି ତରଫରୁ ସଭାପତି ଚନ୍ଦ୍ରକାନ୍ତ ଶତପଥୀ,ସଚିବ ଶିଶିର କୁମାର ଶତପଥୀଙ୍କ ସହିତ ଅନ୍ୟମାନେ ଲିଖିତ ଭାବରେ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି।

## କୁଳଡିହା ବନବିଭାଗର ସଚେତନତା ଗଣଦୌଡ

ନୀଳଗିରି,(ସବ୍ୟୁ): ଜଙ୍ଗଲକୁ ନିଆଁଦାଉରୁ ସୁରକ୍ଷାଦେବା ପାଇଁ ଏକ ସଚେତନତା ଗଣଦୌଡ଼ କାର୍ଯ୍ୟକ୍ରମ ନୀଳଗିରି କୁଳଡ଼ିହା ବନବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି ଗଣଦୌଡ଼ କଳାକାଦ ଛକଠାରୁ ଆରମ୍ଭହୋଇ କୁଳଡ଼ିହା ବାଲିଆନାଳ ଗେଟ୍ ପର୍ଯ୍ୟନ୍ତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଫିତାକାଟି ଶୁଭାରମ୍ଭ କରିବାସହିତ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ। ଦୀର୍ଘ ୧୦କିଲୋମିଟର ବ୍ୟାପି ଏହି ଗଣଦୌଡ଼ରେ ଶହେ ପାଖାପାଖି ଜନସାଧାରଣ ଓ କଲେଜଛାତ୍ର ଭାଗନେଇଥିବା ବେଳେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ପରେ ସମସ୍ତ ଜନସାଧାରଣ ବାଲିଆନାଳ ଗେଟ୍ ଠାରେ ପହଞ୍ଚିବା ପରେ ଏକସଭାର ଆୟୋଜନ କରାଯାଇଥିଲା।ଏଥିରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ବରହମପୁର ଆଇଆଇସି ପ୍ରେମଦା ନାୟକ, କୁଳଡ଼ିହା ରେଞ୍ଜର ସୁବ୍ରତ ବେହେରା, ପରିବେଶବିତ୍ ପ୍ରକାଶ ମର୍ଦ୍ଦରାଜ ପ୍ରମୁଖ ଉପସ୍ଥିତରହି ଆଗାମୀ ଗ୍ରୀଷ୍ମଋତୁକୁ ଅଖିଆଗରେ ରଖି ନିଆଁଦାଉରୁ ଜଙ୍ଗଲକୁ ସୁରକ୍ଷାପ୍ରଦାନ କଲେ ଜୀବଜନ୍ତୁ ସୁରକ୍ଷା ସହ ପରିବେଶ ପ୍ରଦୂଷଣରୁ ମୁକ୍ତହୋଇ ଏକ ସୁସ୍ଥସମାଜ ଗଠନ ହୋଇପାରିବ ବୋଲି ଅଭିଭାଷଣ ରଖିଥିଲେ। ଗଣଦୌଡ଼ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଯୁବକଙ୍କୁ ୫ହଜାର ଟଙ୍କା,୩ହଜାରଟଙ୍କା ଓ ୨ହଜାର ଟଙ୍କା ସହିତ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

## ରାମେଶ୍ୱରପାଟଣାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ ତାଜ କ୍ରିକେଟ କ୍ଲବ

ଆଠମଲ୍ଲିକ,(ସବ୍ୟୁ) : ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ଉପଖଣ୍ଡ ୯ ନମ୍ବର ୱାର୍ଡ ରାମେଶ୍ୱରପାଟଣା ରେ ମା ରୁଦ୍ରଭବାନୀ କ୍ଲବ ଆନୁକୂଲ୍ୟରେ ରାତ୍ରି କାଳୀନ ସାର୍କିଲ କ୍ରିକେଟ ଟର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦଟନୀ ଦିବସ ର ପ୍ରଥମ ମ୍ୟାଚ ବିଗ ବ୍ରଦର୍ସ ଓ ୱେଷ୍ଟ ବେଙ୍ଗଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ୱେଷ୍ଟ ବେଙ୍ଗଲ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ତାଜ କ୍ଲବ ଓ ଟିମ ଡ୍ରାଗନ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ତାଜ କ୍ରିକେଟ କ୍ଲବ ବିଜୟୀ ହୋଇଥିଲା । ତୃତୀୟ ମ୍ୟାଚ ତଥା କ୍ୱାର୍ଟର ଫାଇନାଲ ମ୍ୟାଚ ତାଜ କ୍ରିକେଟ କ୍ଲବ ଓ ୱେଷ୍ଟ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ତାଜ କ୍ରିକେଟ କ୍ଲବ ବିଜୟ ଲାଭ କରି ସେମି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ଅମ୍ପାୟାର ଭାବରେ ଶ୍ରୀଧର ପଣ୍ଡା, ଆରୀୟନ ବେହେରା ଖେଳ କୁ ପରିଚାଳନା କରିଥିବା ବେଳେ ସ୍କୋର ର ଭାବେ ରମନ ପ୍ରଧାନ ଏବଂ ଧାରା ବିବରଣୀ ପ୍ରଦାନ କରିଥିଲେ କମଳ ବାହୁକ । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ଏନ ଏ ସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ସମ୍ମାନିତ ଅତିଥି ଭାବରେ ଆଇ ଆଇ ସି ବିକାଶ କୁମାର ସାମଲ, ଯୁବ ସାମ୍ବାଦିକ କମଳାକାନ୍ତ ମିଶ୍ର, ସ୍ୱେଚ୍ଛାସେବୀ କୃଷ୍ଣଚନ୍ଦ୍ର ଭୋକ୍ତା, ଏନ ଏ ସି କାର୍ଯ୍ୟାଳୟ ର ଆକାଉଣ୍ଟାଣ୍ଟ ନିର୍ମଳ ବେହେରା ଯୋଗ ଦେଇ ଫିତା କାଟି ଖେଳ କୁ ଉଦଘାଟନ କରିବା ସହ ଉଭୟ ଦଳ ର ଖେଳାଳି ମାନଙ୍କ ସହିତ କର ମର୍ଦନ କରି ଉତ୍ସାହିତ କରିଥିଲେ । ମା ରୁଦ୍ର ଭବାନୀ କ୍ଲବ ରାମେଶ୍ୱର ପାଟଣା ର ସଭାପତି ଶାଲ କୁମାର ସାହୁ, ସମ୍ପାଦକ ଯୁଧିଷ୍ଠିର ମହାକୁଡ଼, କୋଷାଧକ୍ଷ ଶୁଭ୍ରାଂଶୁ ଶେଖର ଭୋକ୍ତା, ସଦସ୍ୟ ଶୁଭ୍ରାଂଶୁ ଶେଖର ସାହୁ,ସୁଧାଂଶୁ ଶେଖର ଭୋକ୍ତା,କରନ ପାଣ୍ଡେ,ଶକ୍ତି ବେହେରା, ଗୋବିନ୍ଦ ପାଣ୍ଡେ, ରଞ୍ଜିତ ରଣା, ସିଲୁ ଦେହୁରୀ,ସିପୁନ କଉଡ଼ି, ରିତେଶ ପାଣ୍ଡେ, ଚକ୍ରଧର ବାହୁକ,ଗୋବର୍ଦ୍ଧନ ମାଝୀ,ସୁଧୀର ବାଘଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ କୁ ପରିଚାଳନା ରେ ସହଯୋଗ କରିଥିଲେ ।

## କବିତା ସଂକଳନ ଦିବ୍ୟଜନ୍ମା ଲୋକାର୍ପଣ



ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡାସ୍ଥିତ ପ୍ରମିଳା ହୋଟେଲ ସଭାକକ୍ଷରେ କବୟିତ୍ରୀ ପଦ୍ମାବତୀ ସିହ୍ନାଙ୍କ ରଚିତ ପ୍ରଥମ କବିତା ସଙ୍କଳନ ଦିବଯଜନ୍ମା ଲୋକାର୍ପିତ ହୋଇଯାଇଛି । ପଦ୍ମଲୋଚନ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ, ନାଟ୍ୟକାର ତଥା ରାଷ୍ଟ୍ରୀୟ ମାଆ ପରିବାର ଅଧ୍ୟକ୍ଷ ଡ଼ ମନୋରଞ୍ଜନ ଦାଶ, ମୂଖ୍ୟ ବକ୍ତା ଭାବେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ନାରୀନେତ୍ରୀ ତଥା ପୂର୍ବତନ ଉପାଅଧ୍ୟକ୍ଷ ସୁଶ୍ରୀ ଜବାମଣି ଟୁଡୁ, ଶିବାଶ୍ରେତା ସିହ୍ନା ,ମାଣ୍ଟା ସିହ୍ନା ଓ କବୟିତ୍ରୀ କୁମୁଦିନୀ ପତି ପ୍ରମୁଖ ଯୋଗଦେଇଥିଲେ । ଝିଅ ଦିବ୍ୟାଞ୍ଜଳି ସିହ୍ନା ଜୋଇଁ ଜନ୍ମେଜୟ ପ୍ରଥମ ବିବାହ ବାର୍ଷିକ ଉତ୍ସବରେ ଏହି କବିତା ସଙ୍କଳନଟି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଲୋକାର୍ପିତ ହୋଇଥିଲା।କବି ଦେବେନ୍ଦ୍ର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।କବିୟିତ୍ରୀ ପଦ୍ମାବତୀ ସିହ୍ନା ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ ସ୍ୱାଗତ କରିବା ସହିତ ସ୍ୱାଗତଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ଗାଳ୍ପିକ ସୁରେନ୍ଦ୍ର ନାଥ ମହାନ୍ତ, ଦିଲ୍ଲୀପ କୁମାର ସିହ୍ନା,ପ୍ରଦୀପ କୁମାର ସିହ୍ନା,ସୁମିତା ରାମ , ଲକ୍ଷୀପ୍ରିୟା ସିହ୍ନା,ଦେବାଶିଷ ସିହ୍ନା ଓ ଆରାଧ୍ୟା ,ହୀରାଲାଲ ମହାନ୍ତ, ଗଣମାଧମ ର ପ୍ରତିନିଧି ଯୋଗ ଦେଇଥିଲେ ।ଶେଷରେ ଯୋଗେନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବଇଣ୍ଡା ,(ସବ୍ୟୁ) : ଅନୁଗୋଳରନାରୀ ସୁରକ୍ଷା ସମିତି ପକ୍ଷରୁ କ୍ଷୀରୋଦ ବାସିନୀ କନ୍ୟାଶ୍ରମ ଯାମୁନାଳି ଠାରେ ମହିଳା ଦିବସ ପାଳନ କରାଯାଇ ଅଛି। ଏଥିରେ ଅତିଥି ଭାବେ ବ୍ଲକ ଅଧକ୍ଷା ସୁମିତ୍ରା ମାଝୀ, ଛେଣ୍ଡିପଦା, ଜିଲ୍ଲାପରିଷଦ ସଭ୍ୟ,ପ୍ରଦୀପ ସାହୁ, କୋଶଳା , ଚାଇଲ୍ଡ ହେଲ୍ପ ଫାଉଣ୍ଡେସନ ତରଫରୁ ଜୟନ୍ତ ପରିଡ଼ା,ଜନତା ମହା ବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଅଧ୍ୟାପକ, କୃଷ୍ଣ ଚନ୍ଦ୍ର ଧିର ବିଶୋଇ, ନାରୀ ସୁରକ୍ଷା ସମିତି ର ପ୍ରତିଷ୍ଠାତା ସ୍ମିତା ରାଣୀ ପଟ୍ଟନାୟକ, ସଭାପତି, ଶାନ୍ତି ଲତା ନାୟକ, ନାରୀ ନେତ୍ରୀ ଅଞ୍ଜଳି ସାହୁ, ରାନୀ ଦିଣ୍ଡା , ମନୋରଞ୍ଜନ ପାଣି, ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ଥିଲେ। ନାରୀମାନଙ୍କ ସମାନ ଅଧିକାର , ସମ୍ମାନ ସହ ବଞ୍ଚିବାର ବାଟ ବାହାର କରିବାକୁ ହେଲେ ସେମାନଙ୍କର ସୁରକ୍ଷା ପାଇଁ ନୂତନ ଆଇନ୍ ପ୍ରଣୟନ କରିବା ଅପରିହାର୍ଯ୍ୟ। ମହିଳା ମାନଙ୍କ ଆର୍ଥିକ ଉନ୍ନତି ପାଇଁ ଆର୍ଥିକ ସହାୟତା ଯେପରି ପ୍ରମୁଖ ଅଂଶ, ସେହିପରି ଭିତିଭୂମି ସ୍ଥାପନ କରି ପ୍ରତ୍ୟେକ କ୍ଷେତ୍ରରେ ନୀତି ପ୍ରଚଳନ କଲେ ସେମାନେ ସଶକ୍ତି ସମ୍ପୂର୍ଣ୍ଣ ହୋଇ ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ ।ଉକ୍ତ ସମାବେଶକୁ ଅଧ୍ୟକ୍ଷତା କରି ଥିଲେ ସ୍ମିତାରାନୀ ପଟ୍ଟନାୟକ ଶେଷରେ ସି,ଏଚ,ଏଫ, ଭୁବନେଶ୍ୱର ରୁ ଆସିଥବା ମୁଖ୍ୟ ପରିଚାଳକ ଙ୍କୁ ଶ୍ରେଷ୍ଟ ସମାଜସେବୀ ଭାବେ ମାନପତ୍ର, ଉପଢୌକନଦ୍ୱାରା ସମ୍ମାନିତ କରାଯାଇଥିଲା। ଏତତବ୍ୟତୀତ ୨୦ ଜଣ କର୍ମଜିବୀ ମହିଳା, ମେଧାବୀ ଛାତ୍ରୀ, ସଂଗଠିକା ଓ ପରୋପକାରୀ ମହିଳାଙ୍କୁ ପ୍ରମାଣପତ୍ର, ଉପଢୌକନ ଏଥିରେ ମେରା ଯୁବ ଭାରତ ଓ ୟୁଥ୍ ଅଫେୟାର, ଭାରତ ସରକାର ଙ୍କ ତରଫରୁ ସହାୟତା ପ୍ରଦାନ କରିଥିଲେ। କ୍ଷୀରୋଦ ବାସିନୀ କନ୍ୟାଶ୍ରମ ର ଅନ୍ତେବାସିନୀ ମାନେ ଏକ କ୍ଷୁଦ୍ର ନାଟିକା ପ୍ରଦର୍ଶନ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ନାଟକ ଆମ ରଜ୍ୟର ବହୁ ଚର୍ଚ୍ଚିତ ପରୀର କାହାଣୀ ଉପରେ ଆଧାରିତ, ନାରୀ ସୁରକ୍ଷା କବଚ ଭାବେ ଆମ ବ୍ୟବସ୍ଥା ଓ ସମାଜ କୁ ସୁଧାର ଆଣିବାରେ ସଚେତନତା ବାର୍ତ୍ତା ଦେଇ ଥିଲେ।ଶେଷରେ ଅଞ୍ଜନା ମହାକୁଡ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଏଫ୍ଇସି ପକ୍ଷରୁ ମହିଳା ଦିବସ ପାଳିତ



କାମାକ୍ଷାନଗର ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ୫ଟି ପଞ୍ଚାୟତରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ମହିଳା ଦିବସ ପାଳିତ ହୋଇଯାଇଛି।କାମାକ୍ଷାନଗର ବ୍ଲକର ସାରୁଆଳି, ବାରୁଆ (କା ), ସୋଗର, କୋଟଗରା ଓ କାନ୍ଦୁଆ ଗ୍ରାମ ପଞ୍ଚାୟତରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍ଇସି ) ସଂସ୍ଥା ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି ।ବିଭିନ୍ନ ଗ୍ରାମର ଗ୍ରାମପଞ୍ଚୟତ ସ୍ତରୀୟ ମହିଳା କର୍ମକର୍ତ୍ତାଙ୍କୁ ନେଇ ଏହି ଦିବସ ପାଳନ କରାଯାଇଛି।ବର୍ତମାନ ସମାଜରେ ମହିଳା ମାନଙ୍କ ସ୍ଥାନ ସ୍ୱତନ୍ତ୍ର ଥିବାବେଳେ ମହିଳା ମାନଙ୍କୁ କିପରି ଉଚିତ୍ ସମ୍ମାନ, ସଶକ୍ତ, ସମାନତା ମିଳିପାରିବ ସେ ନେଇ ଶତାଧିକ ମହିଳାଙ୍କୁ ସଚେତନ କରାଯାଇଥିଲା ।ଏଫଇସିର ଫିଲଡ଼ ସୁପରଭାଇଜର ସୁପ୍ରିୟା ସାହୁ ଏବଂ ମାଷ୍ଟର ଟ୍ରେନର ହୃଷିକେଶ ସାହୁ ଏ ନେଇ ମହିଳା ମାନଙ୍କୁ ସଚେତନ କରାଇବା ସହ ତାଲିମ ପ୍ରଦାନ କରିଥିଲେ ।ସୁସ୍ଥ ସମାଜ ଗଠନ ପାଇଁ ବିଭିନ୍ନ ବର୍ଗର ସହଯୋଗରେ ମହିଳା ମାନେ ଆତ୍ମନିର୍ଭରଶୀଳ ହେବା ସହ ପରିବାର ଓ ପରିବେଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ସଚେତନ କରାଯାଇଥିଲା ।କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ପଞ୍ଚାୟତରେ ଶତାଧିକ ମହିଳା ଉପସ୍ଥିତ ରହି ପରିବେଶ ସୁରକ୍ଷାକୁ ଆଗେଇ ନେବା ପାଇଁ ଶପଥ ଗ୍ରହଣ କରିବା ସହ ଏକ ସୁସ୍ଥ ଓ ସ୍ୱଚ୍ଛ ସମାଜ ଗଠନରେ ସେମାନେ ଆଗେଇଆସିବା ନେଇ ଆଲୋଚନା ହୋଇଥିଲା ।

# ଲଖନପୁର ବ୍ଲକରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,(ସବ୍ୟୁ) : ଲଖନପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୪୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୮ଟି ସାମୂହିକ ଓ ୩୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ଜିଲ୍ଲାପାଳ ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟାକୁ ଗୁରୁତ୍ୱର ସହ ଶୁଣିବା ସହ ସେଗୁଡ଼ିକର ସମୟାନୁବର୍ତ୍ତୀ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ସରକାରୀ କାର୍ଯ୍ୟରେ ଅହେତୁକ ବିଳମ୍ବ କରୁଥିବା ଏବଂ ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ଆଗାମୀ ଦିନରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି । ଏଥିସହ ଆସନ୍ନ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ଜନସାଧାରଣଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇଦେବା ସହ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ଯତ୍ନବାନ ହେବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଲଖନପୁର ବ୍ଲକ ଉନ୍ନୟନ ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟାର ସମାଧାନ ଦିଗରେ ଆଲୋଚନା କରିଥିଲେ ।



# ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କଲେ ପାଇକମାଳ ବ୍ଲକ୍ ଅଧକ୍ଷା

ପଦ୍ମପୁର,(ସବ୍ୟୁ): ଗ୍ରାମାଞ୍ଚଳରେ ତଥା ପଞ୍ଚାୟତ କ୍ଷେତ୍ରରେ କିଛି ସମସ୍ୟା ହେଲେ ବିଡ଼ିଓଙ୍କୁ ଅଭିଯୋଗ କରିଥାନ୍ତି । ଯଦି ପ୍ରଶାସନିକ ଅଧିକାରୀ ତାଙ୍କ ଅଭିଯୋଗର ସମସ୍ୟା ସମାଧାନ କରନ୍ତି ତେବେ ବ୍ଲକ ଅଧକ୍ଷ ବା ବ୍ଲକ ଅଧକ୍ଷଙ୍କୁ ଅଭିଯୋଗ କରିଥାନ୍ତି । ହେଲେ ସେହି ନିର୍ବାଚିତ ପ୍ରତିନିଧି ବା ବ୍ଲକ ଅଧକ୍ଷଙ୍କ ଅଭିଯୋଗକୁ ନ ଶୁଣିବାରୁ ସେ ତାଙ୍କ ଅଭିଯୋଗ ନେଇ ବରଗଡ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଫେରାଦ ହୋଇଥିବା ଦେଖିବାକୁ ମିଳିଛି । ପଦ୍ମପୁର ଉପଖଣ୍ଡ ପାଇକମାଲ ଠାରେ ବରଗଡ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣିରେ ପାଇକମାଲ ବ୍ଲକ ଅଧକ୍ଷା ଭାବନୀ ସିଂ ପ୍ରଶାସନିକ ଅଧିକାରୀଙ୍କ ବିରୁଦ୍ଧରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ ଶିଶୁ,କିଶୋରୀ ଓ ମାତୃ ମାନଙ୍କ ପୁଷ୍ଟିକର ସ୍ୱାସ୍ଥ୍ୟ ପାଇଁ ସରକାରଙ୍କ ତରଫରୁ ମାଗଣାରେ ଛତୁଆ ଯୋଗାଇ ଦିଆ ଯାଉଛି । ହେଲେ ପାଇକମାଲ ବ୍ଲକ ଗୋଇବାହାଲ ଗାଁର ମାଁ ସମଲେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ ନାମକ ଏକ ସଂସ୍ଥା ପାଇକମାଲ ବ୍ଲକର ୨୨ ଗୋଟି ପଞ୍ଚାୟତରେ ଛତୁଆ ତିଆରି ଓ ବଣ୍ଟନ ଦାୟିତ୍ୱରେ ରହିଛି । ହେଲେ ସେ ନିମ୍ନ ମାନର ଛତୁଆ ତିଆରି କରୁଛି ଯାହାକି ଦେହ ପାଇଁ କ୍ଷତିକାରକ । ଛତୁଆରେ ପୋକ ମଧ୍ୟ ବାହାରୁଥିବା ହିତାଧିକାରୀ ମାନେ ତାଙ୍କୁ ଅଭିଯୋଗ କରିଥିଲେ । ଏ ବିଷୟରେ ବ୍ଲକ ଅଧକ୍ଷା ବିଭାଗୀୟ ଅଧିକାରୀ ଡିଏସଡବ୍ଲୁଓଙ୍କୁ ବାରମ୍ବାର ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ସେମାନେ ଛତୁଆ ବଣ୍ଟନକାରୀ ସଂସ୍ଥା ସହ ମିଶି କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି । ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି କି ବିଭାଗୀୟ ଅଧିକାରୀ ମାନେ ଛତୁଆ ବଣ୍ଟନକାରୀ ସଂସ୍ଥା ଠାରୁ ଅର୍ଥରାଶି ଗ୍ରହଣ କରି କେବଳ ଗୋଟିଏ ସଂସ୍ଥାକୁ ଛତୁଆ ତିଆରି ତଥା ବଣ୍ଟନ ଦାୟିତ୍ୱ ଦେଇଥିବାରୁ ସେ ନିଜ ମନଇଚ୍ଛା କାମ କରୁଛି । ଏ ବିଷୟରେ ବରଗଡ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କୁ ଜଣାଇବାରୁ ସେ ଏ ବିଷୟରେ ତଦନ୍ତ କରିବା ସହ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

## ବାଇକ ଧକ୍କାରେ ଆଜି ଆଖି ବୁଜିଲେ ଡ଼ାକ୍ତରୀ ଛାତ୍ରୀ

# ଆୟୁର୍ବେଦିକ କଲେଜ ପରିସରରେ ଉତ୍ତେଜନା

ବଲାଙ୍ଗିର,(ସବ୍ୟୁ): ସୋମବାର ଜଣେ ନିରିହ ଡ଼ାକ୍ତରୀ ଛାତ୍ରୀଙ୍କ ସୁପର ବାଇକ୍ ଧକ୍କାରେ ମୃତ୍ୟୁ ହୋଇଛି । ଏହି କୋମଳମତି ଆୟୁର୍ବେଦ କଲେଜ ଛାତ୍ରୀ ସିମରନ ଷଡଙ୍ଗୀ ବୋଲି ଜଣାପଡ଼ିଛି । ଦୂର୍ଘଟଣା ପରେ କଲେଜ ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ରାସ୍ତା ପ୍ରଶସ୍ତିକରଣ କରିବା ନାମରେ ଦୀର୍ଘ ଦିନ ହେବ ଅନୁଦାନ ଆସି ପଡି ରହିଛି କିନ୍ତୁ ବିଭାଗୀୟ ଅଧିକାରୀ ମାନଙ୍କ ଅବହେଳାର ଯୋଗୁଁ କାର୍ଯ୍ୟ ଆଗେଇ ପାରୁ ନାହିଁ। ଫଳରେ ଦିନକୁ ଦିନ ଦୂର୍ଘଟଣା ବଢ଼ିବାରେ ଲାଗିଛି । ବିପଦ ସଂକୁଳ ଅବସ୍ଥାରେ ରହିଛି ସହରର ଅଧିକାଂଶ ରାସ୍ତା । ବିଶେଷ ଭାବରେ ରୁଗୁଡି ପଡା ଛକ ଠାରୁ ପର୍ଶୁରାମ ଛକ ( ଆର୍ ଟି ଓ ଅଫିସ )ଛକ ଯାଏ ଲମ୍ବି ରହିଥିବା ଜାତୀୟ ରାଜପଥ ଅଧିକ ବିପଦ ଦେଖାଯାଉଛି।

# ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷଣ ଉଦ୍‌ଯାପିତ

ଏସ୍ .ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀରାମ ମହାବିଦ୍ୟାଳୟ ରାମପୁର ପରିସର ସ୍ଥାନୀୟ ଜୁବୁଲି ହଲ୍ ଠାରେ ଅଧକ୍ଷ ଗୋବିନ୍ଦ ମେହେରଙ୍କ ସଭାପତିତ୍ୱରେ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ନେଇ ୮ଦିନ ବ୍ୟାପୀ ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁକ୍ତ ତିନି ପ୍ରାଣୀ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ତଥା ଆତ୍ମସୁରକ୍ଷା ମୁଖ୍ୟ ସଂଯୋଜିକା ଅଧ୍ୟାପିକା ବିଜୟଲକ୍ଷ୍ମୀ ମହାନନ୍ଦ ଓ ଯୁକ୍ତ ଦୁଇ ବିଭାଗର ମୁଖ୍ୟ ସଂଯୋଜକ ତଥା ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଦିଲ୍ଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ନିକିତା ମାହାନା ଓ ପ୍ରଣତି ପଧାନ ଆତ୍ମ ସୁରକ୍ଷା କୌଶଳ ପ୍ରଦର୍ଶନ ପୂର୍ବକ ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଦୀପ ପାଢୀ,ଶ୍ରୀରାମ ମହାବିଦ୍ୟାଳୟ ରାମପୁରର ପୁରାତନ ଛାତ୍ର ତଥା ମହାବିଦ୍ୟାଳୟ ଛାତ୍ର ସଂସଦ ର ପ୍ରଥମ ନିର୍ବାଚିତ ସଭାପତି,ଅବସର ପ୍ରାପ୍ତ ଭାରତୀୟ ସେନାଧିକାରୀ, ସୋନୋରସ ପବ୍ଲିକ ସ୍କୁଲ, ରାମପୁରର ପ୍ରତିଷ୍ଠାତା ମୁଖ୍ୟ ଅତିଥି ଭାବରେ ଯୋଗଦାନ ପୂର୍ବକ ସାମ୍ପ୍ରତିକ ସମୟରେ ଛାତ୍ରୀ ମାନଙ୍କ ପାଇଁ ଆତ୍ମ ସୁରକ୍ଷା କୌଶଳ କେତେ ଯେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବର୍ତ୍ତମାନର ପୁରାତନ ଛାତ୍ର ସଂସଦର ସଭାପତି ଶଙ୍କର ପ୍ରସାଦ ସାହୁ ମଧ ଯୋଗଦାନ ପୂର୍ବକ ଆତ୍ମ ସୁରକ୍ଷା ର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସହ ସଂଯୋଜିକା ଅଧ୍ୟାପିକା ଶାଶ୍ୱତୀ ଦେହୁରୀ ମଞ୍ଚ ପରିଚାଳନା କରିବା ସହ ପରିଶେଷରେ କୃତଜ୍ଞତା ଜ୍ଞାପନ କରିଥିଲେ। ମହାବିଦ୍ୟାଳୟ ର ସମସ୍ତ ବିଭାଗର ଯୁକ୍ତ ତିନି ପ୍ରଥମ ବର୍ଷ ର ଛାତ୍ରୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଜାତୀୟ ମହିଳା ଚିତ୍ରକଳା ପ୍ରଦର୍ଶନୀ ସ୍ତ୍ରୀ କଳା ଉଦ୍‌ଘାଟିତ



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଠାରେ ଜାତୀୟ ସ୍ତରୀୟ ମହିଳା ଚିତ୍ରକଳା ପ୍ରଦର୍ଶନୀ ' ସ୍ତ୍ରୀ କଳା -୨୦୨୬ ' ଉଦଘାଟିତ ହୋଇଯାଇଛି। ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟଶ୍ୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ସ୍କିଲ ଟ୍ରିର ପ୍ରତିଷ୍ଠାତା ନିବେଦିତା ଦାଶ ଏବଂ ଆର୍ଟ ଅନୁରେଖାର ପ୍ରତିଷ୍ଠାତା ଅନୂରେଖା ଜେନାଙ୍କ ସଂଯୋଜିତ ଉଦଘାଟନୀ ସଭା ହୋଇଥିଲା । ବରିଷ୍ଠ ଚିତ୍ରଶିଳ୍ପୀ ଭୋଲାନାଥ ନାୟକ, ବିଶିଷ୍ଟ ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା, ବୟନ ମନ୍ତ୍ରାଳୟର ସହକାରୀ ନିର୍ଦ୍ଦେଶକ କୁମାରୀ ଶୈଳଜା, ସାମାଜିକ କର୍ମୀ ସବିତା ନନ୍ଦ ଏବଂ ଶିକ୍ଷାବିତ ସୁସ୍ମିତା ହୋତା ପୁରୋହିତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରଦର୍ଶନୀରେ ଓଡିଶା , କର୍ଣ୍ଣାଟକ, ଉତ୍ତର ପ୍ରଦେଶ , ସମ୍ବଲପୁର , ବରଗଡ, ହୀରାକୁଦ, ଭବାନୀପାଟଣା, ବଲାଙ୍ଗୀର , ଏବଂ ରାଉରକେଲା ଭଳି ସହରରୁ ୪୦ ରୁ ଉର୍ଦ୍ଧ୍ୱ ମହିଳା ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଛନ୍ତି । ଏହି ପ୍ରଦର୍ଶନୀ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ ।

## କଣ୍ଟେନର -ବାଇକ୍ ମୁହାଁମୁହିଁ : ୩ ମୃତ



ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ବଡରମା ପଞ୍ଚାୟତ ଡିମିରିମୁଣ୍ଡା ଛକ ନିକଟସ୍ଥ ୫୩ ନମ୍ବର ରାଜରାସ୍ତାରେ ଘଟିଛି ଏକ ମର୍ମନ୍ତୁତ ଦୁର୍ଘଟଣା। ବାଇକରେ ଯାଉଥିବା ୩ ଜଣ ଏକ ବିପରୀତ ଦିଗରୁ ଆସୁଥିବା ଏକ କଣ୍ଟେନର ସହ ମୁହାମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଯାଇଛି। ଦୁର୍ଘଟଣା ହେବା ଫଳରେ ବାଇକ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ କଣ୍ଟେନର ଗାଡ଼ିର ସମ୍ମୁଖ କେବିନ୍ ମଧ ଜଳି ଯାଇଛି। ମୃତକ ମାନେ ହେଲେ ସମ୍ବଲପୁର ଜିଲ୍ଲା ବଡରମା ପଞ୍ଚାୟତ ବିଶାଳପାଲି ଗାଁର ରନବ୍ରିଟ ସିଂ (୨୧), କୁଲୁଣ୍ଡି ପଞ୍ଚାୟତର ବୁଲୁ ରଣା ( ୨୦) ଏବଂ ସୁଜିତ ଲଙ୍ଗା (୧୭) ବୋଲି ଜଣା ପଡିଛି। ଉଭୟ ପୋଲିସ ଓ ଅଗ୍ନିଶମ ବିଭାଗ ଅଧିକାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ଏନେଇ ଜମନକିରା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ନେଇ ଥାନା ଅଧିକାରୀ ରଞ୍ଜନ ନାଗ ପ୍ରକାଶ କରିଛନ୍ତି।

## ରାୟଗଡା ଜିଲ୍ଲାରେ ନାବାଳିକାକୁ ଗଣଦୁଷ୍କର୍ମ

ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ଜିଲ୍ଲାରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ରାୟଗଡ଼ାଜିଲ୍ଲା ଗୁଡାରି ଥାନା ଅନ୍ତର୍ଗତ ନାଇରା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ରବିବାର ଦିନବେଳେ ଏହି ଘଟଣା ହୋଇଥିବା ବେଳେ ଗୁଡାରି ଥାନାରେ ରାତିରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ନାଇରା ସରପଞ୍ଚ ଓ ପରିବାରବର୍ଗ ଗୁଡାରି ଥାନାରେ ଲିଖିତ ଅଭିଯୋଗ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। ଗୁଡାରି ପୁଲିସ ଏହି ଘଟଣାରେ ଜଣଙ୍କୁ ଅଟକ ରଖିଥିବା ବେଳେ ଏହି ଘଟଣାରେ ତଦନ୍ତ ଚାଲିଥିବ ଆଇଆଇସି ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି। ରବିବାର ନାବାଳିକା ଜଣଙ୍କ ନିକଟସ୍ଥ ଜଙ୍ଗଲକୁ କାଠ ପାଇଁ ଯାଉଥିବା ବେଳେ ୩ ଜଣ ଯୁବକ ତାଙ୍କୁ ଟେକି ନେଇ ଗୋଟିଏ କପା ବାଡ଼ରେ ଗଣଦୁଷ୍କର୍ମ କରିଥିଲେ। ଘଟଣାରେ ତଦନ୍ତ ଚାଲିଥିବାରୁ ଗୁଡାରି ପୁଲିସ ଅଧିକା ତଥ୍ୟ ଦେଇନାହିଁ।

## ପୋଖରୀରେ ବୁଡ଼ି ଦୁଇ ଶିଶୁ ମୃତ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଖୁଟବାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାନ ଦାମାପାଳା ଗ୍ରାମ ପୋଖରୀରେ ବୁଡ଼ି ଦୁଇ ଶିଶୁଙ୍କର ମୃତ୍ୟୁ ହୋଇଛି । ମୃତ ଶିଶୁ ଦୁଇ ଜଣ ସମ୍ପର୍କୀୟ ଭଉଣୀ । ସୂଚନା ଅନୁଯାୟୀ ଦାମାପାଳା ଗ୍ରାମର ମାନସୀ ହରିଜନ (୦୮) ଓ ପକନାଗୁଡା ଗ୍ରାମର ମେଲକା ହରିଜନ (୦୮) ନିଜ ସମ୍ପର୍କୀୟ ମାମୁ ଘରେ ରହି ପାଠ ପଢୁଥିଲେ । ଦୁହେଁ ଆଜି ଗ୍ରାମର ବିଦ୍ୟାଳୟକୁ ପାଠ ପଢିବାକୁ ଯାଇ ଘରକୁ ଫେରିଥିଲେ । ଏହା ପରେ ଦୁଇ ସମ୍ପର୍କୀୟ ଭଉଣୀ ଓ ଜଣେ ସାଙ୍ଗ ସହ ତିନି ଜଣ ମିଶି ବାହାରକୁ ଯାଇଥିଲେ । ତିନି ଜଣ ଗାଁ ପୋଖରୀରେ ଗାଧୋଇବା ସମୟରେ ଅସାବଧାନତା ଯୋଗୁଁ ମାନସୀ ଓ ମେଲକା ଦୁଇ ଜଣ ପୋଖରୀ ପାଣିରେ ବୁଡ଼ି ଯାଇଥିଲେ । ଏହା ପରେ ଅନ୍ୟ ଜଣେ ସାଙ୍ଗ ତୁରନ୍ତ ଘରେ ପହଞ୍ଚି ପରିବାର ସଦସ୍ୟଙ୍କୁ ଖବର ଦେଇଥିଲା । ପରିବାର ଏହା ଜାଣିବା ପରେ ତୁରନ୍ତ ଅଗ୍ନିଶମ ବିଭାଗ ଓ କୋଡ଼ିଙ୍ଗା ପୋଲିସଙ୍କୁ ଖବର ଦେବା ସହ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ । ଅଗ୍ନିଶମ କର୍ମଚାରୀ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଁଚି ଖୋଜାଖୋଜି କରି ଦୁଇ ଶିଶୁଙ୍କୁ ଉଦ୍ଧାର କରିଥିଲେ ପରିବାର ସଦସ୍ୟ କୋଡ଼ିଙ୍ଗା ଥାନାରେ ଲିଖିତ ଅଭିଯୋଗ ପରେ କୋଡ଼ିଙ୍ଗା ଥାନା ଦୁଇଟି ପୃଥକ ମାମଲା ରୁଜୁ କରି ଶବ ଜବତ କରିବା ପରେ ଶବ ବ୍ୟବଚ୍ଛେଦ ପାଇ ନବରଙ୍ଗପୁର ମେଡିକାଲକୁ ପଠେଇଥିବା ଥାନା ଅଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି ।

## ଶରତ ବାବୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସ୍ଥିତ ସତ୍ୟସାଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅବସରପ୍ରାପ୍ତ ପିଇଓ ଶରତ ଚନ୍ଦ୍ର ଦାସଙ୍କୁ ମନ୍ଦିର ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସତ୍ୟସାଇ ପରିବାର ବୃନ୍ଦ ଶ୍ରୀ ଦାସ ଙ୍କୁ ସାଲ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଶରତ ଚନ୍ଦ୍ର ଦାସ କୋଟପାଡ଼ ବ୍ଲକର ବତାସନା ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଆସୁଥିଲେ। ଫେବୃଆରୀ ,୨୮ ତାରିଖ ଦିନ ଶ୍ରୀ ଦାସ ଚାକିରୀକୁ ଅବସରଗ୍ରହଣ କରିଛନ୍ତି। ଶରତ ଚନ୍ଦ୍ର ଦାସ ବୋରିଗୁମ୍ମା ସତ୍ୟସାଇ ଭଜନ ମଣ୍ଡଳୀ ର କନଭିନର ଭାବେ ଗତ ଚାରି ବର୍ଷ ହେଲା ରହିଛନ୍ତି। ଭଗବାନ ସତ୍ୟସାଇ ବାବାଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ସହ ସତ୍ୟସାଇ ବାବାଙ୍କ ମନ୍ଦିର ନିମନ୍ତେ ତାଙ୍କ ଅବଦାନ ଅତୁଳନୀୟ ବୋଲି ସମ୍ବର୍ଦ୍ଧନା ସଭାରେ ସଭ୍ୟ ସଭ୍ୟା ମାନେ କହିଛନ୍ତି।

## ଘରୋଇ ବସ ମାଲିକ ସଂଘ ନିର୍ବାଚନ

# ରାଜେନ୍ଦ୍ର ସଭାପତି ଓ ଅଜିତ ସାଧାରଣ ସମ୍ପାଦକ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ଚଳିତ ବର୍ଷ ପାଇଁ ପଦାଧିକାରୀଙ୍କୁ ମନୋନୀତ କରାଯାଇଛି। ରାଜେନ୍ଦ୍ର କୁମାର କର ସଭାପତି, ଦୁଲାଲ ଗୁରୁ ଉପସଭାପତି, ଅଜିତ କୁମାର ପତି ସାଧାରଣ ସମ୍ପାଦକ, ସନାତନ ପ୍ରଧାନ ସହ ସମ୍ପାଦକ ଓ ଅନୁପ କୁମାର ନାଥଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ସେହିପରି ପରିଚାଳନା କମିଟି ସଦସ୍ୟ ଭାବେ ରାଜେନ୍ଦ୍ର କୁମାର ବେହେରା, ମୃତ୍ୟୁଞ୍ଜୟ ମହାନ୍ତି, ସୁଶାନ୍ତ କୁମାର ବେହେରା, ପ୍ରମୋଦ ରଞ୍ଜନ ସାହୁ, ସଞ୍ଜିବ ନାଥ ଶର୍ମା , ପ୍ରଦୀପ କୁମାର ସାହୁ ଏବଂ ପ୍ରକାଶ କୁମାର ପ୍ରଧାନ ମନୋନୀତ ହୋଇଛନ୍ତି। ନିର୍ବାଚନ କାର୍ଯ୍ୟକୁ ସୁବ୍ରତ ପାଣିଗ୍ରାହୀ ଓ ପ୍ରଦୀପ କର ପରିଚାଳନା କରିଥିଲେ।



## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ପାଇଁ ଦାବି କଲେ ଗ୍ରାମବାସୀ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ବୁଢିବାହାଲ ଗାଁରୁ ପଞ୍ଚାୟତ ସଦର ମହକୁମା ଓଡ଼ିଆପାଲିକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ପାଇଁ ବୁଢିବାହାଲ୍ ଗ୍ରାମବାସୀ ଦାବୀ କରିଛନ୍ତି। ଦୀର୍ଘ ଦୁଇ କିମି ରାସ୍ତାରେ ପ୍ରତିଦିନ ପଞ୍ଚାୟତକୁ ବିଭିନ୍ନ କାମରେ ଜନସାଧାରଣ ଯାତାୟାତ କରୁଥିବା ବେଳେ ବସ୍‌ରେ ଯିବାକୁ ମଧ୍ୟ ଓଡ଼ିଆପାଲିକୁ ଯାଇଥାନ୍ତି। ହେଲେ ବର୍ଷ ବର୍ଷ ଧରି ରାସ୍ତାର ଉନ୍ନତି କରଣ ହେଉନଥିବା ବେଳେ ମାଟି ରାସ୍ତା ରହିଛି। ବର୍ଷାଦିନ ଜନସାଧାରଣ ଅନେକ ହଇରାଣ ହେଉଥିବା ବେଳେ ସରକାରୀ ଚାଉଳ ଆଣିବାକୁ ଦୀର୍ଘ ୮ କିମି ଯିବାକୁ ପଡୁଛି। ଏହି ରାସ୍ତାକୁ ସବୁଦିନିଆ ପିଚୁ ରାସ୍ତା ନିର୍ମାଣ ପାଇଁ ମୁଖ୍ୟ ମନ୍ତ୍ରୀ ସଡ଼କ ଯୋଜନା ରେ ସାମିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମହିଳା ଦିବସ ପାଳିତ

କୁଚିଣ୍ଡା,(ସବ୍ୟୁ): ସ୍ଥାନିୟ କୁଚିଣ୍ଡା ଟାଉନହଲଠାରେ ଅନ୍ତଃର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇଥିବା ବେଳେ, ସମ୍ମାନିତ ଭାବେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର,ସିଡିଓ ପ୍ରସନ୍ନ ପାତ୍ର, କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ ସ,ଏମ୍ ପି ପ୍ରତିନିଧି ସୁଶିଲ କର, କୁଚିଣ୍ଡା ଜିଲ୍ଲା ପରିଷଦ ଜୋନ ୨ ଦିବ୍ୟରାଜ କିଷାନ, ବାମରା ବ୍ଲକ ଅଧକ୍ଷା ପିଙ୍କି ଧୁରୁଆ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କରକମଳରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କରିଥିଲେ ।

## କୁଲେଇଗଡ଼ରେ ମହିଳା ଦିବସ ପାଳିତ

କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ଼ ପଞ୍ଚାୟତର ରାଜୀବ ଭବନ ଠାରେ ମେରା ଯୁବା ଭାରତ ସମ୍ବଲପୁର ପକ୍ଷରୁ ୭ ଷ୍ଟାର କ୍ଲବ ମହିଳା ଦିବସ ପାଳିତ ହୋଇଥିଲା । ମୁଖ୍ୟ ଅତିଥି କୁଲେଇଗଡ଼ ନାଏବ ସରପଞ୍ଚ ଲୋମ୍ବଧର କୁମ୍ଭରା ସମ୍ମାନିତ ଅତିଥି କୁଲେଇଗଡ଼ ପଞ୍ଚାୟତ ର ଯୋଗାଣ ସହାୟାକା ସୁନିତା ମେହେର ସମ୍ମାନିତ ଅତିଥି ଜି. ପି.ଏଲ. ଏଫ ସଭାପତି ମିନା ମହାନନ୍ଦିଆ, ଏହି ସଭା ପରିଚାଳନ କରୁଥିଲେ କ୍ଲବ ସଭାପତି ସରୋଜ ମେହେର ଏହି ମହିଳା ଦିବସ ରେ ୪ପ୍ରକାର ପ୍ରତିଯୋଗିତା କାର୍ଯ୍ୟକ୍ରମ ହୋଇ ଥିଲା । କାର୍ଯ୍ୟକ୍ରମରେ କୁଲେଇଗଡ଼ର ୫୦ରୁ ଉର୍ଦ୍ଧ ମହିଳା ଯୋଗ ଦେଇଥିଲେ । ଶେଷରେ କ୍ଲବ ସମ୍ପାଦିକା ଭୂମିଲତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପାଳଙ୍କ ମତ୍ସ୍ୟ ଚାଷ କେନ୍ଦ୍ର ପରିଦର୍ଶନ

ଝାରସୁଗୁଡ଼ା,(ସବ୍ୟୁ) : ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସୋମବାର ଲଖନପୁର ବ୍ଲକ ଗସ୍ତ କରି ମତ୍ସ୍ୟ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ କରିବା ସହ ଏହାର ଭିତ୍ତିଭୂମି ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତିଛ । ଜିଲ୍ଲାପାଳ ପ୍ରଥମେ ବାଘମୁଣ୍ଡା ସ୍ଥିତ ମତ୍ସ୍ୟ ପ୍ରଜନନ ଫାର୍ମ ପରିଦର୍ଶନ କରି ସେଠାରେ ଥିବା ୧୧ଟି ନର୍ସରୀ ଟ୍ୟାଙ୍କର ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ଟ୍ୟାଙ୍କ ଗୁଡ଼ିକର ପୁନରୁଦ୍ଧାର ଏବଂ ଆନୁଷଙ୍ଗିକ ଭିତ୍ତିଭୂମିର ଉନ୍ନତି ପାଇଁ ତୁରନ୍ତ ଏକ ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଅଞ୍ଚଳରେ ମତ୍ସ୍ୟ ଜାଆଁଳା ଉତ୍ପାଦନ ବୃଦ୍ଧି ପାଇବ, ଯାହାଦ୍ୱାରା ଲଖନପୁର ବ୍ଲକ ସମେତ ସମଗ୍ର ଝାରସୁଗୁଡ଼ା ଜିଲ୍ଲାର ମତ୍ସ୍ୟ ଚାଷୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏହାପରେ ଜିଲ୍ଲାପାଳ ଲଛିପାଲି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ପରିଦର୍ଶନ କରି ସମିତିର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ । ସେଠାରେ ଥିବା ନର୍ସରୀ ଟ୍ୟାଙ୍କ ଗୁଡ଼ିକ ବୁଲି ଦେଖିବା ସହ ଏକ 'ମତ୍ସ୍ୟ ଅବତରଣ କେନ୍ଦ୍ର' ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ । ଜିଲ୍ଲାପାଳ ଏହି ସମସ୍ତ ଯୋଜନା ବାବଦରେ ଲଖନପୁର ବିଡ଼ିଓଙ୍କ ସହ ବିସ୍ତୃତ ଆଲୋଚନା କରିବାକୁ ଏବଂ ନର୍ସରୀ ଟ୍ୟାଙ୍କର ପୁନରୁଦ୍ଧାର ଓ ନୂତନ ଏଫ.ଏଲ.ସି ନିର୍ମାଣ ପାଇଁ ଖୁବଶୀଘ୍ର ଯୋଜନା ପ୍ରସ୍ତୁତ କରିବାକୁ ଏବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଏହି ପରିଦର୍ଶନ ସମୟରେ ଲଖନପୁର ବ୍ଲକର ଅତିରିକ୍ତ ବିଡ଼ିଓ ଏବଂ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ଉତ୍କଳ ଆଲୁମିନାରେ ମହିଳା ଦିବସ ପାଳିତ



ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ଆନ୍ତର୍ଜାତୟ ମହିଳା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ନୂଆପଡ଼ା ଟାଉନସିପ ସ୍ଥିତ କ୍ଲବ୍ ହାଉସ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ରୂପାଲି ପାତ୍ର ଓ ସହକାରୀ ଜିଲ୍ଲାପାଳ ଲିପ୍ସା ପଟେଲ୍ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସୁଶ୍ରୀ ପାତ୍ର କହିଛନ୍ତି ଯେ, ସାଂପ୍ରତିକ ସମୟରେ ମହିଳା ସମସ୍ତ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଛନ୍ତି। ନିଜକୁ ସିମୀତ ନକରି ଜ୍ଞାନ ଆହରଣ ଓ ଦକ୍ଷତା ବୃଦ୍ଧି ଜରିଆରେ ନିଜକୁ ସ୍ୱାବଲମ୍ବୀ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ସୁଶ୍ରୀ ପଟେଲ୍ ଉଦବୋଧନ ଦେଇ କହିଥିଲେ ଯେ, ଶିକ୍ଷା ହିଁ ପରିବର୍ତ୍ତନର ମୁଖ୍ୟ ଅସ୍ତ୍ରଛ ପୂରାତନ କାଳରୁ ବର୍ତ୍ତମାନ ଆଧୁନିକ ଯୁଗରେ ଶିକ୍ଷା ସବୁବେଳେ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। ସମାଜ ମହିଳାଙ୍କ ଦ୍ୱାରା ପରିଚାଳିତ। ତେଣୁ ମହିଳା, ଶିକ୍ଷିତ ତଥା ନିଜକୁ ଶକ୍ତିଶାଳୀ ନକଲେ ସମାଜ ସକାରାତ୍ମକ ପରିବର୍ତ୍ତନ ହେବନାହିଁ ବୋଲି ସୁଶ୍ରୀ ପଟେଲ୍ ପ୍ରକାଶ କରିଥିଲେ। ଅନୁରୂପ ଭାବେ କାରଖାନା ମୁଖ୍ୟ ତଥା ଅଧକ୍ଷ ରବି ନାରାୟଣ ମିଶ୍ର ପ୍ରକାଶ କରିଥିଲେ ଯେ, ମହିଳା ସବୁବେଳେ ପୂଜ୍ୟ, ତାଙ୍କ ସହଯୋଗ ବିନା ପରିବାର ତଥା ସମାଜରେ ପ୍ରଗତି ହୁଏନିଛ ମହିଳା ଅଗ୍ରସର ହେଲେ ସମାଜରେ ଉନ୍ନତି ହେବ। ଜଣେ ମହିଳା ନିଜ ଜୀବନରେ ପରିବାର ପାଇଁ ବହୁ ତ୍ୟାଗ କରନ୍ତିଛ ସେମାନଙ୍କ ବିନା ସହଯୋଗରେ ସମାଜରେ ଉନ୍ନତୀ ଅପରିକଳ୍ପିତ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ଅବସରରେ କାରଖାନାରେ କାର୍ଯ୍ୟରତ ୧୦୦ରୁ ଊର୍ଦ୍ଧ୍ୱ ମହିଳା କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାରଖାନାର ବିଭିନ୍ନ ବିଭାଗୀୟ ମୁଖ୍ୟ ନାରାୟଣ ମୀତ୍ରା, ଉତ୍ତମ୍ ଗିରି, ଲୋପାମୁଦ୍ରା ପ୍ରିୟଦର୍ଶନୀ, ପିତାମ୍ବର ବେହେରାଙ୍କ ସମେତ ମଧୁମିତା ମଣ୍ଡଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜନମୁକ୍ତି ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପଠାରେ ଜନମୁକ୍ତି ଅନୁଷ୍ଠାନ ପକ୍ଷରୁ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜନମୁକ୍ତି ଅନୁଷ୍ଠାନର ସମ୍ପାଦକ ଭଜରାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାଂସଦ ପ୍ରତିନିଧି ତଥା ବିଜେପି ଜିଲ୍ଲା ସଭାପତି ଶ୍ରୀବସ୍ତ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ଗୁଞ୍ଜିତରା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି ,ସମ୍ମାନିତ ଅତିଥି ରିଲାଏନ୍ସ ଫାଉଣ୍ଡେସନର ପିୟୁ ରାଣୀ ମାଳା, ଆଇନ ପରାମର୍ଶ ଦାତା ତଥା ଜିଲ୍ଲା ପରିଷଦ ସଦସ୍ୟ ଗୋପୀନାଥ ପାଣିଗ୍ରାହୀ, ଭାଲୁମୁଣ୍ଡା ପ୍ରସନ୍ନପାଳ କଲେଜର ଅଧ୍ୟାପିକା ଜୟଶ୍ରୀ ବିଶ୍ୱାଳ,ଟିଟିଲାଗଡ଼ର ଆଇସିଡ଼ିଏସ କର୍ମୀ ତଥା ସମାଜ ସଂସ୍କାରକ ମେନକା ମେହେର,ହଳଦୀ ବୀରସୁରେନ୍ଦ୍ର ସାଏ କଲେଜର ଅଧ୍ୟାପିକା ରଶ୍ମିତା ଦାସ,ଭାଲୁମୁଣ୍ଡା ପ୍ରସନ୍ନପାଲ କଲେଜର ଅଧ୍ୟାପକ ସଞ୍ଜୀବ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ଡଃ ଭଗବାନ ମହାନ୍ତି, ୟୁନିୟନ ବ୍ୟାଙ୍କ ହଳଦୀର ବ୍ୟାଙ୍କମିତ୍ର ସୁଗନ୍ଧା ବାଗ,ହଳଦୀର ଏମବିକେ ନୀଳିମା ବାଗ ଓ ମାଲିଶିରା ଏମବିକେ ନମିତା ବାଗ ଉପସ୍ଥିତ ରହି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ ।



ନାରୀ ମାନଙ୍କୁ ଆମ ସମ୍ବିଧାନରେ ସମସ୍ତ ପ୍ରକାରର ଅଧିକାର ଦିଆଯାଇଛି । ସମାନତା ଅଧିକାର, ନ୍ୟାୟିକ ଅଧିକାର, ଶିକ୍ଷ୍ୟା ଅଧିକାର ଏହା ଉପରେ କିଛି ପରିମାଣରେ ଆଜିର ନାରୀମାନେ ସଚେତନ ହୋଇଛନ୍ତି କିନ୍ତୁ ଆହୁରି ଅଧିକ ଗ୍ରାମମାନଙ୍କରେ ସଚେତନତା କରିବାର ଅଛି । ଆଜିମଧ ସମାଜରେ ନାରୀ ନିର୍ଯ୍ୟାତନା, ଶୋଷଣ, ଅସଦାଚରଣ, ଭ୍ରୁଣହତ୍ୟା ଭଳି ଅନେକ ଅସାମାଜିକ କାମ ଲୋକ ଲୋଚନକୁ ଆସୁଛି ବୋଲି ମତପ୍ରକାଶ ପାଇଥିଲା ।

ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମହିଳାନେତ୍ରୀମାନଙ୍କୁ କାର୍ଯ୍ୟକ୍ରମରେ ଜନମୁକ୍ତି ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ କରା ଯାଇଥିଲା । ସେମାନଙ୍କ ମଧ୍ୟରେ ନମିତା ବାଗ ଜଣେ ସଫଳ ମହିଳା ଉଦ୍ୟୋଗୀ ଭାବରେ, ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କୁ ଜଣେ ସୁଦକ୍ଷ ଶିକ୍ଷାବିତ୍, ଉତ୍ତମ ଗୃହିଣୀ ଯାହାକି ସେ ନିଜର ଜୀବନକୁ ବାଜି ଲଗାଇ ଏକ କଠିନ ପରିସ୍ଥିତିରେ ଗୋଟିଏ କିଡନୀ ଦାନକରି ନିଜ ସ୍ୱାମୀଙ୍କ ଜୀବନ ବଞ୍ଚାଇପାରିଛନ୍ତି, ରଶ୍ମିତା ଗହୀରଙ୍କୁ ଜଣେ ଉତ୍ତମ ଛେଳି ପାଳକ କ୍ୟାଡ଼ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। । ଗୋପାଳ ମେହେର ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ଜନମୁକ୍ତି ଅନୁଷ୍ଠାନର ମହିଳା କର୍ମୀ ଚିତ୍ରରେଖା ସାହୁ ଓ ସଂଜିତା ହାତୀ ପରିଚାଳନା କରିଥଲେ ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୫୩)**
**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**
**ଶତିବିପ୍ରତିପନ୍ନା ତେ ଯାହା ସ୍ଥାସ୍ୟତି ନିଶ୍ଚଳା ।**
**ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି ॥ ୫୩ ॥**

(ତପ୍ରେ) ଯେତେବେଳେ ନାନାବିଧ ଲୌକିକ ଓ ବୈଦିକ ଅର୍ଥ ପରମ୍ପରା (ସକାମକର୍ମ ପ୍ରଶଂସାଦି) ଶ୍ରବଣରେ ଉଦ୍‌ଭ୍ରାନ୍ତ ଓ ବ୍ରହ୍ମରେ ସାମୟିକ ସ୍ଥିର ତୁମର ବୁଦ୍‌ଓଧି ଅନ୍ୟ ବିଷୟରେ ଆକୃଷ୍ଟ ନ ହୋଇ ଏକମାତ୍ର ପରମାତ୍ମାଙ୍କଠାରେ ସ୍ଥିର ହୋଇ ରହିବ, ସେତେବେଳେ ତୁମେ ସାମ୍ୟବୁଦ୍ଧି ରୂପ ଯୋଗକୁ ପାଇବ ॥୫୩॥

# ସମ୍ବିଧାନକୁ ସମ୍ମାନ ପ୍ରଦର୍ଶନ

ରାଷ୍ଟ୍ରର ପ୍ରଥମ ନାଗରିକ, ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ପଶ୍ଚିମବଙ୍ଗ ସରକାର ସମ୍ମାନ ପ୍ରଦର୍ଶନ ନ କରିବା ଦୁର୍ଭାଗ୍ୟଜନକ ବୋଲି ମନେ ହୁଏ । ଏପରି ଘଟଣା ସ୍ୱାଧୀନ ଭାରତ ଇତିହାସରେ ପୂର୍ବରୁ କେବେ ବି ଘଟି ନଥିଲା । ରାଷ୍ଟ୍ରପତି ପଶ୍ଚିମବଙ୍ଗରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ବା କୌଣସି ମନ୍ତ୍ରୀ ପ୍ରୋଟକଲର ନିୟମ ଦୃଷ୍ଟିରୁ ତାଙ୍କୁ ପାଛୋଟି ଆଣିବା ବା ସ୍ୱାଗତ କରିବା ପାଇଁ ଉପସ୍ଥିତ ନ ରହିବା ଘଟଣା ଭାରତର ସମ୍ବିଧାନକୁ ମଧ୍ୟ ଅପମାନ ବୋଲି ମନେ ହୋଇଥାଏ । ଅତୀତରେ କୌଣସି ପଶ୍ଚିମବଙ୍ଗ ସରକାର ଏପରି କରି ନଥିଲେ ।

ଉଲ୍ଲେଖନୀୟ ଯେ ଗତ ମାର୍ଚ୍ଚ ୭ (୨୦୨୬)ରେ ଶନିବାର ଦିନ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପଶ୍ଚିମବଙ୍ଗରେ ଆୟୋଜିତ ସର୍ବଭାରତୀୟ ସାନ୍ତାଳ ସମ୍ମିଳନୀରେ ଯୋଗ ଦେଇଥିଲେ । ସେ ଉତ୍ତର ବଙ୍ଗର ସିଲିଗୁଡିଠାରେ ମଧ୍ୟ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପଶ୍ଚିମବଙ୍ଗରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ବା ଅନ୍ୟ କୌଣସି ମନ୍ତ୍ରୀ ତାଙ୍କୁ ସ୍ୱାଗତ କରିବାକୁ ଉପସ୍ଥିତ ନଥିଲେ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦୁଃଖ ପ୍ରକାଶ କରିଛନ୍ତି । ଏହି ଘଟଣା କିନ୍ତୁ ସମଗ୍ର ଭାରତରେ ଚର୍ଚ୍ଚାର ବିଷୟ ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଏପରି ଆଚରଣକୁ ଭାରତୀୟମାନେ ସହଜରେ ଗ୍ରହଣ କରୁନାହାନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ମଧ୍ୟ ଏହି ଘଟଣାରେ ମର୍ମାହତ ହୋଇଛନ୍ତି । ଏହା ଭାରତର ସମ୍ବିଧାନକୁ ଅପମାନ ବୋଲି ସେ କହିଛନ୍ତି । ନୂଆଦିଲ୍ଲୀର ବୁରାରୀଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ ଯେ ରାଷ୍ଟ୍ରପତିଙ୍କ ଗସ୍ତକୁ କେନ୍ଦ୍ର କରି ପଶ୍ଚିମବଙ୍ଗ ସରକାରଙ୍କର ଆଚରଣ ତାଙ୍କୁ ଖୁବ୍ ବାଧିଛି । ସେ କହିଲେ ଯେ ସମଗ୍ର ଦେଶ ଯେତେବେଳେ ମା',ଭଉଣୀ ଓ ଝିଅମାନଙ୍କର ସଫଳତା ବିଷୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ସମୟରେ ଚର୍ଚ୍ଚା କରୁଛି, ଶନିବାର ଦିନ ଭାରତର ରାଷ୍ଟ୍ରପତିଙ୍କୁ , ସେତେବେଳେ ପଶ୍ଚିମବଙ୍ଗର ତୃଣମୂଳ ସରକାର ଗଭୀର ଭାବେ ଅପମାନିତ କରିଛନ୍ତି । ସିଲିଗୁଡିଠାରେ ନବମ ସାନ୍ତାଳ ସମ୍ମେଳନ ହେଉଥିବାବେଳେ ପଶ୍ଚିମବଙ୍ଗ ସରକାର ତାହାର ପ୍ରସ୍ତୁତିରେ ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଅଭିଯୋଗ କରି କହିଥିଲେ । ରାଷ୍ଟ୍ରପତି ନିଜେ ଜଣେ ଆଦିବାସୀ ମହିଳା ଓ ଆଦିବାସୀ ସାନ୍ତାଳ ସମ୍ମିଳନୀକୁ ସେ ଯୋଗ ଦେବାକୁ ଯାଇଥିଲେ । ତୃଣମୂଳ କଂଗ୍ରେସ ତାଙ୍କୁ ଯେପରି ଅସମ୍ମାନ ପ୍ରଦର୍ଶନ କରିଛନ୍ତି, ତାହା କେବଳ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନୁହେଁ, ଆମ ସମ୍ବିଧାନକୁ ମଧ୍ୟ ଅପମାନ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି ।

**ଇତିମଧ୍ୟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଶାସନ ସଚିବ ଗୋବିନ୍ଦ ମୋହନ 'ବ୍ଲୁ ବୁକ୍' (ନୀଳ ପୁସ୍ତକ) ଅନୁଯାୟୀ ଭିଭିଆଇପିଙ୍କ ଗସ୍ତ କାର୍ଯ୍ୟକ୍ରମରେ ଗୁରୁତର ତ୍ରୁଟି ହୋଇଥିବାରୁ ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ମାର୍ଚ୍ଚ ୮ (୨୦୨୬) ଅପରାହ୍ନ ୫ଟା ସୁଦ୍ଧା ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ ନନ୍ଦିନୀ ଏହାର ଉତ୍ତର ରଖିବା ସକାଶେ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ସେହି କାରଣ ଦର୍ଶାଅ ନୋଟିସର ଉତ୍ତର ସେ କେନ୍ଦ୍ର ସରକାରଙ୍କୁ ହୁଏ ତ ଦେଇଥିବେ ଯାହା ଏ ଲେଖା ସରିବାବେଳକୁ ହୁଏତ ଜଣା ପଡ଼ି ନାହିଁ ।**

ଇତିମଧ୍ୟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଶାସନ ସଚିବ ଗୋବିନ୍ଦ ମୋହନ 'ବ୍ଲୁ ବୁକ୍' (ନୀଳ ପୁସ୍ତକ) ଅନୁଯାୟୀ ଭିଭିଆଇପିଙ୍କ ଗସ୍ତ କାର୍ଯ୍ୟକ୍ରମରେ ଗୁରୁତର ତ୍ରୁଟି ହୋଇଥିବାରୁ ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ମାର୍ଚ୍ଚ ୮ (୨୦୨୬) ଅପରାହ୍ନ ୫ଟା ସୁଦ୍ଧା ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ ନନ୍ଦିନୀ ଏହାର ଉତ୍ତର ରଖିବା ସକାଶେ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ସେହି କାରଣ ଦର୍ଶାଅ ନୋଟିସର ଉତ୍ତର ସେ କେନ୍ଦ୍ର ସରକାରଙ୍କୁ ହୁଏ ତ ଦେଇଥିବେ ଯାହା ଏ ଲେଖା ସରିବାବେଳକୁ ହୁଏତ ଜଣା ପଡ଼ି ନାହିଁ ।

ଅବଶ୍ୟ ଏ ବିଷୟଟି ଆମର ସମ୍ବିଧାନ ଓ ରାଷ୍ଟ୍ରପତିଙ୍କ ସଂକ୍ରାନ୍ତରେ ଏକ ସମ୍ବେଦନଶୀଳ ବିଷୟ । ଏହାକୁ ନେଇ କେତେକ ମହଲରେ ରାଜନୀତିକ ବିବାଦ ସୃଷ୍ଟି କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଛି । ଏହା ଉଚିତ ନୁହେଁ ।

ଭାରତ ସରକାରଙ୍କର ଅଧିକାର ଅଛି ସମ୍ବିଧାନରେ ଧାରା ୩୫୬ ଜରିଆରେ ଯେକୌଣସି ରାଜ୍ୟ ସରକାରଙ୍କୁ କେନ୍ଦ୍ର ସରକାର ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଜାରି କରି ପାରିବେ । ଅବଶ୍ୟ କଂଗ୍ରେସ ସରକାରଙ୍କ ଅମଳରେ ବାରମ୍ବାର ଭାରତ ସରକାର ତାଙ୍କ କ୍ଷମତାର ଅପବ୍ୟବହାର କରି ରାଜ୍ୟ ସରକାରମାନଙ୍କୁ ବରଖାସ୍ତ କରି ଆସୁଥିଲେ । ମାତ୍ର କେନ୍ଦ୍ରରେ ଅଣକଂଗ୍ରେସ ସରକାରଙ୍କ ଅମଳରେ ଏପରି କରାଯାଉ ନଥିଲା । ଏପରିକି ବିଜେପି ନେତୃତ୍ୱରେ ଏନ୍‌ଡିଏ ସରକାରଙ୍କ ଅମଳରେ ବିଗତ ଏଗାର ବର୍ଷ ମଧ୍ୟରେ ଏପରି ବ୍ୟବସ୍ଥା କରାଯାଇ ନାହିଁ । ଦେଶରେ ଆଇନର ଶାସନ ଓ ଶୃଙ୍ଖଳା ରକ୍ଷା ଦିଗରେ ପଶ୍ଚିମବଙ୍ଗର ସରକାରଙ୍କୁ ବରଖାସ୍ତ କରି ସେଠାରେ ରାଷ୍ଟ୍ରପତି ଶାସନ ଜାରି କରାଯାଇ ନାହିଁ । ଆଗକୁ ମଧ୍ୟ ପଶ୍ଚିମବଙ୍ଗରେ ନିର୍ବାଚନ ରହିଛି । ସମ୍ଭବତଃ ଏହି କାରଣରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏପରି ବ୍ୟବସ୍ଥା କରାଯାଉ ନାହିଁ । କେନ୍ଦ୍ରରେ ମୋଦି ସରକାରଙ୍କର ଏହା ହେଉଛି ମହତ ପଣିଆ ବୋଲି ମଧ୍ୟ କୁହାଯାଉଛି ।

## ପ୍ରକୃତି ଠାରୁ ଶିକ୍ଷା

'ପ୍ରକୃତି' ପଞ୍ଚଭୂତକୁ ନେଇ ସୃଷ୍ଟି ଆଉ ସୃଷ୍ଟିର ଏହି ପଞ୍ଚଭୂତର ସମନ୍ୱୟରେ ଜୀବନ । ପ୍ରକୃତିର ଏହି ପଞ୍ଚ ଉପାଦାନ ପରସ୍ପର ବିରୋଧୀ ହେଲେ ବି କିଏ କାହାର ବାଧକ ନୁହଁନ୍ତି, ଏମାନଙ୍କ ଭିତରେ ଭାବଗତ ସଂପର୍କ ରହିଛି ଏବଂ ଏକ ଆରେକର ଶୁଭାକାଂକ୍ଷୀ । ମନୁଷ୍ୟ ପ୍ରକୃତି ଠାରୁ ଏହି ଶିକ୍ଷା ଲାଭ କରିବା ଉଚିତ ।

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆମ ଦେଶରେ ଅଭିନବ ସୃଜନର ମରୁଡ଼ି କାହିଁକି?



ଅଭୟ ଦ୍ୱିବେଦୀ

୨୦୧୫ ମସିହାରେ ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନସ୍ (IISc)ର ସମାବର୍ତ୍ତନ ଉତ୍ସବରେ ଛାତ୍ର/ଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଇନ୍‌ଫୋସିସ୍‌ର ଅନ୍ୟତମ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କର ଗୋଟିଏ ପ୍ରଶ୍ନ ସେ ସମୟରେ ଖୁବ୍ ଆଲୋଡନ ସୃଷ୍ଟି କରିଥିଲା । ପ୍ରଶ୍ନଟି ଥିଲା – ବିଗତ ୫୦ ବର୍ଷ ମଧ୍ୟରେ ଆମେରିକାର ମାସାଚ୍ୟୁସିଟସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି (MIT), ୧୦୦ରୁ ଉର୍ଦ୍ଧ୍ୱ ନୂତନ ଚିନ୍ତାକୁ ବାସ୍ତବ ରୂପ ଦେଇଥିବାବେଳେ, ଆମ ଦେଶର ଶ୍ରେଷ୍ଠତମ ଶିକ୍ଷାନୁଷ୍ଠାନ ଆଇ.ଆଇ.ଟି. ଏବଂ ଆଇ.ଆଇ.ଏସସି.ରେ କୌଣସି ଗୋଟିଏ ଅଭିନବ ଚିନ୍ତାର ପ୍ରବର୍ତ୍ତନ (innovation) ସମ୍ଭବ ହୋଇନାହିଁ କାହିଁକି ? ସମାରୋହ ସମାପ୍ତ ପରେ ଜଣେ ଗବେଷଣାରତ ଛାତ୍ରୀ ନାରାୟଣ ମୂର୍ତ୍ତିଙ୍କୁ ସାକ୍ଷାତ କରି ପ୍ରଶ୍ନ କରିଥିଲେ–ପ୍ରଯୁକ୍ତିବିଦ୍ୟାର ମହାନାୟକ ଭାବେ ଆପଣ ତ ସିମ୍ପ୍ୟୁଟର କାହାଣୀ ସଂପର୍କରେ ଅବଗତ ଥିବେ । ତାହାର ଅକାଳ ମୃତ୍ୟୁ ଘଟିଲା କାହିଁକି?

ଆମ ଦେଶରେ ଅଭିନବ ସୃଜନର ଅଭାବ ନାହିଁ ଅଭାବ ରହିଛି ସରକାରୀ ଭିତ୍ତିଭୂମି, ପ୍ରୋତ୍ସାହନ ଓ ସମ୍ବେଦନଶୀଳତା । ଫଳରେ ଅଭିନବ ଚିନ୍ତାର ଗଜା–ମରୁଡ଼ି ଘଟୁଛି । ଏହା ଶୁଣି ନାରାୟଣ ମୂର୍ତ୍ତି ନିରବରେ ସମ୍ମତି ପ୍ରଦାନ କରିଥିଲେ । ତାଙ୍କର ପ୍ରଶ୍ନ ଛାତ୍ର/ଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲେ ହେଁ ବାସ୍ତବରେ ଦେଶକୁ ନିୟନ୍ତ୍ରଣ କରୁଥିବା ବଡପଣ୍ଡାମାନଙ୍କ ଉଦ୍ଦେଶ୍ୟରେ ଅଭିପ୍ରେତ ଥିଲା । ନାରାୟଣ ମୂର୍ତ୍ତି ଅନେକ ବାର ସ୍ପଷ୍ଟ କରିଛନ୍ତି – ଇନ୍‌ଫୋସିସ୍ ପ୍ରତିଷ୍ଠାର ଆଦ୍ୟ ସୋପାନରେ, ସରକାରୀ ସହଯୋଗ ତ ଦୂରର କଥା, ୧୯୮୦ ଦଶକରେ ଲାଇସେନ୍‌ସ୍ ରାଜ ଯୁଗର ଢାଞ୍ଚାଗତ ଅମଲାତନ୍ତ୍ର ପ୍ରତିବନ୍ଧକତା ସତ୍ତ୍ୱେ କଂପାନୀ ତିଷ୍ଠି ପାରିଲା, ଏହା ହିଁ ଆମର ସଫଳତା ।

ସିମ୍ପ୍ୟୁଟର କାହାଣୀ ଏହିଭଳି : ୧୯୯୯ ମସିହାରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନସ୍‌ର ଚାରି ଜଣ ପ୍ରଫେସର – ପ୍ରଫେସର ସ୍ୱାମୀ ମନୋହର, ବିଜୟ ଚନ୍ଦ୍ର, ରମେଶ ହରିହରନ୍ ଏବଂ ଭି.ବିନୟ ଗାଁ ଗଣ୍ଡାରେ ହାତରେ ଧରି ବ୍ୟବହାର କରିପାରୁଥିବା ଗୋଟିଏ କମ୍ପ୍ୟୁଟର ତିଆରି କରିବା ପାଇଁ ଯୋଜନା କଲେ । ଏଥିରେ ସମସ୍ତ ଅତ୍ୟାଧୁନିକ ସୁବିଧା ଯଥା– ଟଚ୍ ସ୍କ୍ରିନ୍ ଏବଂ ହାତ ଲେଖା ସୁବିଧା ସହିତ ଆଞ୍ଚଳିକ ଭାଷା ବ୍ୟବହାର କରାଯାଇ ପାରିବ । କିନ୍ତୁ ଦାମ ରହିବ ସାଧାରଣ ଡେସ୍କ ଟପ୍‌ର ଅଧା । ଏହାର ନାମ ରହିଲା ସିମ୍ପ୍ୟୁଟର –Simputer (simple, inexpensive and multilingual people's computer) । (୨୦୦୭ ମସିହାରେ ଆଇ ଫୋନ୍‌ରେ ଏହି ସବୁ ସୁବିଧା ମିଳିଲା।) ୨୦୦୧ ଡିସେମ୍ବର ୯ ତାରିଖ ନିଉୟର୍କ ଟାଇମସ୍ ପତ୍ରିକାରେ ବ୍ରୁସ୍ ଷ୍ଟର୍ଲିଂ The Year in Ideas : Simputer ଶୀର୍ଷକ ଏକ ଫିଚରରେ ଉଲ୍ଲେଖ କରିଥିଲେ – ୨୦୦୧ ମସିହାରେ କମ୍ପ୍ୟୁଟର ଜ୍ଞାନ କୌଶଳରେ ଯେଉଁ ଅଭିନବ ବିପ୍ଳବ ଆସିଛି, ସେଥିରେ ଆପଲ୍ କିମ୍ବା ମାଇକ୍ରୋସଫ୍ଟର ଅବଦାନ ନାହିଁ । ଭାରତରେ ନିର୍ମିତ ହାତରେ ଧରି ବ୍ୟବହାର କରି ହେଉଥିବା ସିମ୍ପ୍ୟୁଟର, କମ୍ପ୍ୟୁଟର ଜଗତରେ ନୂତନ ଆନ୍ଦୋଳନ ଆଣିଛି । ଗତ ଏପ୍ରିଲ ମାସରେ ଏହା ଉନ୍ମୋଚିତ ହୋଇଛି ଏବଂ ଆଗାମୀ ମାର୍ଚ୍ଚ ମାସରେ ବ୍ୟାବସାୟିକ ଉତ୍ପାଦନ ଆରମ୍ଭ ହେବ। ବିନା କି–ବୋର୍ଡରେ , ଛୁଇଁ ଦେବା ମାତ୍ରେ ଶବ୍ଦ ଏବଂ ଦୃଶ୍ୟମାନ ସଙ୍କେତ ସାହାଯ୍ୟରେ ଏହାକୁ ଚଳେଇ ହେବ । ଇଂରାଜୀ ୱେବ୍ ସାଇଟକୁ ଏହା ଭାରତୀୟ ଭାଷାରେ ଅନୁବାଦ କରି ପଢ଼ି ଜାଣି ନ ଥିବା ବ୍ୟକ୍ତିଙ୍କୁ ଶୁଣାଇ ପାରିବ । ବ୍ୟାଟେରୀ ସାହାଯ୍ୟରେ ଚାଲୁଥିବା ଏହି କମ୍ପ୍ୟୁଟର ବ୍ୟବହାର କରିବା ପାଇଁ ତାଲିମ ଏବଂ ବ୍ରଡବ୍ୟାଣ୍ଡର ଆବଶ୍ୟକତା ନାହିଁ । ଏହାର ଦାମ ମାତ୍ର ୯୦୦୦ ଟଙ୍କା।

କିନ୍ତୁ ସିମ୍ପ୍ୟୁଟର ତିଷ୍ଠି ପାରିଲା ନାହିଁ। କେନ୍ଦ୍ର ସରକାର ଏବଂ ଗଣ୍ଡା ଗଣ୍ଡା ରାଜ୍ୟ ସରକାରଙ୍କ ଦରବାରରେ ବାରମ୍ବାର ପ୍ରଦର୍ଶନ ସତ୍ତ୍ୱେ ମହାମହିମ ସରକାର ଏହାକୁ କିଣିବା ପାଇଁ ରାଜି ହେଲେ ନାହିଁ । ବ୍ୟାବସାୟିକ ଉତ୍ପାଦନ ନିମନ୍ତେ ଯେତେ ଅର୍ଥ ଆବଶ୍ୟକ, ତାହା ମଧ୍ୟ ମିଳିଲା ନାହିଁ । ୨୦୦୫ ମସିହା ସୁଦ୍ଧା ୫୦,୦୦୦ ଉତ୍ପାଦନ ଧାର୍ଯ୍ୟ ରଖାଯାଇଥିଲେ ହେଁ, ବିକ୍ରି ହେଲା ମାତ୍ର ୪୦୦୦ । ସିମ୍ପ୍ୟୁଟରର ଅକାଳ ମୃତ୍ୟୁ ଘଟିଲା। ଯଦି ସରକାର ବାହାଦୁର ୫ ବର୍ଷ ମଧ୍ୟରେ ୫ ଲକ୍ଷ ସିମ୍ପ୍ୟୁଟର କିଣିବା ପାଇଁ ପ୍ରତିଶ୍ରୁତି ଦେଇଥାନ୍ତେ, କଣ ଘଟିଥାନ୍ତା, ତାହାର ସ୍ଥିତି ଆକଳନ କରିବା । ୧)ଦେଶର ଡିଜିଟାଲ ଇତିହାସର ଗତିପଥରେ ବୈପ୍ଳବିକ ପରିବର୍ତ୍ତନ ଆସିଥାନ୍ତା । ହୁଏତ ସେ ସମୟରେ ୯୦୦୦ଟଙ୍କା ମୂଲ୍ୟ (ଆଜି ତାହା ପ୍ରାୟ ୫୫,୦୦୦ଟଙ୍କା ସହିତ ସମାନ) ଅଧିକ ଲାଗୁଥିଲେ ହେଁ ଉତ୍ପାଦନ ବୃଦ୍ଧି ପାଇଥିଲେ, ମୂଲ୍ୟରେ ବ୍ୟାପକ ହ୍ରାସ ଘଟିଥାଆନ୍ତା । ୨) ଯଦି ପ୍ରତି ପଞ୍ଚାୟତ ଅଫିସ, ବିଦ୍ୟାଳୟ, କୃଷି କାର୍ଯ୍ୟାଳୟରେ ସିମ୍ପ୍ୟୁଟରର ପ୍ରଚଳନ ଆରମ୍ଭ ହୋଇଥାନ୍ତା, ପ୍ରାୟ ଦଶ ବର୍ଷ ଆଗରୁ ଦେଶରେ ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମି ପ୍ରତିଷ୍ଠା ହୋଇ ହୋଇପାରିଥାନ୍ତା । ୩) ଆଣ୍ଡ୍ରଏଡ଼ର ଆଧିପତ୍ୟ ପୂର୍ବରୁ ଭାରତୀୟ ଆପ୍ ଇକୋସିଷ୍ଟମ ସୃଷ୍ଟି ହୋଇପାରିଥାନ୍ତା । ପରବର୍ତ୍ତୀ ସମୟରେ ଭାରତ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଉପରେ ନିର୍ଭର ନକରି ସ୍ୱଦେଶୀ ସଫ୍ଟୱେୟାର, ହାଡ଼ୱେୟାର ବିକଶିତ କରିପାରିଥାନ୍ତା ଏବଂ ଆତ୍ମନିର୍ଭର ଭାରତ ସ୍ଲୋଗାନ ସେହି ସମୟରୁ ଆରମ୍ଭ ହୋଇଥାନ୍ତା । କିନ୍ତୁ ସରକାରୀ କ୍ଷେତ୍ରର ଉଦାସୀନତା ହେତୁ ତାହା ସମ୍ଭବ ହେଲାନାହିଁ ।

ଆମେରିକା ଓ ଚୀନରେ ପରିସ୍ଥିତି ସଂପୂର୍ଣ୍ଣ ଭିନ୍ନ । ୧୯୭୬ ମସିହାରେ ଆମେରିକାର ସେମୋର୍ କ୍ରେ (Seymour Cray) ପ୍ରଥମ ସଫଳ ସୁପର କଂପ୍ୟୁଟର ନିର୍ମାଣ କଲେ । ଏହି ସୁପର କମ୍ପ୍ୟୁଟର ଆମେରିକାର ସର୍ବବୃହତ ଲସ୍ ଆଲାମସ୍ ନାସନାଲ ଲାବୋରେଟୋରୀରେ ପରୀକ୍ଷା କରାଗଲା । ପରୀକ୍ଷାଗାରରୁ ସବୁଜ ସଙ୍କେତ ମିଳିବା ପରେ ଆମେରିକା ସରକାର ପ୍ରଥମ ସୁପର କମ୍ପ୍ୟୁଟର National Center for Atmospheric Research ପ୍ରତିଷ୍ଠାନ ନିମନ୍ତେ ୮.୮ ମିଲିୟନ ଡଲାରରେ କିଣିଥିଲେ । ପରେ ଆଉ ୮୦ଟି କିଣିବା ପରେ ସେମର କ୍ରେଙ୍କ କଂପାନୀ ଆର୍ଥିକ ସଫଳତା ସହିତ ଅଧିକ ଗବେଷଣା ପାଇଁ ପ୍ରୋତ୍ସାହନ ପାଇଥିଲା। ୨୦୧୩ ମସିହାରେ ଚୀନ ସରକାର ନିଜ ଦେଶର ଟେକ୍ ଷ୍ଟାର୍ଟଅପ୍‌ଙ୍କ ପାଖରୁ ୨୫୦ ବିଲିୟନ ଡଲାର ସାମଗ୍ରୀ କିଣିଥିଲେ ଏବଂ ୨୦୧୫ ମସିହା ଜାନୁୟାରୀରେ ଚୀନ ସରକାର ସମସ୍ତ ଆମେରିକୀୟ କଂପାନୀ ସହିତ ପର୍ଯ୍ୟାୟକ୍ରମେ କାରବାର ବନ୍ଦ କରିଦେବା ପାଇଁ ଘୋଷଣା କଲେ । ଚୀନର ପ୍ରତିରକ୍ଷା ଓ ସରକାରୀ ବିଭାଗରେ ବିଦେଶୀ କଂପାନୀଙ୍କ ପ୍ରବେଶ ବାରଣ କରାଯାଇଛି ।

ସିମ୍ପ୍ୟୁଟରର କାହାଣୀ ପଢ଼ି କେହି ପାଠକ ବନ୍ଧୁ ହୁଏତ ଭାବୁଥିବେ, ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳଖଣ୍ଡରେ ଦେଶରେ ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଥିବ । ପରିବର୍ତ୍ତନ ଯେ ଆସିନାହିଁ, ତାହା ନୁହେଁ କିନ୍ତୁ ଯଥେଷ୍ଟ ନୁହେଁ । ଏହାର ଏକ ଦୃଷ୍ଟାନ୍ତ ଅନୁଶୀଳନ କରିବା । ୨୦୨୫ ଏପ୍ରିଲ ୩–୫ ରେ ନୂଆଦିଲ୍ଲୀରେ ଆୟୋଜିତ ଷ୍ଟାର୍ଟଅପ୍ ମହାକୁମ୍ଭ ଉଦ୍ଘାଟନ ଅବସରରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ଦେଶର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ସମାଲୋଚନା କରି ମନ୍ତବ୍ୟ ଦେଇଥିଲେ – ଚୀନର ଷ୍ଟାର୍ଟଅପ କଂପାନୀଗୁଡ଼ିକ କୃତ୍ରିମ ବୁଦ୍ଧିମତା,ସେମିକଣ୍ଡକ୍ଟର ଏବଂ ବ୍ୟାଟେରୀ ଟେକ୍‌ନୋଲୋଜି ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିବାବେଳେ ଆମ ଦେଶର ଷ୍ଟାର୍ଟଅପ୍– ସମୁଦାୟ କାରବାର ଏବଂ ସୁବିଧା ପ୍ରଦାନ(transactions and convenience offerings) କୁ ପ୍ରାଥମିକତା ଦେଉଛନ୍ତି । ଆଇସକ୍ରିମ ଏବଂ ଫୁଡ୍ ଆପ ପ୍ରସ୍ତୁତ କରିବା ପରିବର୍ତ୍ତେ ଆମେ ଡିପ୍–ଟେକ୍ ଓ ସେମିକଣ୍ଡକ୍ଟର କ୍ଷେତ୍ର ଉପରେ ଧ୍ୟାନ ଦେବା ଉଚିତ । ମନ୍ତ୍ରୀ ମହୋଦୟଙ୍କର ଏହି କଠୋର ଟୀପ୍ପଣୀ ଉପରେ ବହୁ ଉଦ୍ୟୋଗୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିବାବେଳେ ବେଙ୍ଗାଲୁରୁର ଡ୍ୟୁମିନ ସେମିକଣ୍ଡକ୍ଟର ନାମକ ଷ୍ଟାର୍ଟଅପ୍‌ର ପ୍ରତିଷ୍ଠାତା ବିଜୟଭିଟଲ ଜାଗିରଦାରଙ୍କ ମନ୍ତ୍ରୀଙ୍କୁ ଖୋଲାପତ୍ର ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ଏଥିରେ ସେ ଉଦାସୀନ ସରକାରୀ ବ୍ୟବସ୍ଥା, ସରକାରୀବାବୁମାନଙ୍କର ସମ୍ବେଦନହୀନତା ସଂପର୍କରେ ବିସ୍ତୃତ ବ୍ୟାଖ୍ୟା କରି ଲେଖିଛନ୍ତି – ଇଣ୍ଟେଲ କଂପାନୀରେ ଉଚ୍ଚ ପଦବୀରେ ଦୀର୍ଘ ବର୍ଷ ରହିବା ପରେ ମୁଁ ୨୦୧୮ ମସିହାରେ ସେମିକଣ୍ଡକ୍ଟର ନିର୍ମାଣ ନିମନ୍ତେ ଷ୍ଟାର୍ଟଅପ୍ ଆରମ୍ଭ କଲି । ଆମେରିକା ଏବଂ ୟୁରୋପୀୟ ସଂଘର ବହୁ କଂପାନୀ ଆମ ଗ୍ରାହକ ତାଲିକାରେ ଅଛନ୍ତି । ସେମାନଙ୍କ ମଧ୍ୟରୁ ଗୋଟିଏ କଂପାନୀ କୃତ୍ରିମ ବୁଦ୍ଧିମତାର ଜନକ ଭାବେ ଅଭିହିତ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଭାରତ ସରକାରଙ୍କର କୌଣସି ସଂସ୍ଥା ଆମ ସହିତ କାରବାର କରିବା ପାଇଁ ନାରାଜ । ସେମାନଙ୍କ ସହିତ ବ୍ୟବସାୟ ଆଲୋଚନା କରି ମୁଁ ଅନେକ ସମୟ ଅପଚୟ କରିଛି । ....ସରକାରଙ୍କର ଟ୍ୟାକ୍ସ ନିୟମ ଅନୁଯାୟୀ ସେମିକଣ୍ଡକ୍ଟର ଉତ୍ପାଦନ ନିମନ୍ତେ ବିଦେଶରୁ କଂଚାମାଲ ଆମଦାନୀ ପାଇଁ ମୋର ପ୍ରତିଦ୍ୱନ୍ଦୀଙ୍କ ଠାରୁ ଦୁଇଗୁଣ ଅଧିକ ଦାମ ସହିତ ୧୦ ଡଲାରର ୱାୟାରଲେସ୍ ଉପକରଣ ଆମଦାନୀ ସକାଶେ WPC ଅନୁମୋଦନ ପାଇଁ ଦଶ ହଜାର ଟଙ୍କା ଦେବାକୁ ପଡୁଛି ।...ସରକାର ଆମକୁ ବ୍ୟବସାୟ ନ ଦିଅନ୍ତୁ ଦୁଃଖ ନାହିଁ, କିନ୍ତୁ ବ୍ୟବସାୟ ଚଳାଇବାର ପଥ ସୁଗମ ରଖନ୍ତୁ । ସରକାରୀସ୍ତରରେ ମୋ କଂପାନୀ ଟିକସ ରିହାତି ପାଇଁ ଯୋଗ୍ୟ ଅଟେ । ଦୁଇ ବର୍ଷ ଧରି ସେହି ଫାଇଲ ସରକାରୀବାବୁଙ୍କ ପାଖରେ ପଡ଼ି ରହିବା ପରେ ଆଉ କିଛି ତଥ୍ୟ ଦରକାର ଏହି ମନ୍ତବ୍ୟରେ ଫେରି ଆସିଲା । କିଛି ଘଣ୍ଟା ପରେ କେହି ଜଣେ ବ୍ୟକ୍ତି (ହୁଏତ ଦଲାଲ) କିଛି ପ୍ରାପ୍ୟ ବଦଳରେ ତୁରନ୍ତ ସୁନିଶ୍ଚିତ ସେବା ଯୋଗାଇ ଦେବା ପାଇଁ ଫୋନ୍ କରିଥିଲେ । ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ପତ୍ରର ଅନ୍ତିମ ବାକ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ– ମନ୍ତ୍ରୀ ମହୋଦୟ ଅନ୍ୟକୁ ଦୋଷ ଦେବା ପରିବର୍ତ୍ତେ ନିଜର କାର୍ଯ୍ୟ (ସୁଶାସନ) ଉପରେ ଧ୍ୟାନ କେନ୍ଦ୍ରିତ କରି ଆମ ରାସ୍ତାରୁ ଓହରି ଯାଆନ୍ତୁ । ଆମେ ଉଦ୍ୟୋଗୀମାନେ ବିଶ୍ୱସ୍ତରୀୟ ଉତ୍ପାଦ ନିର୍ମାଣ କରିବାର ସାମର୍ଥ୍ୟ ରଖିଛୁଁ । ଏହା ହେଉଛି ସେହି ଦୀର୍ଘ ପତ୍ରର ଅଂଶ ମାତ୍ର ।

ବିଜୟଭିଟଲଙ୍କ ଏହି ପତ୍ର ଉପରେ.ଅନେକଙ୍କ ମଧ୍ୟରୁ ,ଶିଳ୍ପଜଗତ ସହିତ ଅନ୍ତରଙ୍ଗ ସଂଶ୍ଳିଷ୍ଟ ପଦ୍ମଶ୍ରୀ ମୋହନଦାସ ପାଇଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ – ଗୋୟଲ ଆମ ଷ୍ଟାର୍ଟଅପ୍‌ଗୁଡିକୁ ନୀଚ ଦେଖାଇବା ପରିବର୍ତ୍ତେ ଡିପ୍–ଟେକ୍ ଷ୍ଟାର୍ଟଅପ୍‌ର ଅଭିବୃଦ୍ଧି ନିମନ୍ତେ କଣ କରିଛନ୍ତି ନିଜକୁ ପ୍ରଶ୍ନ କରନ୍ତୁ ।...ପୁଞ୍ଜି ଅଭାବରୁ ବହୁ ଷ୍ଟାର୍ଟଅପ୍‌ର ଅଭିବୃଦ୍ଧି ସମ୍ଭବ ହେଉନାହିଁ । ୨୦୧୪–୨୪ ଏହି ଦଶନ୍ଧିରେ ଆମେରିକାରେ ଷ୍ଟାର୍ଟଅପ୍ ୨.୩ ଟ୍ରିଲିୟନ ଡଲାର ଏବଂ ଚୀନରେ ୮୪୫ ବିଲିୟନ ଡଲାର ଅର୍ଥ ସଂଗ୍ରହ କରିଥିବାବେଳେ, ଭାରତରେ ଏହାର ପରିମାଣ ୧୬୦ ବିଲିୟନ ଡଲାର । ଆମ ନେତାମାନେ ଷ୍ଟାର୍ଟଅପ୍ କ୍ଷେତ୍ରରେ ଚୀନ ଓ ଆମେରିକାର ଦୃଷ୍ଟାନ୍ତ ଦିଅନ୍ତି । କିନ୍ତୁ ସେଠାକାର ଭିତ୍ତିଭୂମି କେତେ ସୁଦୃଢ଼ ଓ ସରକାରୀ ବ୍ୟବସ୍ଥା କେତେ ସମ୍ବେଦନଶୀଳ, ସେ ସଂପର୍କରେ ନିରବ ରୁହନ୍ତି । ଅଭିନବ ସୃଜନ କେବଳ ସୁସ୍ଥ ପରିବେଶରେ ପଲ୍ଲବିତ ହୋଇପାରେ ।

**୨୦୦୧ ମସିହାରେ କମ୍ପ୍ୟୁଟର ଜ୍ଞାନ କୌଶଳରେ ଯେଉଁ ଅଭିନବ ବିପ୍ଳବ ଆସିଛି, ସେଥିରେ ଆପଲ୍ କିମ୍ବା ମାଇକ୍ରୋସଫ୍ଟର ଅବଦାନ ନାହିଁ । ଭାରତରେ ନିର୍ମିତ ହାତରେ ଧରି ବ୍ୟବହାର କରି ହେଉଥିବା ସିମ୍ପ୍ୟୁଟର, କମ୍ପ୍ୟୁଟର ଜଗତରେ ନୂତନ ଆନ୍ଦୋଳନ ଆଣିଛି । ଗତ ଏପ୍ରିଲ ମାସରେ ଏହା ଉନ୍ମୋଚିତ ହୋଇଛି ଏବଂ ଆଗାମୀ ମାର୍ଚ୍ଚ ମାସରେ ବ୍ୟାବସାୟିକ ଉତ୍ପାଦନ ଆରମ୍ଭ ହେବା ବିନା କି–ବୋର୍ଡରେ , ଛୁଇଁ ଦେବା ମାତ୍ରେ ଶବ୍ଦ ଏବଂ ଦୃଶ୍ୟମାନ ସଙ୍କେତ ସାହାଯ୍ୟରେ ଏହାକୁ ଚଳେଇ ହେବ । ଇଂରାଜୀ ୱେବ୍ ସାଇଟକୁ ଏହା ଭାରତୀୟ ଭାଷାରେ ଅନୁବାଦ କରି ପଢ଼ି ଜାଣି ନ ଥିବା ବ୍ୟକ୍ତିଙ୍କୁ ଶୁଣାଇ ପାରିବ । ବ୍ୟାଟେରୀ ସାହାଯ୍ୟରେ ଚାଲୁଥିବା ଏହି କମ୍ପ୍ୟୁଟର ବ୍ୟବହାର କରିବା ପାଇଁ ତାଲିମ ଏବଂ ବ୍ରଡବ୍ୟାଣ୍ଡର ଆବଶ୍ୟକତା ନାହିଁ । ଏହାର ଦାମ ମାତ୍ର ୯୦୦୦ ଟଙ୍କା।**

**(ଲେଖକ ରାଜ୍ୟର ଜଣେ ସୁପରିଚିତ ଲେଖକ ଓ ସ୍ତମ୍ଭକାର)**
**ଭଦ୍ରାଣୀ, ସାଳନ୍ଦୀ ନଗର,ଭଦ୍ରକ–୭୫୬୧୦୦,ସେଲ୍–୯୪୩୭୧ ୯୧୩୫୦**
email-saiabhay19@gmail.com

# ନିଜ ସର୍ବନାଶକୁ ଆମନ୍ତ୍ରଣ



ରାକେଶ ପଣ୍ଡା

ସଂସାରରେ ମନୁଷ୍ୟ ହେଉଛି ଏମିତି ଏକ ଜୀବ, ଯାହାର ପାଇବାର ଅଗଣିତ ଇଚ୍ଛା ଏବଂ ଅଭିଳାଷ ରହିଥାଏ ଏବଂ ଏହାର ପ୍ରାପ୍ତି ଦିଗରେ ସେ ସର୍ବଦା ଚେଷ୍ଟିତ ରହେ । ଯେତେବେଳେ, ତା'ର ସେ ଇଚ୍ଛା ଓ ଲକ୍ଷ୍ୟ ପୂରଣ ହୋଇଯାଏ, ସେତେବେଳେ ସ୍ୱାଭାବିକ ଭାବରେ ନିଜ ଅନ୍ତର ମଧ୍ୟରୁ ଅଭିମାନ ଉତ୍ପନ୍ନ ହୋଇଥାଏ ଏବଂ ଏହି ଅଭିମାନରୁ ଅହଂକାର ଜନ୍ମ ନିଏ । ଏହାଛଡା,ବେଳେ ବେଳେ ନିଜର ଗୁଣ, ସୁନ୍ଦରତା, ପ୍ରତିଷ୍ଠା, ରୋଜଗାର ଏବଂ ଜୀବନରେ ଆଶାଠାରୁ ଅଧିକ ସଫଳତା ଲାଭପରେ ସେ ଅନ୍ତରରୁ ଅନ୍ଧ ହୋଇପଡେ ଏବଂ ବିନମ୍ରତା ହରାଇ ଅହଂକାରର ବଶବର୍ତ୍ତୀ ହୋଇଥାଏ ।

ଏହା ଏକ ଜନ୍ମଗତ ଗୁଣ ଅଟେ । ଯେଉଁ ଗୁଣ ଜଣେ ବ୍ୟକ୍ତିର ଅନ୍ତର ମଧ୍ୟରେ 'ଅହଂ'ତଥା'ମୁଁ'ଶବ୍ଦର ଅନୁଭବକୁ ସୃଷ୍ଟି କରିଥାଏ ଏବଂ ପ୍ରାଧାନ୍ୟ ଦେଇଥାଏ । ଯାହାର ମୁଖ୍ୟ କାରଣ ହେଉଛି ମଣିଷ ମଧ୍ୟରେ ଥିବା ଅଜ୍ଞତା ଏବଂ ଭୁଲ ଧାରଣା । ଜଣେ ବ୍ୟକ୍ତି ଭୌତିକ ସ୍ତରରେ କିଛି ଉନ୍ନତି ତଥା ସଫଳତା ପାଇବା ପରେ, ସେ ତାକୁ ନିଜ ସହ ଯୋଡି ଦିଏ ଏବଂ ତାହାକୁ ସେ ନିଜର ସ୍ୱରୂପ ତଥା ସ୍ୱଭାବ ରୂପରେ ଗ୍ରହଣ କରିନିଏ । ପରବର୍ତ୍ତୀ ସମୟରେ, ନିଜର ଅଜ୍ଞାନତା ବଶତଃ ସେ ନିଜ ପ୍ରତି ଅନେକ ଆସକ୍ତ ହୋଇଉଠେ ଏବଂ ଅହଂକାରର ବଶବର୍ତ୍ତୀ ହୋଇଥାଏ ।

ସଂସାରରେ ସବୁଠାରୁ ଖରାପ ସ୍ୱଭାବ ହେଉଛି ଅହଂକାର । ଯେଉଁ ବ୍ୟକ୍ତିର ମନରେ ଅହଂକାର ଥରେ ବାସ କରି ନିଏ, ତାର ବୁଦ୍ଧି ଓ ବିଚାରର ସର୍ବନାଶ ହୋଇଥାଏ । ତା' ମଧ୍ୟରେ ଥିବା ଭଲ ଗୁଣ, ବ୍ୟବହାର ଏବଂ ଅଭ୍ୟାସ ସବୁ ନଷ୍ଟ ହୋଇଯାଏ । ପ୍ରତ୍ୟେକ କ୍ଷେତ୍ରରେ ସେ କେବଳ ନିଜର ଲାଭ ଏବଂ ଫାଇଦା ହିଁ ଖୋଜିବୁଲେ ।

ଅହଂକାରୀ ବ୍ୟକ୍ତି ନିଜକୁ ଦୁନିଆଁର ସର୍ବଶ୍ରେଷ୍ଠ ବୋଲି ବିବେଚିତ କରିଥାଏ । ଅହଂକାରର ବଶବର୍ତ୍ତୀ ହୋଇ ସେ ଭୁଲ ଏବଂ ଠିକ୍‌ର ବିଚାର କରି ପାରିନଥାଏ ଏବଂ ଏହି ନିଶାରେ ଅନ୍ଧ ହୋଇ ସେ ଅନ୍ୟ ଲୋକମାନଙ୍କୁ ନୀଚ ଦୃଷ୍ଟିରେ ଦେଖିଥାଏ ।

ଜଣେ ଅହଙ୍କାରୀ ବ୍ୟକ୍ତି ସମାଜରେ ଯେତେ ପ୍ରତିଷ୍ଠିତ, ଧନବାନ ତଥା ଯୋଗ୍ୟ ହୁଅନ୍ତୁ ନା' କାହିଁକି, ନିଜର ଅହଂକାର ଯୋଗୁଁ ସେ ଅନ୍ୟମାନଙ୍କର ବିଶ୍ୱାସ, ଭଲପାଇବା, ଆନ୍ତରିକତା ଏବଂ ସମ୍ମାନ ହରାଇଥାଏ । ଧୀରେ ଧୀରେ ତା'ର ଅତି ନିଜର ଲୋକମାନେ ମଧ୍ୟ ତା'ଠାରୁ ଦୂରେଇ ଚାଲିଯାଆନ୍ତି ଏବଂ ଜୀବନରେ ସେ ଏକୁଟିଆ ହୋଇପଡେ । ନିଜେ ଯେତେ ଯୋଗ୍ୟ ଏବଂ ଦକ୍ଷ ହେଲେ ମଧ୍ୟ ତା'ର ଉନ୍ନତି ଓ ବିକାଶ ବାଧାପ୍ରାପ୍ତ ହୋଇ, ଧୀରେ ଧୀରେ ସଫଳତା ଏବଂ କାର୍ଯ୍ୟ ସିଦ୍ଧିରେ ଏକ ପ୍ରକାରର ପୂର୍ଣ୍ଣଚ୍ଛେଦ ପଡିଯାଏ । ଯେଉଁ ପରିସ୍ଥିତିରୁ ସେ ନିଜର ଅଜାଣତରେ ଆପଣାର ବିନାଶ ତଥା ଅବନତିକୁ ଆମନ୍ତ୍ରଣ କରିଥାଏ ଏବଂ ନିଜ ସର୍ବନାଶର କାରଣ ନିଜେ ହିଁ ସାଜିଥାଏ ।

କିନ୍ତୁ ଏହା ସତ୍ୟ ଯେ,ବାସ୍ତବରେ ଗୋଟିଏ ଜୀବାତ୍ମା ତା'ର ଜୀବନ କାଳ ମଧ୍ୟରେ ଯାହା ଅର୍ଜନ ତଥା ଉପାର୍ଜନ କରିଥାଏ, ସେସବୁ ତା'ର ନିଜ ସ୍ୱରୂପଠାରୁ ସଂପୂର୍ଣ୍ଣ ଅଲଗା ଅଟେ ଏବଂ ତାହା ତା'ର ନିଜର ନୁହେଁ । ହେଲେ, ଅଭିମାନର ମୋହରେ ସେ ଉକ୍ତ ବାସ୍ତବତାକୁ ଭୁଲି, ନିଜର ଯୋଗ୍ୟତା, କ୍ଷମତା, କାର୍ଯ୍ୟ ସଫଳତା, ପଦ–ପ୍ରତିଷ୍ଠା, ପ୍ରସିଦ୍ଧି, ଧନ– ସମ୍ପତ୍ତି ଏବଂ ମାନ–ସମ୍ମାନ ସମ୍ବନ୍ଧୀୟ ପ୍ରାପ୍ତି ତଥା ହାସଲ ପରେ ଗର୍ବୀ ଏବଂ ଅହଂକାରୀ ହୋଇଉଠେ । ବାସ୍ତବରେ ଏହି ପ୍ରାପ୍ତି ଗୋଟିଏ ଅବଧି ପାଇଁ ଜଣେ ବ୍ୟକ୍ତି ସହ ଯୋଡି ହୋଇ ରହିଥାଏ ଏବଂ ପର ସମୟରେ ସେସବୁ ତା'ଠାରୁ ଦୂରକୁ ଚାଲିଯାଏ । ଯେମିତିକି, ଜଣେ ସୁନ୍ଦର ବ୍ୟକ୍ତିର ବୟସ ବଢିବା ସହ ତା'ର ମୁହଁ ଏବଂ ସଂପୂର୍ଣ୍ଣ ଶରୀରର ସୁନ୍ଦରତା ଧୀରେ ଧୀରେ କ୍ଷୀଣ ହୋଇଯାଏ, ଠିକ୍ ସେହିପରି,ମାନ, ପ୍ରତିଷ୍ଠା, କ୍ଷମତା, ପ୍ରସିଦ୍ଧି, ଧନ, ସମ୍ପତ୍ତି ଗୋଟିଏ ସମୟରେ ମନୁଷ୍ୟ ପାଖରେ ଥାଏ, ପୁଣି ବିଭିନ୍ନ କାରଣରୁ ଆଉ ଏକ ସମୟରେ ତାହା ତା'ଠାରୁ ଦୂରକୁ ଚାଲିଯାଏ । ତେବେ, ଏହିସବୁ କ୍ଷଣସ୍ଥାୟୀ ପ୍ରାପ୍ତିକୁ ନେଇ ଜଣେ ମଣିଷ କେବେ ଗର୍ବ ତଥା ଅହଂକାର କରିବା ଉଚିତ ନୁହେଁ । କାରଣ ପ୍ରତ୍ୟକ ବ୍ୟକ୍ତି ବିନା ପରିଚୟରେ ଏହି ଧରାପୃଷ୍ଠକୁ ଆସିଥାଏ । ଯାହା ତାକୁ ଏଠାରେ ପ୍ରାପ୍ତ ହୋଇଥାଏ, ସେସବୁ ଈଶ୍ୱର ତଥା ପରମାତ୍ମାଙ୍କ ଆଶୀର୍ବାଦରୁ ହିଁ ମିଳିଥାଏ ।

ଏହି ଧାମରୁ ବିଦାୟ ନେଲା ବେଳେ ସେ ନିଜ ସଙ୍ଗରେ କୌଣସି ପ୍ରାପ୍ତି, ସଫଳତା କିମ୍ବା ଭୌତିକ ଦ୍ରବ୍ୟ ଓ ପଦାର୍ଥକୁ ନେଇ ପାରି ନ'ଥାଏ । ତେବେ, ଜୀବନର ଉକ୍ତ ବାସ୍ତବତାକୁ ଗ୍ରହଣ କରି, ପ୍ରତ୍ୟକ ବ୍ୟକ୍ତି ଅଭିମାନକୁ ପରିତ୍ୟାଗ କରି ବିନମ୍ରତା ଯୁକ୍ତ ହେଲେ, ସେ ଅହଂକାରରୁ ମୁକ୍ତ ହୋଇଥାଏ । ଯାହାଦ୍ୱାରା, ସେ ଉଭୟ ଈଶ୍ୱରଙ୍କ ସତ୍ତା ଓ ପ୍ରତ୍ୟକ ବ୍ୟକ୍ତିର ହୃଦୟର ନିକଟତର ହୋଇପାରିବ ।

**ଯେମିତିକି, ଜଣେ ସୁନ୍ଦର ବ୍ୟକ୍ତିର ବୟସ ବଢିବା ସହ ତା'ର ମୁହଁ ଏବଂ ସଂପୂର୍ଣ୍ଣ ଶରୀରର ସୁନ୍ଦରତା ଧୀରେ ଧୀରେ କ୍ଷୀଣ ହୋଇଯାଏ, ଠିକ୍ ସେହିପରି,ମାନ, ପ୍ରତିଷ୍ଠା, କ୍ଷମତା, ପ୍ରସିଦ୍ଧି, ଧନ, ସମ୍ପତ୍ତି ଗୋଟିଏ ସମୟରେ ମନୁଷ୍ୟ ପାଖରେ ଥାଏ, ପୁଣି ବିଭିନ୍ନ କାରଣରୁ ଆଉ ଏକ ସମୟରେ ତାହା ତା'ଠାରୁ ଦୂରକୁ ଚାଲିଯାଏ । ତେବେ, ଏହିସବୁ କ୍ଷଣସ୍ଥାୟୀ ପ୍ରାପ୍ତିକୁ ନେଇ ଜଣେ ମଣିଷ କେବେ ଗର୍ବ ତଥା ଅହଂକାର କରିବା ଉଚିତ ନୁହେଁ ।**

**ବନ୍ଦାଲୋ, ଟାଙ୍ଗୀ, କଟକ–୭୫୪୦୨୨**
**ମୋ–୯୩୩୭୮୯୭୬୫୦**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ




ଭୁବନେଶ୍ୱର (ସବ୍ୟୁ): କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି। ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀବୃନ୍ଦ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସର୍ବ ପ୍ରଥମେ ଅନୁଷ୍ଠାନର ସଭାପତି ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡଃ. ଚିତ୍ତ ରଞ୍ଜନ ମିଶ୍ର ନାରୀଙ୍କୁ ସଦାସର୍ବଦା ମର୍ଯ୍ୟାଦାର ପଞ୍ଜୁରୀରେ ଦୁର୍ବଳତାର ଶୃଙ୍ଖଳିରେ ବାନ୍ଧି ରଖାଯାଏ, କିନ୍ତୁ କାହିଁକି? ତାର କଣ ଖୋଲା ଆକାଶରେ ଡେଣା ମେଲି ଉଡି ବୁଲିବାର ଅଧିକାର ନାହିଁ? ଆଲୋଚନା କରିବା ସହ ଡଃ. ମିଶ୍ର କହିଥିଲେ 'ନାରୀ କେବଳ ଘରର ଶୋଭା ନୁହେଁ, ସେ ସମାଜର ଶକ୍ତି ଓ ଆତ୍ମ ବିଶ୍ୱାସର ପ୍ରତୀକ'। ନିଜକୁ କେବେ ଦୁର୍ବଳ ଭାବ ନାହିଁ ତୁମେ ନିଜେ ଏକ ସୃଷ୍ଟି, ତୁମେ ନିଜେ ଏକ ଶକ୍ତି ବୋଲି ନିଜର ବକ୍ତବ୍ୟ ରଖିଥିଲେ। ସେହିପରି ଅନୁଷ୍ଠାନର ଅଧ୍ୟକ୍ଷ ଡଃ. ତ୍ରିବିକ୍ରମ ଷଡଙ୍ଗୀ ମଧ୍ୟ ନାରୀ ସଶକ୍ତ ହେଲେ ସମାଜ ସଶକ୍ତ ହେବା ସହ ଏବେ ବି କନ୍ୟାଭ୍ରୂଣ ହତ୍ୟା, ନାରୀ ପୁରୁଷର ପ୍ରଭେଦ ରହିଛି ବୋଲି ଆଲୋଚନା କରିବା ସହ ସର୍ବପ୍ରଥମେ ମଣିଷ ଶିକ୍ଷିତ ହେବା ସହ ମାନସିକତାର ପରିବର୍ତ୍ତନର ନିହାତି ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଉପାଧ୍ୟକ୍ଷ ଡଃ. ରୁଦ୍ରମୋହନ ନନ୍ଦ ଧନ୍ୟବାଦ ଦେଇଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା ମଣ୍ଡଳୀର ସମ୍ପାଦିକା ଶ୍ରୀମତୀ ସବିତା ମିଶ୍ର ଗୋଲାପ ଫୁଲ ଓ ମିଠା ଖୁଆଇ ସମସ୍ତଙ୍କୁ ସମ୍ମାନୀତ କରିଥିଲେ। ଏହା ପ୍ରତିଷ୍ଠାତା ସଭ୍ୟ ଡଃ. ଚିତ୍ତ ରଞ୍ଜନ ମିଶ୍ରଙ୍କର ଏକ ବଳିଷ୍ଠ ଚିନ୍ତନର ପ୍ରତିଫଳନ ଥିଲା।

## ବରିଷ୍ଠ ସାମ୍ବାଦିକ ଆଶୁତୋଷ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର(ସବ୍ୟୁ): ବରିଷ୍ଠ ସାମ୍ବାଦିକ ଆଶୁତୋଷ ମିଶ୍ରଙ୍କ ପରଲୋକ ଘଟିଛି । ଆଶୁତୋଷ ମିଶ୍ରଙ୍କ ହୃଦଘାତରେ ମୃତ୍ୟୁ ହୋଇଛି । ବରିଷ୍ଠ ସାମ୍ବାଦିକ ଆଶୁତୋଷଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୋକ ପ୍ରକାଶ କରିଛନ୍ତି । ତାଙ୍କର ବିୟୋଗ ଓଡ଼ିଶାର ସାମ୍ବାଦିକତା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ମହାପ୍ରଭୁଙ୍କ ନିକଟରେ ଦିବଙ୍ଗତ ଆତ୍ମାର ସଦଗତି କାମନା କରୁଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଆଶୁତୋଷ ମିଶ୍ରଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି ।

# କଟକ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

କଟକ, (ସ୍ୱପ୍ର) : କଟକ କ୍ଲବ୍ ପକ୍ଷରୁ କ୍ଲବ୍ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶାନ୍ତି ମେମୋରିଆଲ ହସପିଟାଲ, ଇଣ୍ଡିଆନ ମେଡିକାଲ ଆସୋସିଏସନ. ଓଡିଶା (ଆଇଏମଏ) ଓ ଏସସିବି ମେଡିକାଲର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ ୩୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଏଲଏଫଟି, ଥାଏରଡ, ଭିଟାମିନ ଡି ୩, ଲଙ୍ଗସ୍ ଫଙ୍କସନ୍, ଡାଇବେଟିସ, ଦାନ୍ତ, ଆଖି, କିଡିନ୍, ଫିଜିଓଥେରାପି ଆଦି ଶରୀରର ବିଭିନ୍ନ ଅଙ୍ଗ ପରୀକ୍ଷଣ କରାଯିବା ସହିତ ଟିକା କରଣ କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରରେ ଡ. ନିରଞ୍ଜନ ତ୍ରିପାଠୀ, ଡ. ଅନଙ୍ଗ ଦ୍ୱିବେଦୀ, ଡ. ସତ୍ୟନାରାୟଣ ରାଉତରାୟ, ଡ. ନିର୍ମଳ ଚନ୍ଦ୍ର ମହାପାତ୍ର, ଡ. ଜୟନ୍ତ କୁମାର ପଣ୍ଡା, ଡ. ଜନ୍ମେଜୟ ମହାପାତ୍ର, ଡ. ଅଶୋକ ମଲ୍ଲୀକ, ପ୍ରଫେସର ରେଖା ଦାସ, ଡ. ଗୀତାଞ୍ଜଳି କର, ଡ. ପ୍ରିୟ ରଞ୍ଜନ ତ୍ରିପାଠୀଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଡାକ୍ତର ଯୋଗଦେଇ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ନାନା ଉପାଦେୟ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଟକ କ୍ଲବ୍‌ର ସଭାପତି ତଥା ଶାନ୍ତି ହସପିଟାଲର ସିଏମଡି ଡ. ଶ୍ରୀଜୋୟ ପଟ୍ଟନାୟକ, ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।




# ହିଣ୍ଡାଲକୋ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ପାୱାର




କଲୋନୀ କମ୍ୟୁନିଟି ହଲରେ ହୀରା ହୀରାକୁଦ ଅଞ୍ଚଳର ମହିଳାମାନଙ୍କୁ ନେଇ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ହିଣ୍ଡାଲକୋ ସମ୍ବଲପୁର ୟୁନିଟ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ଓ ହୀରାକୁଦ ଥାନା ଅଧିକାରୀ, ସୁଶ୍ରୀ ନିକିତା ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ। କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ ଓ ଏଥିରେ ସଭାରେ ହିଣ୍ଡାଲକୋ ସିଏସଆର ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର ଏବଂ କର୍ପୋରେଟେ ଏଫଇରସ ମୁଖ୍ୟ ବିଗ୍ନେଶ୍ୱର ପଣ୍ଡା, ମାନବସମ୍ବଳ ପରିଚାଳିକା ସୁଶ୍ରୀ ପ୍ରେରଣା ସିନା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ, ଉପସ୍ଥିତ ମହିଳା ମାନଙ୍କୁ ଉଦ୍‌ବୋଧନ ଦେଇ ପୁଅ ଝିଅଙ୍କୁ ସମାନ ଦେଖି ଆଗକୁ ନେବାକୁ ଉପଦେଶ ଦେଇ ଥିଲେ । ବହୁ ବିଳମ୍ବ ହେଲାଣି ଆମେ ଲିଙ୍ଗ ଗତ ସମାନତା କୁ ରକ୍ଷା କରିବା ଦେଶଜାତିକୁ ଆଗକୁ ନେବା । ଅନ୍ୟ ନିମନ୍ତ୍ରିତ ଅତିଥି ଶ୍ରମତି ଅଞ୍ଜଳି ତ୍ରିପାଠୀ ମଧ୍ୟ ମହିଳାଙ୍କୁ ଆଗକୁ ନେବା ପାଇଁ ସମାନତା ର ଆବଶ୍ୟକତାକୁ ଶୀଘ୍ର କରିବାକୁ ହବ ବୋଲି ମତ ପ୍ରକାଶ କରିଥିଲେଓ ସେବା ଦେଇ ତାରି ଲାଭବାନ ହେବାକୁ ପରାମର୍ଶ ଦେଇଥେଲେ କଲ୍ୟାଣୀ ଗୋଷ୍ଠୀ ବିକାଶ ସଂଘ, ହୀରାକୁଦର ସଭାପତି ପୂର୍ଣ୍ଣବାସୀ ପଣ୍ଡା, ସମ୍ପାଦିକା ଶିବାନୀ ସୋନି ଉପସ୍ଥିତ ରହି ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। କାର୍ଯ୍ୟ କାର୍ଯ୍ୟକ୍ରମକୁ ସିଏସଆର୍ ବିଭାଗର ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ଏବଂ କଲ୍ୟାଣୀ ଗୋଷ୍ଠୀ ବିକାଶ ଓ ପରିଷଦର ବାସନ୍ତୀ ପାଣିଗ୍ରାହୀ, ସୁଜାତା କରାଳି, ଅନୁସୂୟା ପାତ୍ର, ଜ୍ୟୋତ୍ସ୍ନା ବେହେରା, ଲକ୍ଷ୍ମୀ କୁମ୍ଭାର ଏବଂ ସୁନିତା କରାଳି ପରିଚାଳନା ।

# ଭୁବନେଶ୍ୱର-ଏକାମ୍ର ବିଧାନସଭା ନିର୍ବାଚନୀ ମାମଲା : ନଥିପତ୍ର ଓ ସାକ୍ଷୀ ତାଲିକା ଦାଖଲ

କଟକ, (ସବ୍ୟୁ) : ଭୁବନେଶ୍ୱର-ଏକାମ୍ର ବିଧାନସଭା ନିର୍ବାଚନୀ ମାମଲାରେ ଓଡ଼ିଶା ହାଇକୋର୍ଟ ଆବେଦନକାରୀଙ୍କ ଅନୁରୋଧକୁ ଗ୍ରହଣ କରି ଆବେଦନକାରୀ ଦାଖଲ କରିଥିବା ସମସ୍ତ କାଗଜପତ୍ରକୁ କୋର୍ଟ ମାଷ୍ଟରଙ୍କ ତତ୍ତ୍ୱାବଧାନରେ ସିଲ୍ କଭରରେ ରଖି ହାଇକୋର୍ଟଙ୍କ ରେଜିଷ୍ଟ୍ରାର (ନ୍ୟାୟିକ)ଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ମାମଲାର ଶୁଣାଣି କରି ଏହି ଆଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩କୁ ଧାର୍ଯ୍ୟ କରିଛନ୍ତି। ଶୁଣାଣି ବେଳେ ଆବେଦନକାରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ପକ୍ଷରୁ ଦସ୍ତାବେଜ ତାଲିକା ଓ ସାକ୍ଷୀମାନଙ୍କ ତାଲିକା ଦାଖଲ କରାଯାଇଥିଲା। ଅନ୍ୟପକ୍ଷରେ ପ୍ରତିପକ୍ଷ ବାବୁ ସିଂଙ୍କ ପକ୍ଷରୁ ସମୟ ମଗାଯାଇଥିବାରୁ ଅଦାଲତ ପରବର୍ତ୍ତୀ ତାରିଖ ସୁଦ୍ଧା ନିଜର ନଥିପତ୍ର ଓ ସାକ୍ଷୀ ତାଲିକା ଦାଖଲ କରିବାକୁ ସମୟ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବିଧାୟକ ବାବୁ ସିଂଙ୍କ ନିର୍ବାଚନୀ ବିଜୟକୁ ଚାଲେଞ୍ଜ କରି ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ପିଟିସନ ଦାୟର କରିଛନ୍ତି। ବାବୁ ସିଂ ନିଜର ନାମାଙ୍କନପତ୍ର ଦାଖଲ ସମୟରେ ସମ୍ପତ୍ତି ସମ୍ବନ୍ଧୀୟ ତଥ୍ୟ ଠିକ ଦେଇ ନ ଥିବା ପିଟିସନରେ ଅଭିଯୋଗ କରାଯାଇଛି।

# ପଦନ ପୁରରେ ବୋମାମାଡ ଘଟଣା, ଜଣେ ଗିରଫ

ଜଟଣୀ, (ସବ୍ୟୁ) : ଗତ ଶୁକ୍ରବାର ରାତିରେ ପଦନପୁର ଠାରେ ଜାତିଆଣ ଆକ୍ଷେପ କୁ ନେଇ ଘଟିଯାଇଥିବା ବୋମାମାଡ ଘଟଣାରେ ପୁଲିସ ତଳ ଭୋଇ ସାହିର ଅଭିଯୋଗକାରୀ ମହେଶ୍ୱର ନାୟକଙ୍କ ଲିଖିତ ରିପୋର୍ଟ ଆଧାରରେ ଜଟଣୀ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ସେହି ଘଟଣାରେ ଅଭିଯୁକ୍ତ ପ୍ରଭାତ କୁମାର ମହାନ୍ତି (୫୮)ଙ୍କୁ ସୋମବାର ଗିରଫ କରାଯାଇ ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଛି।ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି। ଉକ୍ତ ଦିନ ରାତି ପ୍ରାୟ ୧୧.୦୦ଟା ସମୟରେ ଆଶିଷ ନାୟକ, କୃଷ୍ଣ ନାୟକ ଓ ଅନ୍ୟମାନେ ପଦନପୁରରେ ଆୟୋଜିତ ଏକ ଗ୍ରାମ ମେଳଣ କାର୍ଯ୍ୟକ୍ରମ ଦେଖିବାକୁ ଯାଉଥିବା ସମୟରେ କିଛି ବ୍ୟକ୍ତି ପଦନପୁର ସ୍କୁଲ ନିକଟରେ ସେମାନଙ୍କୁ ଅଟକାଇ ବିସ୍ଫୋରକ ଫିଙ୍ଗିଥିଲେ।

## କ୍ୟାନ୍ସର ପୀଡ଼ିତାଙ୍କୁ ମିଳିଲା ନୂଆ ଆତ୍ମବିଶ୍ୱାସ

# ମହିଳା ଦିବସରେ ବିନା ମୂଲ୍ୟରେ ପ୍ରୋସଥେଟିକ୍ସ ବଣ୍ଟନ

ଭୁବନେଶ୍ୱର, (ସବ୍ୟୁ): କ୍ୟାନ୍ସର ଚିକିତ୍ସାଧିନ ମହିଳାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ସମ୍ମାନ ଫେରାଇ ଆଣିବା ଲକ୍ଷ୍ୟରେ, ଆନ୍ତର୍ଜାତିକ ମହିଳା ଦିବସ ଅବସରରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ଓ ମାରୱାଡ଼ି ସୋସାଇଟିର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ମାରୱାଡ଼ି ସୋସାଇଟି କମ୍ୟୁନିଟି ହଲ୍‌ଠାରେ ଏକ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଗଣେଶ ବନ୍ଦନା ସହ ଆରମ୍ଭ ହୋଇଥିବା ବେଳେ ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ସଂସ୍ଥାର ଆଭିମୁଖ୍ୟ ଓ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମୋଟ ୧୫ ଜଣ କ୍ୟାନ୍ସର ପୀଡ଼ିତାଙ୍କୁ ବିନା ମୂଲ୍ୟରେ ଉନ୍ନତମାନର କୃତ୍ରିମ ସ୍ତନ ଏବଂ କେଶ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁମ୍ବାଇର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଶ୍ରୀ ଆଗ୍ରେଲୋ ରାଜେଶ ଅତିଥି ଭାବେ ଯୋଗ ଦେଇଥିଲେ। ସେ ଫାଉଣ୍ଡେସନ ସହ ତାଙ୍କର ଦୀର୍ଘ ଦିନର ସମ୍ପର୍କ ଓ ଅନୁଭୂତି ବାଣ୍ଟିବା ସହ ଏହି ମହତ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ମାରୱାଡ଼ି ସୋସାଇଟିର କୋଷାଧ୍ୟକ୍ଷ ସୁରେନ୍ଦ୍ର ଅଗ୍ରୱାଲ ଅନୁଷ୍ଠାନର କାର୍ଯ୍ୟଧାରାକୁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏହିପରି ମିଳିତ ଭାବେ କାର୍ଯ୍ୟ ଜାରି ରଖିବେ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର କର୍ମକର୍ତ୍ତା, ମାରୱାଡ଼ି ସୋସାଇଟିର ଯୁଗ୍ମ ସମ୍ପାଦକ ବିମଲ ଭୂତ, ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ଇଣ୍ଡାସ ଫାଉଣ୍ଡେସନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୀଡ଼ିତା ଓ ସେମାନଙ୍କ ପରିବାର ବର୍ଗ ଫାଉଣ୍ଡେସନର ଏହି ସେବାକୁ ଉଚ୍ଚ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଥିଲେ। ରୋଗୀମାନଙ୍କୁ ସାମାଜିକ ସ୍ତରରେ ପୁନଃପ୍ରତିଷ୍ଠିତ କରିବା ଏବଂ ସେମାନଙ୍କ ଜୀବନରେ ନୂତନ ଆଶା ସଞ୍ଚାର କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ନିର୍ଭୟା ସମାରୋହ-୨୦୨୬

# ମହିଳାଙ୍କ ସୁରକ୍ଷା ପାଇଁ ନିର୍ଭୟା ବାହିନୀ ଗଠିତ




ଭୁବନେଶ୍ୱର, (ସବ୍ୟୁ): ଅନ୍ତର୍ଜାତୀୟ ମହିଳା ଦିବସରେ "ୱାଇଏସଏମ୍ ଉଇମେନ' ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ନିର୍ଭୟା ଶୋଭାଯାତ୍ରା, ନିର୍ଭୟା ବାହିନୀ ଗଠନ ଓ ସଭା ଅନୁଷ୍ଠାନର ମୁଖ୍ୟ ଶ୍ରୀମତୀ ମାନସୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମହିଳାଙ୍କୁ ସୁରକ୍ଷା ଦେବାକୁ ଏକ ଶୋଭାଯାତ୍ରା ମାଷ୍ଟର କ୍ୟାଣ୍ଟିନ ଛକରୁ ବାହାରି ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଏହାପରେ ନିବେଦିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ମହିଳା ଓ ବାଳିକାମାନଙ୍କୁ ସୁରକ୍ଷା ତଥା ନ୍ୟାୟ ପ୍ରଦାନ ପାଇଁ ଏକ ନିର୍ଭୟା ବାହିନୀ ଗଠନ କରା ଯାଇଥିଲା । ଜାତିସଂଘର ଅଫିସର ବୈଶାଳୀ ମହାନ୍ତି ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କ ମନ ଜିଣିଥିଲେ। ଏହା ପରେ ଅନୁଷ୍ଠାନ ପକ୍ଷରୁ ସଭା ଶ୍ରୀମତୀ ମାନସୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କଳିଙ୍ଗ ହସ୍‌ପିଟାଲର ମୁଖ୍ୟ ଡାକ୍ତର ସୀତାକାନ୍ତ ଦାଶ, ସମ୍ମାନନୀୟ ଅତିଥି ଭାବେ ଭୁବନେଶ୍ୱର ବ୍ରହ୍ମକୁମାରୀ ଈଶ୍ୱରୀୟ ବିଦ୍ୟାଳୟର ମୁଖ୍ୟ ବି.କେ. ଦୁର୍ଗେଶ ନନ୍ଦିନୀ, ବିଶିଷ୍ଟ ଲେଖିକା ଡଃ ଶକୁନ୍ତଳା ବଳିଆର ସିଂ ଓ "ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଯୋଗ ଦେଇଥିଲେ। ପ୍ରଫେସର ଡଃ ସୋମା ଚାନ୍ଦ ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ସମ୍ ହସ୍‌ପିଟାଲର ଡାକ୍ତରୀ ଛାତ୍ରୀ ଓ କଳିଙ୍ଗ ହସ୍‌ପିଟାଲର ଡାକ୍ତରମାନେ ଯୋଗ ଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଚିତ୍ତରଞ୍ଜନ ସାହାଣୀ ସଭା ପରିଚାଳନା କରିଥିଲେ। ଅନେକ ମହିଳା, ଯୁବତୀ ଓ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ଏସ୍‌ବିଆଇ କଟକ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, କଟକ ତରଫରୁ ସ୍ଥାନୀୟ ଏକ ହୋଟେଲରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ ଡଃ. ବନ୍ଦନା ଅଗ୍ରୱାଲ ମୁଖ୍ୟ ଅତିଥି ଏବଂ ଡିଜିଏମ୍ ପ୍ରଶାନ୍ତ କୁମାର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ



କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ମହିଳାମାନେ ଭାଗ ନେଇଥିଲେ ଏବଂ ମହିଳାମାନେ ସ୍ୱାବଲମ୍ବୀ ଏବଂ ସଶକ୍ତ ହେବା ପାଇଁ ଏସ୍‌ବିଆଇ ଦ୍ୱାରା ଯୋଗାଯାଉଥିବା ବିଭିନ୍ନ ସେବା ବିଷୟରେ ଆଲୋକପାତ କରାଯାଇଥିଲା। ଏସ୍‌ସିବି ମେଡ଼ିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷା ଡ. ଲୁସି ଦାସ ଏବଂ ବିଶିଷ୍ଟ ସମାଜସେବୀ କବିତା ମହାପାତ୍ର ସେମାନଙ୍କର ଦୀର୍ଘ ଦିନର ଅନୁଭୂତି ବାଣ୍ଟିଥିବା ସହ ମହିଳାମାନଙ୍କର ଉନ୍ନତିକରଣ ବିଷୟରେ ବର୍ଣ୍ଣନା କରିଥିଲେ। ଏସ୍‌ବିଆଇ କଟକର ଆଞ୍ଚଳିକ ପରିଚାଳକ ଚୌଧୁରୀ ଅଶ୍ୱୀନ ଅନୁପମ ପ୍ରହରାଜ ମୁଖ୍ୟ ବକ୍ତା ଭାବେ ବ୍ୟାଙ୍କର ବିଭିନ୍ନ ମହିଳା ଉପଯୋଗୀ ଋଣ ଯୋଜନା ସମ୍ବନ୍ଧରେରେ ଆଲୋଚନା କରିଥିଲେ। ଉପସ୍ଥିତ ଥିବା ଅନେକ ମହିଳା ଉଦ୍ୟୋଗୀ ଭାରତୀୟ ଷ୍ଟେଟବ୍ୟାଙ୍କ ଦ୍ୱାରା ପାଇଥିବା ବିଭିନ୍ନ ସୁବିଧା ସୁଯୋଗର ପ୍ରଶଂସା କରିଥିଲେ।

# 'ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା' ସମ୍ପର୍କୀତ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଶାଖାରେ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଆଇସିଏଆଇ




ଭବନରେ 'ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପ୍ରସିଦ୍ଧ ସଙ୍ଗୀତ ଶିଳ୍ପୀ ଗୀତା ଦାଶ, ଡିଏନ୍ ହୋମ୍ସ ପ୍ରାଇଭେଟ୍ ଲିମଟେଡ୍‌ର ଡାଇରେକ୍ଟର ରତ୍ନମାଳା ସ୍ୱାଇଁ, ଭାରତୀୟ ଅଭିନେତ୍ରୀ ଓ ରାଜନେତ୍ରୀ ଅନୁ ଚୌଧୁରୀ ଏବଂ ଉତ୍କଳ ହସ୍ପିଟାଲର ସିନିୟର ଗାଇନେକୋଲୋଜିଷ୍ଟ ଓ ଇନଫର୍ଟିଲିଟି ସ୍ପେଶିଆଲିଷ୍ଟ ଡା.ଅଭିସ୍ମା ମିଶ୍ର ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସିଏ ଗୌତମ ଲେଙ୍କା, ଉପାଧ୍ୟକ୍ଷ ସିଏ ପୃଥ୍ୱୀ ରଞ୍ଜନ ପାଢ଼ୀ ଓ ଛାତ୍ର ସଙ୍ଗଠନର ଅଧ୍ୟକ୍ଷ, ସଚିବ ଏବଂ କୋଷାଧ୍ୟକ୍ଷ ସିଏ ସୌମ୍ୟ ସୁନୀଲ ସାହୁ ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ମହିଳା ସଦସ୍ୟମାନେ 'She Rose with Courage, She Stands with Integrity'ଶୀର୍ଷକ ବିଷୟ ଉପରେ ନିଜ ଚାର୍ଟାଡ୍ ଆକାଉଣ୍ଟାଣ୍ଟ ଜୀବନଯାତ୍ରାର ଅନୁଭବ ଓ ସଫଳତାକୁ ଆଧାର କରି ସଂକ୍ଷିପ୍ତ ଲେଖା ପ୍ରଦାନ କରିଥିଲେ। ଚୟନିତ ଲେଖାଗୁଡ଼ିକ କାର୍ଯ୍ୟକ୍ରମ ସମୟରେ ପ୍ରସ୍ତୁତ କରାଯାଇଥିଲା ଏବଂ ସେହି ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଅତିଥିମାନଙ୍କ ଦ୍ୱାରା ଏକ ଚିତ୍ରକଳା ପ୍ରଦର୍ଶନୀର ଉଦ୍‌ଘାଟନ କରାଯାଇଥିଲା ଯାହା ୧୨ ମାର୍ଚ୍ଚ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଆନ୍ତର୍ଜାତୀୟ ମହିଳା ଦିବସ ମହିଳାମାନଙ୍କର ରାଜନୀତି, ପ୍ରଶାସନ, ଅର୍ଥନୀତି, ସାମାଜିକ କଲ୍ୟାଣ, ବିଜ୍ଞାନ, ଶିକ୍ଷ ଅଭିବୃଦ୍ଧି ଓ ପ୍ରତିରକ୍ଷା ସେବା ସହିତ ବିଭିନ୍ନ କ୍ଷେତ୍ରରେ ଅର୍ଜିତ ସଫଳତାକୁ ପାଳନ କରିବାର ଏକ ସୁଯୋଗ ଦେଇଥାଏ। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବୃତ୍ତିରେ ମଧ୍ୟ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ନିଜ ଦକ୍ଷତା ଓ ସଫଳତା ପ୍ରତିପାଦିତ କରିପାରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ସଦସ୍ୟ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# କୋଲକାତାରେ ଓଡ଼ିଆ ପାଣିକଳ ମିସ୍ତ୍ରିଙ୍କ ସଂଘର୍ଷମୟ ଜୀବନ

ଭୁବନେଶ୍ୱର (ସବ୍ୟୁ): ପଶ୍ଚିମବଙ୍ଗର ବିଭିନ୍ନ ସହର, ବିଶେଷକରି ରାଜଧାନୀ କଲକାତାରେ ଜଳ ସରବରାହ ବ୍ୟାବସ୍ଥା ଓ ନିର୍ମାଣ କ୍ଷେତ୍ରରେ ଓଡ଼ିଆ ପାଣିକଳ ମିସ୍ତ୍ରିମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବର୍ଷାନୁବର୍ଷ ଧରି ସେମାନେ ନିଜ ଦକ୍ଷତା, ପରିଶ୍ରମ ଓ ଅନୁଭବ ଦ୍ୱାରା ଏହି ସହରର ଅନେକ ପରିବାରକୁ ନିର୍ଭରତାର ସେବା ଯୋଗାଇ ଆସୁଛନ୍ତି କିନ୍ତୁ ପ୍ରଶ୍ନ ହେଉଛି ସେମାନଙ୍କୁ କି ମିଳୁଛି ଯଥାର୍ଥ ସମ୍ମାନ, ସୁରକ୍ଷା ଓ ନ୍ୟାୟସଙ୍ଗତ ପାରିଶ୍ରମିକ? ଭବାନୀପୁର ଚକ୍ରବେଡ଼ିଆର ସକାଳ ଚିତ୍ର ଦେଖିଲେ ଯେ କୌଣସି ଲୋକ ଭାବପ୍ରବଣ ହୋଇ ପଡ଼ିବ। ବୋଉବଜାର,ଭବାନୀପୁର ଓ ଚକ୍ରବେଡ଼ିଆ ଅଞ୍ଚଳରେ ପ୍ରତିଦିନ ସକାଳ ଛଅଟାରୁ ଦେଖିବାକୁ ମିଳେ ଏକ ଅଲଗା ଚିତ୍ର। ହାତରେ ପାଇପ ରେଞ୍ଚି, ପ୍ଲାସ, ପାଇପ କଟର୍ ଓ ଅନ୍ୟାନ୍ୟ ଯନ୍ତ୍ରପାତି ଭରା ବ୍ୟାଗ; ପାଖରେ ଏକ ପୁରୁଣା ସାଇକେଲ ଏହିଭଳି ଅବସ୍ଥାରେ ଘଣ୍ଟା ଘଣ୍ଟା ଧରି ମିସ୍ତ୍ରି କାମ ପାଇଁ ଅପେକ୍ଷା କରିଥାନ୍ତି। କେହି ଫୋନ୍ ଆସିବାର ଅପେକ୍ଷାରେ, କେହି ପୁରୁଣା ଗ୍ରାହକଙ୍କ ଡାକରେ। ବର୍ଷ ପରମ୍ପରାରେ ସେମାନଙ୍କ ଫୋନ୍ ନମ୍ବର କଲକାତାର ଘରେ ଘରେ ପହଞ୍ଚିଛି। ପାଣି ନଳ ଭାଙ୍ଗିଗଲେ, ଟ୍ୟାଙ୍କ ଲିକ୍ ହେଲେ, ବାଥରୁମ ଲାଇନ୍ ବନ୍ଦ ହେଲେ ଓଡ଼ିଆ ମିସ୍ତ୍ରିଙ୍କୁ ଡାକିବା ହେଉଛି ପ୍ରଥମ ପସନ୍ଦ। ନୂତନ ଅଟାଳିକା, ବହୁତଳ ପ୍ରାସାଦ, ଆଧୁନିକ ଆପାର୍ଟମେଣ୍ଟ ସବୁଠି




ସେମାନଙ୍କ ଦକ୍ଷତାର ଛାପ ରହିଛି। ପ୍ରକୃତରେ ଏହି କାରିଗରମାନଙ୍କ ଅର୍ଥନୈତିକ ଅବସ୍ଥା ଦୟନୀୟ। ଦିନକୁ ୮ ରୁ ୧୨ ଘଣ୍ଟା କଠିନ ପରିଶ୍ରମ ପରେ ମଧ୍ୟ ଆୟ ୬୦୦ ରୁ ୮୦୦ ଟଙ୍କାରେ ସୀମିତ। ସବୁ ଦିନ କାମ ମିଳେ ନାହିଁ। କାମ ନ ମିଳିଲେ ଆୟ ଶୂନ୍ୟ। ଠିକାଦାର ମାଧ୍ୟମରେ କାମ କଲେ ମଜୁରିର ଏକ ଅଂଶ କଟିଯାଏ। ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଯଦି ଏହି ଶ୍ରମିକମାନେ ନ୍ୟାୟସଙ୍ଗତ ପାରିଶ୍ରମିକ ଓ ସାମାଜିକ ସୁରକ୍ଷାରୁ ବଞ୍ଚିତ। ସୁରକ୍ଷା ବିହୀନ ଜୀବନ ମରଣ କାମ କରିବା ବେଳେ ବହୁ କ୍ଷେତ୍ରରେ ମିସ୍ତ୍ରିମାନେ ହେଲମେଟ୍, ସେଫ୍ଟି ବେଲ୍ଟ, ହାତମୋଜା ବିନା ଉଚ୍ଚ ଭବନରେ କାମ କରୁଛନ୍ତି। ଅନେକ ଦୁର୍ଘଟଣା ଘଟିଥିବା ସତ୍ତ୍ୱେ ସୁରକ୍ଷା ନିୟମ ପାଳନ ହେଉନାହିଁ। ଦୁର୍ଘଟଣା ପରେ ଅନେକ ସମୟରେ ଠିକାଦାର ଓ ପରିବାର ମଧ୍ୟରେ ଅନୌପଚାରିକ ବୁଝାମଣା ହୋଇ ଘଟଣାକୁ ଚାପି ଦିଆଯାଏ। ଫଳରେ ଆଇନ୍ ସହାୟତା ଓ ଯଥୋଚିତ କ୍ଷତିପୂରଣରୁ ବଞ୍ଚିତ ହେବାକୁ ପଡେ।

ଏହି ଅସୁରକ୍ଷିତ ପରିବେଶରେ କାମ କରିବା ସତ୍ତ୍ୱେ ସେମାନେ ନିଜ ବୃତ୍ତିର ପରମ୍ପରାକୁ ଜୀବନ୍ତ ରଖିଛନ୍ତି।

ନିର୍ବାଚନ ଆସିଲେ ବିଭିନ୍ନ ଦଳର ନେତାମାନେ ଏହି ଓଡ଼ିଆ ଶ୍ରମିକମାନଙ୍କୁ ସାକ୍ଷାତ କରି ପ୍ରଶିକ୍ଷଣ, ବୀମା, ଭତ୍ତା ଓ ପରିଚୟପତ୍ର ଦେବାର ପ୍ରତିଶ୍ରୁତି ଦିଅନ୍ତି। କିନ୍ତୁ ଭୋଟ ଶେଷ ହେଲେ ସେସବୁ ଆଶ୍ୱାସନ ଅଧୂରା ରହିଯାଏ। ମାନସିକ ଚାପ, ଅନିଶ୍ଚିତ ଭବିଷ୍ୟତ ଓ ଆର୍ଥିକ ସଂକଟରେ ବହୁ ଶ୍ରମିକ ଦିନ କାଟୁଛନ୍ତି। କେତେକ ଲୋକ ଅସୁସ୍ଥ ହେଲେ କାମ ବନ୍ଦ ଅର୍ଥ ଶୂନ୍ୟ। ପାଣିକଳ ମିସ୍ତ୍ରୀ କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଅଧିବାସୀ। ପରିବାର ଛାଡ଼ି ରାଜ୍ୟବାହାରେ ରହି ଦିନ ରାତି ପରିଶ୍ରମ କରୁଛନ୍ତି ।ରୋଜଗାର ଯାହା ସେଥିରେ ଅନେକେ ଭଡା ଘର ନେଇ ରହିବା ସମ୍ଭବ ନୁହେଁ ।ତେଣୁ ବଙ୍ଗୀୟ ପରିବାରର ବିଶ୍ୱସ୍ତ ହୋଇ ସେମାନଙ୍କ ଶିଢ଼ୀ ତଳେ ଅନେକ ଆଶ୍ରୟ ନିଅନ୍ତି ।ବିନିମୟରେ ସେହି ପରିବାରର ଘରୋଇ କାମ କିଛି କରିଥାନ୍ତି ।ବର୍ତ୍ତମାନ ପରିସ୍ଥିତିରେ ସରକାରୀ ଭାବେ ନିବନ୍ଧନ କରିବା ସହ ପରିଚୟପତ୍ର ପ୍ରଦାନ, ନ୍ୟୁନତମ ମଜୁରି ନିର୍ଦ୍ଧାରଣ, ଦୁର୍ଘଟଣା ବୀମା ଓ ସ୍ୱାସ୍ଥ୍ୟ ସୁବିଧା ସୁରକ୍ଷା ପ୍ରଶିକ୍ଷଣ ଓ ସାମଗ୍ରୀ ଯୋଗାଣ ବ୍ୟବସ୍ଥା ପାଇଁ ସେମାନଙ୍କ ପକ୍ଷରୁ ଦାବି ହେଉଛି। ଶ୍ରମିକ ଅଧିକାର କର୍ମୀମାନଙ୍କ ମତ ଓଡ଼ିଆ ପାଣିକଳ ମିସ୍ତ୍ରିଙ୍କ ଅସ୍ମିତା ଓ ଅଧିକାର ସୁରକ୍ଷା ପାଇଁ ଦୁଇ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱିତ ପଦକ୍ଷେପ ଆବଶ୍ୟକ। ସେମାନଙ୍କ ଦକ୍ଷତାକୁ ସରକାରୀ ପ୍ରମାଣିକରଣ କରାଗଲେ ଏହି ବୃତ୍ତି ଆହୁରି ସୁରକ୍ଷିତ ଓ ସମ୍ମାନୀୟ ହୋଇପାରିବ। ସହର ଗଢ଼ିବାରେ ଯେଉଁମାନେ ଦିନ ରାତି ଝାଳ ଝରାନ୍ତି, ସେମାନଙ୍କ ଜୀବନ ଯଦି ଅନିଶ୍ଚିତତାରେ ଆବୃତ ରହେ, ତେବେ ଏହା କେବଳ ଏକ ଶ୍ରମିକ ସମସ୍ୟା ନୁହେଁ ଏହା ଏକ ସାମାଜିକ ଓ ନୀତିଗତ ପ୍ରଶ୍ନ। ଏବେ ସମୟ ଆସିଛି ଓଡ଼ିଆ ପାଣିକଳ ମିସ୍ତ୍ରିଙ୍କ ଝାଳର ମୂଲ୍ୟକୁ ସ୍ୱୀକାର କରି ସେମାନଙ୍କୁ ସୁରକ୍ଷିତ, ସମ୍ମାନୀୟ ଓ ନ୍ୟାୟସଙ୍ଗତ ଜୀବନ ବଞ୍ଚିବାର ସୁଯୋଗ ସୃଷ୍ଟି କରିବା ଉଚିତ।

## ମଧ୍ୟପ୍ରାଚ୍ୟ ଯୁଦ୍ଧ

# ରାଜ୍ୟସଭାରେ ବୟାନ ରଖିଲେ ଜୟଶଙ୍କର

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଘମାଘୋଟ ଯୁଦ୍ଧ ଚାଲିଥିବା ବେଳେ ଗ୍ୟାସ ଠାରୁ ଆରମ୍ଭ କରି ଖାଇବା ତେଲର ଦାମ ବଢ଼ିବାରେ ଲାଗିଛି। ବିଶ୍ୱ ବଜାରରେ ଅଶୋଧିତ ତୈଳର ଦର ବଢୁଥିବାରୁ ଆଗକୁ ମହଙ୍ଗା ମାଡ଼ର ସ୍ଥିତି ସୃଷ୍ଟି ହୋଇପାରେ। ଏହାକୁ ନେଇ ଭାରତୀୟ ଉପଭୋକ୍ତାମାନେ ଚିନ୍ତାରେ ଥିବା ବେଳେ ଇରାନ ଯୁଦ୍ଧକୁ ନେଇ ରାଜ୍ୟସଭାରେ ବଡ଼ ବୟାନ ଦେଇଛନ୍ତି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର।ଭାରତୀୟ ଉପଭୋକ୍ତାଙ୍କ ସ୍ୱାର୍ଥ ସବୁବେଳେ ଭାରତ ସରକାରଙ୍କ ପାଇଁ ସର୍ବୋପରି ହୋଇ ରହିବ। ମଧ୍ୟପ୍ରାଚ୍ୟରେ ଚାଲିଥିବା ବିବାଦ ଯୋଗୁ ଯୋଗଣା ପ୍ରକ୍ରିୟାରେ ସାଂଘାତିକ ବିଭ୍ରାଟ ସୃଷ୍ଟି ହୋଇପାରେ ବୋଲି ମଧ୍ୟ ସେ ଆଶଙ୍କା କରିଛନ୍ତି।ବିରୋଧୀ ସାଂସଦଙ୍କ ନାରାବାଜୀ ମଧ୍ୟରେ ରାଜ୍ୟସଭାରେ ଜୟଶଙ୍କର କହିଛନ୍ତି ଯେ ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ବିବାଦ ତୀବ୍ର ହୋଇଛି। ଏଥିଯୋଗୁ ଶକ୍ତି ଯୋଗାଣ, ଶିପିଂ ମାର୍ଗ ଓ ବିଶ୍ୱ ଶିଳ୍ପ ପରିବହନକୁ ନେଇ ଚିନ୍ତା ପ୍ରକାଶ ପାଇଛି। ତଥାପି ସରକାର ପୂରା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଭାରତର ଅର୍ଥନୀତି ଓ ଯୋଗାଣ ଚେନ ଉପରେ ଏହାର ପ୍ରଭାବ ପଡ଼ିବାରେ ବୋଲି ମଧ୍ୟ ଜୟଶଙ୍କର ଆଶଙ୍କା କରିଛନ୍ତି। ସେ କହିଛନ୍ତି, "ଆମ ସରକାର ଫେବୃଆରୀ ୨୦ରେ ଗୋଟିଏ ବିବୃତିରେ ସ୍ଥିତିକୁ ନେଇ ଗଭୀର ଚିନ୍ତା ପ୍ରକଟ



କରିଥିଲେ ଓ ସମସ୍ତ ପକ୍ଷଙ୍କୁ ସଂଯମତା ରକ୍ଷା କରିବାକୁ କହିଥିଲେ। ଆମେ ଏବେ ବି ବିବାଦର ସମାଧାନ କେବଳ ଆଲୋଚନା ଓ କୂଟନୀତିକ ସ୍ତରରେ ସମ୍ଭବ ବୋଲି ପରାମର୍ଶ ଦେଉଛୁ। ଭାରତର ଅର୍ଥନୀତି ଓ ବିଶ୍ୱ ଶକ୍ତି ବଜାର ପାଇଁ ପଶ୍ଚିମ ଏସିଆରେ ସ୍ଥିରତା ବେଶ ଗୁରୁତ୍ୱପୂର୍ଣ୍ଣ। ପଶ୍ଚିମ ଏସିଆ ନିଶ୍ଚିତ ଭାବେ ସ୍ଥିର ଓ ଶାନ୍ତି ରହିବା ଉଚିତ।" ଜୟଶଙ୍କର କହିଛନ୍ତି ଯେ ଶକ୍ତି ସୁରକ୍ଷା ଓ ଭାରତୀୟ ଗ୍ରାହକଙ୍କ କଲ୍ୟାଣ ସମେତ ଭାରତର ଜାତୀୟ ସ୍ୱାର୍ଥ ସବୁବେଳେ ସରକାରଙ୍କ ପ୍ରାଥମିକତା ରହି ଆସିଛି। ମଧ୍ୟପ୍ରାଚ୍ୟରେ କାମ କରୁଥିବା ଓ ସେଠାରେ ରହୁଥିବା ଭାରତୀୟଙ୍କ ସୁରକ୍ଷାକୁ ସରକାର ଧ୍ୟାନ ଦେଉଥିବା ସେ ସୂଚନା ଦେଇଛନ୍ତି। ଏଥିସହ ମଧ୍ୟପ୍ରାଚ୍ୟରେ ଯୁଦ୍ଧ କାରଣରୁ ଫସି ରହିଥିବା ପ୍ରାୟ ୬୭ ହଜାର ଲୋକ ଭାରତ ଫେରିଥିବା ମଧ୍ୟ ସେ ରାଜ୍ୟସଭାକୁ ଅବଗତ କରାଇଛନ୍ତି।ତେବେ ଇରାନ ଯୁଦ୍ଧ ଉପରେ ବିସ୍ତୃତ ଆଲୋଚନା ପାଇଁ ବିରୋଧୀ ଦାବି କରୁଥିଲେ ହେଁ ଏଥିପାଇଁ ରାଜ୍ୟସଭା ଅଧ୍ୟକ୍ଷ ଅନୁମତି ଦେଇ ନାହାନ୍ତି। ଏହାକୁ ନେଇ ବିରୋଧୀ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଜୟଶଙ୍କର ବୟାନ ବେଳେ ନାରାବାଜୀ କରୁଥିବା ଦେଖିବାକୁ ମିଳିଛି।

# ଯୁଦ୍ଧର ଫାଇଦା ନେଉଛି ଆମେରିକା

## ଯୁଦ୍ଧଗ୍ରସ୍ତ ଦେଶକୁ ଅସ୍ତ୍ରଶସ୍ତ୍ର ବିକିବା ମୁଖ୍ୟ ଲକ୍ଷ୍ୟ

ୱାଶିଂଟନ : ଯେତେବେଳେ ସମଗ୍ର ବିଶ୍ୱ ମଧ୍ୟପ୍ରାଚ୍ୟ ଏବଂ ୟୁରୋପରେ ଯୁଦ୍ଧ ଯୋଗୁଁ ଅସ୍ତବ୍ୟସ୍ତ ହେଉଛି। ସେତେବେଳେ ଆମେରିକା ଏହି ବିପର୍ଯ୍ୟୟକୁ ଏକ ସୁଯୋଗରେ ପରିଣତ କରୁଛି। ବିଲେଇ କପାଳକୁ ଶିକା ଛିଣ୍ଡିଲା ପରି ଗତ ଚାରି ବର୍ଷ ମଧ୍ୟରେ, ଆମେରିକା ଯୁଦ୍ଧଗ୍ରସ୍ତ ଦେଶଗୁଡ଼ିକୁ ଅନେକ ଅସ୍ତ୍ରଶସ୍ତ୍ର ବିକ୍ରି କରିଛି। ଏହା ଯୋଗୁ ଅସ୍ତ୍ରଶସ୍ତ୍ର ବଜାରରେ ଆମେରିକାର ପ୍ରାଧାନ୍ୟ ଆହୁରି ବୃଦ୍ଧି ପାଇଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲର ଏକ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ବିଶ୍ୱ ସ୍ତରରେ ବିକ୍ରି ହେଉଥିବା ପ୍ରତି ୧୦୦ ଅସ୍ତ୍ରଶସ୍ତ୍ର ମଧ୍ୟରୁ ୪୨ଟି ଆମେରିକୀୟ । ଷ୍ଟକହୋମ ଇଣ୍ଟରନ୍ୟାସନାଲର ରିପୋର୍ଟ ଅନୁଯାୟୀ , ୨୦୨୧ ରୁ ୨୦୨୫ ମଧ୍ୟରେ ସାରା ବିଶ୍ୱରେ ହୋଇଥିବା ସମସ୍ତ ଅସ୍ତ୍ରଶସ୍ତ୍ର ବିକ୍ରୟର ୪୨ ପ୍ରତିଶତ ଆମେରିକାର ଥିଲା।



୨୦୧୬-୨୦ ମଧ୍ୟରେ ଏହି ପରିମାଣ ୩୬ ପ୍ରତିଶତ ଥିଲା। ଏହି ସମୟ ମଧ୍ୟରେ ଅସ୍ତ୍ରଶସ୍ତ୍ର ବିକ୍ରୟରେ ରୁଷ ସର୍ବାଧିକ କ୍ଷତି ସହିଛି। ବର୍ତ୍ତମାନ ବିଶ୍ୱରେ ଅସ୍ତ୍ରଶସ୍ତ୍ର ବିକ୍ରୟର ୬.୮ ପ୍ରତିଶତ ହେଉଛି ରୁଷିଆର। ଆମେରିକା ପରେ ଫ୍ରାନ୍ସ ଭାରତକୁ ଦ୍ୱିତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ହୋଇଛି। ୨୦୨୧-୨୫ ମଧ୍ୟରେ ଆମେରିକା ସାଉଦି ଆରବକୁ ସର୍ବାଧିକ ଅସ୍ତ୍ରଶସ୍ତ୍ର ବିକ୍ରି କରିଛି। ଗତ ବର୍ଷ, ସାଉଦି ଆରବ ଆମେରିକାଠାରୁ ୪୮ଟି ଏଫ୍-୩୫ ପାଇଥିଲା। ଏହା ସହିତ ଏକ ଥାଡ୍ ସିଷ୍ଟମ ମଧ୍ୟ ପାଇଥିଲା। ଗତ ଚାରି ବର୍ଷ ମଧ୍ୟରେ କେବଳ ସାଉଦି ଆରବ ଆମେରିକାଠାରୁ ୧୨ ପ୍ରତିଶତ ଅସ୍ତ୍ରଶସ୍ତ୍ର କିଣିଛି। ରୁଷ ସହିତ ଯୁଦ୍ଧ କରୁଥିବା ୟୁକ୍ରେନ ହେଉଛି ଆମେରିକାର ଦ୍ୱିତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର କ୍ରେତା। ଗତ ଚାରି ବର୍ଷ ମଧ୍ୟରେ, ଆମେରିକା ନିଜର ମୋଟ ଅସ୍ତ୍ରଶସ୍ତ୍ରର ୯ ପ୍ରତିଶତ ୟୁକ୍ରେନକୁ ବିକ୍ରି କରିଛି। ୟୁକ୍ରେନ ଆମେରିକାଠାରୁ କ୍ଷେପଣାସ୍ତ୍ର ଏବଂ ସଶସ୍ତ୍ର ଯାନ କିଣୁଛି। ୟୁକ୍ରେନ ୨୦୨୨ ମସିହାରୁ ରୁଷ ସହିତ ଯୁଦ୍ଧ କରୁଛି। ଜାପାନ ହେଉଛି ଆମେରିକାରୁ ତୃତୀୟ ସର୍ବବୃହତ ଅସ୍ତ୍ରଶସ୍ତ୍ର କ୍ରେତା। ଜାପାନ ଚୀନ୍ ମଧ୍ୟରେ ବିବାଦ ରହିଛି। ଗତ ଚାରି ବର୍ଷ ମଧ୍ୟରେ, ଆମେରିକା ଜାପାନକୁ ରାଡାର ସିଷ୍ଟମ ଏବଂ କ୍ଷେପଣାସ୍ତ୍ର ବିକ୍ରି କରିଛି। ଏହି ତିନୋଟି ଦେଶ ବ୍ୟତୀତ, ଆମେରିକା ୨୦୨୧-୨୦୨୫ ମଧ୍ୟରେ ୯୬ଟି ଦେଶକୁ ଅସ୍ତ୍ରଶସ୍ତ୍ର ବିକ୍ରି କରିଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲର ବରିଷ୍ଠ ଗବେଷକ ପିଟର ୱେଜମ୍ୟାନଙ୍କ ଅନୁଯାୟୀ, ଏକ ବର୍ଦ୍ଧିତ ବହୁଧ୍ରୁବୀୟ ବିଶ୍ୱରେ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ଭାବରେ ଆମେରିକା ନିଜର ପ୍ରାଧାନ୍ୟକୁ ଅଧିକ ମଜବୁତ କରିଛି। ଆମେରିକା ଅସ୍ତ୍ରଶସ୍ତ୍ର ବିକ୍ରୟକୁ ବୈଦେଶିକ ନୀତିର ଅଂଶ ତଥା ଅସ୍ତ୍ରଶସ୍ତ୍ର ଶିଳ୍ପକୁ ମଜବୁତ କରିବାର ଏକ ମାଧ୍ୟମ ଭାବେ ବିବେଚନା କରିଥାଏ।

# ନିବେଶକଙ୍କ ୮ ଲକ୍ଷ କୋଟି ଧୋଇଗଲା

ମୁମ୍ବାଇ : ପୁଞ୍ଜି ବଜାର ନିବେଶକମାନଙ୍କ ଉପରେ ଯୁଦ୍ଧର ବଡ଼ ପ୍ରଭାବ ପଡ଼ିଛି। ନିବେଶକମାନେ ଛାନିଆଁ ହୋଇ ସେୟାର ବିକ୍ରି କରିବାରେ ଲାଗିଛନ୍ତି। ଏଥିଯୋଗୁ ଆଜି ଉଭୟ ସେନ୍ସେକ୍ସ ଓ ନିଫ୍ଟି ଆଜି ପାଖାପାଖି ୨ ପ୍ରତିଶତ ତଳକୁ ଖସିଯାଇଛି। ସେନସେକ୍ସ ୧୩୫୨.୭୪ ପଏଣ୍ଟ (୧.୭୧ ପ୍ରତିଶତ) ହ୍ରାସ ପାଇଁ ୭୭,୫୬୬.୧୬ ପଏଣ୍ଟରେ ବନ୍ଦ ହୋଇଛି। ତେବେ ଦିନର କାରବାର ମଝିରେ ସେନ୍ସେକ୍ସ ଆଜି ୨୪୯୪.୩୫ ପଏଣ୍ଟ ବା ୩.୧୬ ପ୍ରତିଶତ ତଳକୁ ଖସିଯାଇଥିଲା। ପରେ ଏଥିରେ ସୁଧାର ଆସିଥିଲା।ସେହିଭଳି ନିଫ୍ଟି ଆଜି ଦିନର କାରବାର ମଧ୍ୟରେ ୭୫୨.୬୫ ପଏଣ୍ଟ ବା ୩.୦୭ ପ୍ରତିଶତ ତଳକୁ ଖସିଯାଇଥିଲା। କିନ୍ତୁ ପରେ ଏଥିରେ ସୁଧାର ଆସିବାରୁ ନିଫ୍ଟି ୨୪,୦୨୮.୦୫ ପଏଣ୍ଟରେ ବନ୍ଦ ହୋଇଛି, ଯାହାକି ଗତ ଶୁକ୍ରବାର ତୁଳନାରେ ୪୨୨.୪୦ ପଏଣ୍ଟ ବା ୧.୭୩ ପ୍ରତିଶତ କମ୍। ଆଜି ବମ୍ବେ ଷ୍ଟକ ଏକ୍ସଚେଞ୍ଜ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାରପୁଞ୍ଜି ଆଜି ୪,୪୯,୬୮,୨୬୦.୮୧ କୋଟି ଟଙ୍କାକୁ କମିଯାଇଛି। ଏଥିପାଇଁ ନିବେଶକମାନଙ୍କର ପ୍ରାୟ ୮ ଲକ୍ଷ ଟଙ୍କା ଧୋଇଯାଇଛି।ଯୁଦ୍ଧ ପ୍ରଭାବରେ ଅଶୋଧିତ ତେଲ ଦର ବୃଦ୍ଧି ପାଇଛି। ସେହିଭଳି ଟଙ୍କାର ବିନିମୟ ମୂଲ୍ୟ ମଧ୍ୟ ରେକର୍ଡ ସ୍ତରକୁ ହ୍ରାସ ପାଇଛି। ଏଥିସହିତ ଏସିଆର ଅନ୍ୟ ବଜାରରେ ଷ୍ଟକ୍ ମାର୍କେଟଗୁଡ଼ିକ ନିମ୍ନମୁଖୀ ହୋଇଛି। ଦକ୍ଷିଣ କୋରିଆର କୋସ୍ପି ୭ ପ୍ରତିଶତକୁ ଅଧିକ, ଜାପାନର ନିକେଇ ୬.୫ ପ୍ରତିଶତ, ଚୀନର ସାଂଘାଇ ଏସ୍ଏସ୍ଇ କମ୍ପୋଜିଟ୍ ଏବଂ ହଂକଂର ହ୍ୟାଙ୍ଗ୍ ସେଙ୍ଗ୍ ଆଦି ତଳକୁ ଖସିଛି। ବିଦେଶୀ ସଂସ୍ଥାଗତ ନିବେଶକମାନେ ମଧ୍ୟ ଭାରତୀୟ ପୁଞ୍ଜି ବଜାରରୁ ମୁହଁ ଫେରାଇବା ଅବ୍ୟାହତ ରଖିଛନ୍ତି।

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଘାତକ ସାଜିଛି ଧଳା ଫସଫରସ

ତେଲ ଆଭିମ୍ : ପଶ୍ଚିମ ଏସିଆରେ ଯୁଦ୍ଧ ତୀବ୍ରତ ହେଉଥିବା ବେଳେ ଗୋଟିଏ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଦକ୍ଷିଣ ଲେବାନନ୍ର ଆବାସିକ ଅଞ୍ଚଳରେ ଆକ୍ରମଣ ପାଇଁ ଇସ୍ରାଏଲ ପକ୍ଷରୁ ମାରାତ୍ମକ ଦହନଶୀଳ ଅସ୍ତ୍ରର ବ୍ୟବହାର କରାଯାଇଛି। ମାର୍ଚ୍ଚ ୩ ତାରିଖରେ ଦକ୍ଷିଣ ଲେବାନନ୍ର ୟୋହମୋର ସହରରେ ଇସ୍ରାଏଲ ସେନା ଅବୈଧ ଭାବେ ଧଳା ଫସଫରସ ଗୋଳାକୁ ବିଭିନ୍ନ ଲୋକଙ୍କ ଘର ଉପରେ ତୋପ ଦ୍ୱାରା ମାଡ଼ କରିଛନ୍ତି।ଏନେଇ ମାନବାଧିକାର ସଂଗଠନ ପକ୍ଷରୁ ଦାବି କରାଯାଇଛି। ସଂଗଠନ ଦାବି କରିଛି ଯେ ଆବାସିକ ଅଞ୍ଚଳରେ ଧଳା ଫସଫରସ ମାଡ଼ କରାଯାଉଥିବାର ୭ଟି ଫଟୋ ରହିଛି। ଫସଫସର ଯୋଗୁ ୨ଟି ଘର ଓ ଗୋଟିଏ କାରରେ ମଧ୍ୟ ନିଆଁ ଲାଗିଥିଲା। ଏହାକୁ ଲିଭାଇବା ପାଇଁ ଅଗ୍ନିଶମ ବାହିନୀ ଉଦ୍ୟମ କରୁଥିବା ଦୃଶ୍ୟ ସାମ୍ନାକୁ ଆସିଛି।

ଧଳା ଫସଫରସ୍ ଏକ ଅତ୍ୟନ୍ତ ବିପଜ୍ଜନକ ରାସାୟନିକ ପଦାର୍ଥ, ଯାହା ବାୟୁ ସଂସ୍ପର୍ଶରେ ଆସିଲେ ଜଳିବାକୁ ଲାଗେ ଓ ଏହା ଗମ୍ଭୀର ଶାରୀରିକ କ୍ଷତି ମଧ୍ୟ ପହଞ୍ଚାଇଥାଏ। ଯୁଦ୍ଧ ବେଳେ



ଏହାର ବ୍ୟବହାର କରି ଇସ୍ରାଏଲ ସବୁ ପ୍ରଚଳିତ ନିୟମକୁ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ହ୍ୟୁମାନ ରାଇଟ୍ସ ୱାଚରେ ଥିବା ରମିଜ କୈସ କହିଛନ୍ତି, "ଆବାସିକ ଅଞ୍ଚଳରେ ଇସ୍ରାଏଲ ସେନା ବେଆଇନ ଭାବେ ବ୍ୟବହାର କରୁଥିବା ଧଳା ଫସଫରସ ଅତ୍ୟନ୍ତ ଚିନ୍ତାଜନକ ଓ ସାଧାରଣ ଲୋକଙ୍କ ପାଇଁ ଘାତକ ମଧ୍ୟ ସାବ୍ୟସ୍ତ ହୋଇପାରେ। ଧଳା ଫସଫରସ ଯୋଗୁ ଅଗ୍ନିକାଣ୍ଡ ଘଟିବା ସହ ଜୀବନ ଯିବାର କିମ୍ବା ଜୀବନ ବ୍ୟାପୀ ଶାରୀରିକ କ୍ଷତିର ଆଶଙ୍କା ରହିଛି।" ମାର୍ଚ୍ଚ ୩ରେ ଇସ୍ରାଏଲ ପକ୍ଷରୁ ୨ଟି ତୋପରୁ ଜନବସତିକୁ ଟାର୍ଗେଟ କରି ଧଳା ଫସଫରସ ମାଡ଼ କରାଯାଇଥିଲା। ତୋପରୁ ବାହାରୁ ଥିବା ଗୋଳାରେ ଥିବା ଧଳା ଫସଫରସ ଆକାଶ ପଥରେ ବିସ୍ଫୋରଣ ହେବା ସହ ବିଭିନ୍ନ ଘର ଓ ଗାଡ଼ି ଉପରେ ପଡୁଥିବା ଫଟୋ ମଧ୍ୟ ସାମ୍ନାକୁ ଆସିଛି। ପ୍ରଥମେ ପ୍ରବଳ ଧୂଆଁ ବାହାରିବା ସହ କିଛି ସ୍ଥାନ ମଧ୍ୟ ଧଳା ଫସଫରସ ପ୍ରଭାବରେ ଜଳିବାରେ ଲାଗିଥିଲା।ଧଳା ଫସଫରସ ଇସ୍ରାଏଲ ମାଡ଼ କରିବା ଅଭିଯୋଗରେ ଯଥେଷ୍ଟ ସତ୍ୟତା ରହିଛି। କାରଣ ଏପରି ପଦକ୍ଷେପ ନେବା ପୂର୍ବରୁ ଇସ୍ରାଏଲ ପକ୍ଷରୁ ସାଧାରଣ ଲୋକଙ୍କୁ ବେରୁଟର ଦକ୍ଷିଣ ଉପକଣ୍ଠ ସମେତ ହେଜବୋଲ୍ଲା ନିୟନ୍ତ୍ରିତ ଅଞ୍ଚଳରୁ ଅନ୍ୟତ୍ର ଚାଲି ଯିବାକୁ କୁହାଯାଇଥିଲା।ଇରାନ ସମର୍ଥିତ ହେଜବୋଲ୍ଲା ବିରୋଧରେ ଇସ୍ରାଏଲ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିଥିବାରୁ ଏପରି ନିର୍ଦ୍ଦେଶ ଦେଇଥିଲା। ସେହିପରି ଆକ୍ରମଣ ପୂର୍ବରୁ ଦକ୍ଷିଣ ବେରୁଟରେ ଥିବା ସାଧାରଣ ଲୋକଙ୍କୁ ପୂର୍ବ ପ୍ରାନ୍ତକୁ ସ୍ଥାନାନ୍ତର କରାଯାଇଥିବା ମଧ୍ୟ ଇସ୍ରାଏଲ ଦାବି କରିଥିଲା। ସାଧାରଣ ଲୋକ ଆଉ ୟୋହମୋରରେ ନଥିବା ଇସ୍ରାଏଲ କହିବା ପରେ ଆକ୍ରମଣ କରିଛି। ତେଣୁ ଇସ୍ରାଏଲ ଘାତକ ଧଳା ଫସଫରସ ମାଡ଼ କରିଥିବା ଏଥିରୁ ସ୍ପଷ୍ଟ ହେଉଛି।

# ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ଟପିଲା

ୱାଶିଂଟନ: ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପରିସ୍ଥିତି ସମ୍ପର୍କରେ ବିବୃତି ଜାରି କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯଦି ଏହି ସ୍ଥିତି ଇରାନର ପରମାଣୁ ବିପଦକୁ ଦୂର କରିପାରିବ, ତେବେ ବର୍ତ୍ତମାନର ତୈଳ ମୂଲ୍ୟ ଆମେରିକା ତଥା ବିଶ୍ୱର ସୁରକ୍ଷା ପାଇଁ ଏହି ମୂଲ୍ୟ ବହୁତ କମ୍ । ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ କହିଛନ୍ତି, ଇରାନର ପରମାଣୁ କ୍ଷମତା ସମାପ୍ତ ହେବା ପରେ କ୍ଷଣସ୍ଥାୟୀ ତେଲ ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇବ। ସେ ଜୋର ଦେଇ କହିଛନ୍ତି, କେବଳ ମୂର୍ଖମାନେ ପରିସ୍ଥିତିକୁ ଭିନ୍ନ ଭାବରେ ଦେଖିବେ।




ଏହା ଆମେରିକା ଓ ବିଶ୍ୱର ସୁରକ୍ଷା ତଥା ଶାନ୍ତି ପାଇଁ ଏକ ଛୋଟ ମୂଲ୍ୟ।

ଅଶୋଧିତ ତେଲ ଦର ପ୍ରତି ବ୍ୟାରେଲ ୧୦୦ ଡଲାରରୁ ଅଧିକ ବୃଦ୍ଧି ପାଇବା ପରେ ଟ୍ରମ୍ପଙ୍କର ଏହି ବିବୃତି ଆସିଛି। ୨୦୨୨ ମସିହାରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ତେଲ ଏହି ସ୍ତର ଅତିକ୍ରମ କରିଛି।

# ବିଜୟଙ୍କୁ ପୁଣି ସିବିଆଇ ସମନ



ନୂଆଦିଲ୍ଲୀ: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗତ ବର୍ଷ ଘଟିଥିବା କରୁର ଦଳାଚକଟା ମାମଲାରେ ଅଭିନେତାରୁ ରାଜନେତା ହୋଇଥିବା ଏବଂ ତାମିଲଗା ଭେଟ୍ରିର କାଝାଗମ (ଟିଭିକେ) ମୁଖ୍ୟ ଜୋଶେଫ ବିଜୟ ଚନ୍ଦ୍ରଶେଖରଙ୍କୁ ମଙ୍ଗଳବାର ଆଉ ଥରେ ପଚରାଉଚରା ପାଇଁ ସମନ ଜାରି କରିଛି। ତଦନ୍ତ ଅନ୍ତର୍ଗତ ଅଭିନେତା ପୂର୍ବରୁ ଜାନୁଆରି ୧୨ ଏବଂ ଜାନୁଆରି ୧୯ ତାରିଖରେ ଦେଶର ସର୍ବୋଚ୍ଚ ତଦନ୍ତ ସଂସ୍ଥାର ମୁଖ୍ୟାଳୟରେ ହାଜର ହୋଇଥିଲେ।

ଅଧିକାରୀମାନେ ସୂଚିତ କରିଛନ୍ତି ଯେ, ତଦନ୍ତକାରୀମାନେ ବିଜୟଙ୍କଠାରୁ ଅଧିକ ସ୍ପଷ୍ଟୀକରଣ ଆବଶ୍ୟକ କରୁଥିବା ଅତିରିକ୍ତ ପ୍ରମାଣ ଓ ସାମଗ୍ରୀ ସଂଗ୍ରହ କରିଛନ୍ତି, ଯାହା ଫଳରେ ତାଙ୍କୁ ପୁଣି ଥରେ ହାଜର ହେବାକୁ ଏକ ନୂଆ ନୋଟିସ୍ ଜାରି କରାଯାଇଛି।ଏହି ତଦନ୍ତ ୨୭ ସେପ୍ଟେମ୍ବର ୨୦୨୫ରେ ତାମିଲନାଡୁର କରୁର ଜିଲ୍ଲାରେ ବିଜୟଙ୍କ ଦ୍ୱାରା ସମ୍ବୋଧିତ ଏକ ରାଜନୈତିକ ରାଲି ସମୟରେ ଘଟିଥିବା ଦଳାଚକଟା ସହିତ ଜଡିତ। ଏହି ଦୁଃଖଦ ଘଟଣା ଫଳରେ ୪୧ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ୬୦ ରୁ ଅଧିକ ଆହତ ହୋଇଥିଲେ।

# ଏସିଡ୍ ବର୍ଷା ଆତଙ୍କ

ତେହେରାନ: ଇସ୍ରାଏଲ ମଧ୍ୟପ୍ରାଚ୍ୟରେ ଏହାର ସାମରିକ ଅଭିଯାନକୁ ଜୋରଦାର କରିଛି। ଇସ୍ରାଏଲ ତେହେରାନ, ଇସଫାହାନ ଓ ଦକ୍ଷିଣ ଇରାନ ଉପରେ ଏହାର ଆକ୍ରମଣକୁ ବ୍ୟାପକ କରିଥିବା ଘୋଷଣା କରିଛି। ଆଇଡିଏଫ୍ (ଇସ୍ରାଏଲ ପ୍ରତିରକ୍ଷା ବାହିନୀ) ଏନେଇ ଏକ ବିବୃତି ଜାରି କରିଛି। ତୈଳଭଣ୍ଡାରଗୁଡ଼ିକୁ ଟାର୍ଗେଟ୍ କରି ଇସ୍ରାଏଲ ଲଗାତାର ଆକ୍ରମଣ



ଜାରି ରଖିଥିବାରୁ ଇରାନରେ ଏବେ ବିନାଶକାରୀ ସ୍ଥିତି ଉପୁଜିଛି। ତୈଳଭଣ୍ଡାରରେ ଯେଉଁଭଳି ନିଆଁ ଜଳୁଛି ସେଥିରେ ରାତି ବି ଦିନ ହୋଇଯାଉଛି। ଇସ୍ରାଏଲ ଇରାନରେ ୩୦ରୁ ଅଧିକ ତୈଳଭଣ୍ଡାର ଉପରେ ଟାର୍ଗେଟ୍ ଆକ୍ରମଣ କରିଥିବା ଜଣାପଡ଼ିଛି। ଏହି ଆକ୍ରମଣଜନିତ ନିଆଁରୁ ୪ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ଇସ୍ରାଏଲର ଏହି କାର୍ଯ୍ୟରେ ଆମେରିକା ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ଇସ୍ରାଏଲ ଏହି ଆକ୍ରମଣ ସଂକ୍ରାନ୍ତରେ ଆମେରିକାକୁ ପୂର୍ବରୁ ସୂଚନା ଦେଇଥିଲା। କିନ୍ତୁ ଆମେରିକା ଯେଉଁଭଳି ଆଶା କରୁଥିଲା ତା'ଠାରୁ ମଧ୍ୟ ଏହି ଆକ୍ରମଣ ଆହୁରି ଭୟଙ୍କର ହୋଇଛି। ଇସ୍ରାଏଲର ଏହି ଆକ୍ରମଣରେ ଆମେରିକା ଆଶ୍ଚର୍ଯ୍ୟ ହୋଇଯାଇଛି। ତୈଳଭଣ୍ଡାର ଉପରେ ଆକ୍ରମଣ ଦ୍ୱାରା ଇରାନରେ ଅଣାୟତ୍ତ ସ୍ଥିତି ଉପୁଜିଛି। 'ଏସିଡ୍ ବର୍ଷା' ହେବ ବୋଲି ଆତଙ୍କ ସୃଷ୍ଟି ହୋଇଛି ଏବଂ ଏଥିପାଇଁ ଲୋକମାନଙ୍କୁ ଘରେ ରହିବାକୁ କୁହାଯାଇଛି। ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲର ଏହି ଆକ୍ରମଣକୁ ପସନ୍ଦ କରୁନାହାନ୍ତି।

## ଇରାନର ୨୫ ହସ୍ପିଟାଲ କ୍ଷତିଗ୍ରସ୍ତ

ତେହେରାନ : ଇସ୍ରାଏଲ ଓ ଆମେରିକା ଏୟାର ଷ୍ଟ୍ରାଇକ ଯୋଗୁ ୧୦ ହଜାରରୁ ଅଧିକ ସାଧାରଣ ଲୋକ ଆହତ ହୋଇଛନ୍ତି। ୧୨ ଶହରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ଏମାନଙ୍କ ମଧ୍ୟରେ ରହିଛନ୍ତି ୧୨ ବର୍ଷରୁ କମ ୨୦୦ ଶିଶୁ। ସେହିପରି ପ୍ରାୟ ୨୦୦ ମହିଳା ମଧ୍ୟ ପ୍ରାଣ ହରାଇଛନ୍ତି। ଆକ୍ରମଣ ଆରମ୍ଭ ହେବା ଦିନ ଠାରୁ ଇତି ମଧ୍ୟରେ ୧୪୦୦ରୁ ଅଧିକ ମହିଳା ଆହତ ହୋଇଥିବା ମଧ୍ୟ ସେ କହିଛନ୍ତି। ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ବିବାଦ ଇରାନର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ମଧ୍ୟ ସାଂଘାତିକ ପ୍ରଭାବ ପକାଇଛି। କେରମେନପୌର କହିଛନ୍ତି ଯେ ଏୟାର ଷ୍ଟ୍ରାଇକରେ ୨୫ଟି ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଛି। ଏହା ମଧ୍ୟରୁ ୯ଟିରେ ସେବା ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି।

# ବିଦ୍ୟୁତ୍ ସଞ୍ଚୟ ପାଇଁ ବାଂଲାରେ ବିଶ୍ୱବିଦ୍ୟାଳୟ ବନ୍ଦ

ଢାକା : ଆମେରିକା-ଇସ୍ରାଏଲ-ଇରାନ ମଧ୍ୟରେ ଚାଲିଥିବା ବିବାଦ ମଧ୍ୟରେ ବାଂଲାଦେଶ ସମସ୍ୟାରେ ପଡ଼ିଛି। ଶକ୍ତି ସଙ୍କଟର ସମାଧାନ ପାଇଁ ବାଂଲାଦେଶ ସରକାର ଏକ ନୂତନ ପଦ୍ଧତି ଗ୍ରହଣ କରିଛନ୍ତି। ବିଦ୍ୟୁତ ସଂରକ୍ଷଣ ପାଇଁ, ସରକାର ମାର୍ଚ୍ଚ ୯ ତାରିଖରୁ ସମସ୍ତ ସରକାରୀ ଏବଂ ବେସରକାରୀ ବିଶ୍ୱବିଦ୍ୟାଳୟ ବନ୍ଦ




କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ ଏବଂ ଶକ୍ତି ସଂରକ୍ଷଣ ପାଇଁ ସରକାର ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ବାଂଲାଦେଶ ସରକାରଙ୍କ ଦ୍ୱାରା ବିଦ୍ୟୁତ୍ ଏବଂ ଶକ୍ତି ସଂରକ୍ଷଣ ପାଇଁ ନିଆଯାଇଥିବା ପଦକ୍ଷେପର ଅଂଶ ସ୍ୱରୂପ, ଶିକ୍ଷା କ୍ୟାଲେଣ୍ଡରକୁ ଇଦ୍ ଉଲ୍-ଫିତର ଛୁଟି ସହ ଯୋଡ଼ିଛନ୍ତି। ଏହା ଅନ୍ତର୍ଗତ ବିଶ୍ୱବିଦ୍ୟାଳୟକୁ ବନ୍ଦ କରାଯାଇଛି। ବାଂଲାଦେଶ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଏହି ନିର୍ଦ୍ଦେଶ ଜାରି କରାଯାଇଥିବା ଜଣାପଡ଼ିଛି। ଏଥିରେ ଉଲ୍ଲେଖ ଅଛି ଯେ, ଜାତୀୟ ସ୍ତରରେ ବିଦ୍ୟୁତ୍ ବ୍ୟବହାର ହ୍ରାସ କରିବା ପାଇଁ ଶକ୍ତି ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରାଯାଇଛି।

# ଶର୍ଜିଲ ଇମାମଙ୍କୁ ମିଳିଲା ଜାମିନ

ନୂଆଦିଲ୍ଲୀ : ଦୀର୍ଘ ୬ ବର୍ଷ କାଳ ଅଭିଯୁକ୍ତ ଭାବେ ଜେଲରେ ବନ୍ଦୀ ହୋଇ ରହିଥିବା ଛାତ୍ର ନେତା ଶର୍ଜିଲ ଇମାମଙ୍କୁ ମିଳିଛି ସାମୟିକ ଆଶ୍ୱସ୍ତି। ଦିଲ୍ଲୀର ଗୋଟିଏ କୋର୍ଟ ତାଙ୍କୁ ୧୦ ଦିନ ପାଇଁ ଦେଇଛନ୍ତି ଜାମିନ। ୨୦୨୦ ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ଘଟଣାରେ ଗିରଫ ହୋଇଥିବା ଶର୍ଜିଲଙ୍କୁ ଭାଇଙ୍କ ବାହାଘର ଓ ଅସୁସ୍ଥ ମା'ଙ୍କ ଦେଖାଶୁଣା କରିବାକୁ କୋର୍ଟ ଏପରି ଜାମିନ ଦେଇଛନ୍ତି। ୧୦ ଦିନ କାଳ ସେ ଜେଲ ବାହାରେ ରହିବେ ଓ ୧୧ତମ ଦିନ ଆସି ଆତ୍ମସମର୍ପଣ କରିବେ। ୨୦୨୬ ଜାନୁଆରୀ ମାସରେ ସୁପ୍ରିମକୋର୍ଟ ଶର୍ଜିଲ ଓ ଦିଲ୍ଲୀ ଦଙ୍ଗାର ସହ ଅଭିଯୁକ୍ତ ଉମର ଖାଲିଦଙ୍କୁ ଜାମିନ ଦେବାକୁ ମନା କରିଦେଇଥିଲେ। ଉଭୟ ନିରାଶ ହୋଇ ତିହାର ଜେଲରେ ଥିବା ବେଳେ ଏବେ ଦିଲ୍ଲୀର ଗୋଟିଏ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି।ଦିଲ୍ଲୀ ଦଙ୍ଗା ପଛରେ ଥିବା ବିରାଟ ଷଡ଼ଯନ୍ତ୍ର ଅଭିଯୋଗ ମାମଲାରେ ଶର୍ଜିଲଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ୨୦୨୦ ଫେବୃଆରୀ ମାସରେ ଦିଲ୍ଲୀରେ ହୋଇଥିବା ଦଙ୍ଗାରେ ୫୩ ଜଣଙ୍କ ମୃତ୍ୟୁ ହୋଇଥିଲା ଓ ୭୦୦ରୁ ଅଧିକ ଆହତ ହୋଇଥିଲେ। ଏହାର କିଛି ଦିନ ପରେ ଶର୍ଜିଲଙ୍କ ସମେତ ଉମର ଖାଲିଦ ଓ ଅନ୍ୟମାନଙ୍କୁ ଗିରଫ କରାଯାଇଥିଲା। ସେବେଠାରୁ ସେମାନେ ଜେଲରେ ରହିଛନ୍ତି। ଜାନୁଆରୀ ମାସରେ ନିୟମିତ ଜାମିନ ପାଇଁ ଶର୍ଜିଲ ଓ ଖାଲିଦ ଆବେଦନ କରିଥିଲେ ହେଁ ଏହା ଖାରଜ ହୋଇଥିଲା।ଅଭିଯୋଗ ହୋଇଥିବା ଅପରାଧିକ ଷଡ଼ଯନ୍ତ୍ରରେ ଏମାନଙ୍କ ଭୂମିକା ଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ



ହୋଇଥିବା ମଧ୍ୟ ଜାମିନ ଆବେଦନ ଖାରଜ ବେଳେ ସୁପ୍ରିମକୋର୍ଟ କହିଥିଲେ। ତେବେ ଏହି ସମୟରେ ଦିଲ୍ଲୀ ଦଙ୍ଗାର ଅନ୍ୟ ୫ ଅଭିଯୁକ୍ତ- ଗୁଲଫିଶ ଫାତିମା, ମୀରାନ ହାଇଦର, ଶିଫା ଉର ରେହମାନ, ମହମ୍ମଦ ସଲୀମ ଖାନ ଓ ଶାଦାବ ଅହମଦଙ୍କୁ ଜାମିନ ଦେଇଥିଲେ। ଶର୍ଜିଲ ଓ ଖାଲିଦଙ୍କ ନାଁରେ ୟୁଏପିଏ ନାଁରେ ମାମଲା ହୋଇଛି। ଏଥିସହ ଆଇପିସିର ବିଭିନ୍ନ ଦଫା ମଧ୍ୟ ସେମାନଙ୍କ ନାଁରେ ଲାଗିଛି। ଉଭୟଙ୍କୁ ଦିଲ୍ଲୀ ଦଙ୍ଗାର ମାଷ୍ଟରମାଇଣ୍ଡ ଭାବେ ଚିହ୍ନଟ କରିଛି ଦିଲ୍ଲୀ ପୁଲିସ୍।

# ୩୭ ବର୍ଷ ପରେ ଇରାନ ପାଇଲା ତୃତୀୟ ସର୍ବୋଚ୍ଚ ନେତା

ତେହେରାନ: ସୟିଦ ମୋଜତବା ହୁସେନି ଖେମିନି ଇରାନର ତୃତୀୟ ସର୍ବୋଚ୍ଚ ନେତା ହୋଇଛନ୍ତି। ଇରାନ ବିରୋଧରେ ଇସ୍ରାଏଲ ଓ ଆମେରିକା ଯୁଦ୍ଧ ଆରମ୍ଭ କରିବା ପରଠାରୁ ପଶ୍ଚିମ ଏସିଆରେ ଦୁଇପକ୍ଷ ମଧ୍ୟରେ ଭୀଷଣ ସଂଘର୍ଷ ଜାରି ରହିଥିବାବେଳେ ଯୁଦ୍ଧର ନବମ ଦିନ ରବିବାର ଇରାନ ମୋଜତବାଙ୍କୁ ସର୍ବୋଚ୍ଚ ନେତା ଘୋଷଣା କରିଛି।ଯୁଦ୍ଧର ପ୍ରଥମ ଦିନରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ହୋଇଥିଲା। ପିତାଙ୍କ ପରେ ୫୬-ବର୍ଷୀୟ ମୋଜତବା ଇରାନର ତୃତୀୟ ସର୍ବୋଚ୍ଚ ନେତା ହୋଇପାରିଛନ୍ତି। ରୁହୋଲ୍ଲାହ ଖୋମେନି ଓ ଖେମିନିଙ୍କ ପରେ ମୋଜତବା ଇରାନର ତୃତୀୟ ସର୍ବୋଚ୍ଚ ନେତା। ଏହାପୂର୍ବରୁ ସେ ପିତାଙ୍କ ପଛରେ ରହି ଇରାନର ସମସ୍ତ ବଡ଼ ନିଷ୍ପତ୍ତିରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିଲେ। ଫେବ୍ରୁଆରି ୨୮ ଇସ୍ରାଏଲ ଓ



ଆମେରିକାର ମିଳିତ ଆକ୍ରମଣରେ ମୋଜତବାଙ୍କ ପତ୍ନୀ ଜହରା ହଦାଦ-ଆଦେଲ, ଝିଅ ଓ ପିତା ଆୟାତୋଲ୍ଲା ଖେମିନିଙ୍କ ମୃତ୍ୟୁ ହୋଇଥିଲା। ମୋଜତବା ୧୯୬୯ ମସିହା ସେପ୍ଟେମ୍ବର ୮ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ଖେମିନିଙ୍କ ଦ୍ୱିତୀୟ ପୁତ୍ର। ମୋଜତବା ଇସ୍ରାଏଲ ଓ ଆମେରିକା-ବିରୋଧୀ ଯୁଦ୍ଧରେ ସାମିଲ ଥିଲେ ମଧ୍ୟ ବେଶି ଚର୍ଚ୍ଚାରେ ନ ଥିଲେ। ୨୦୧୯ରେ ଆମେରିକା ତାଙ୍କ ଉପରେ କଟକଣା ଲଗାଇଥିଲା। ଇସ୍ରାଏଲ ଓ ଆମେରିକା ଦ୍ୱାରା ଯୁଦ୍ଧ ଆରମ୍ଭ ହେବା ପରଠାରୁ ମୋଜତବାଙ୍କୁ ସାର୍ବଜନୀନ ସ୍ଥାନରେ ଦେଖାଯାଇ ନ ଥିଲା। ରବିବାର ରାତିରେ ତାଙ୍କୁ ଇରାନର ସର୍ବୋଚ୍ଚ ନେତା ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ଖେମିନିଙ୍କ ମୃତ୍ୟୁ ପରେ ଇସ୍ରାଏଲ ଓ ଆମେରିକା ସେମାନଙ୍କ ଅନୁମତି ବିନା ଇରାନ କାହାକୁ ସର୍ବୋଚ୍ଚ ନେତା କଲେ ତାଙ୍କୁ ଖୋଜି ଖୋଜି ମାରିବେ ବୋଲି ଧମକ ଦେଇଥିଲେ। ଖେମିନି ୩୭ ବର୍ଷ ହେଲା ଇରାନର ସର୍ବୋଚ୍ଚ ନେତା ପଦରେ ଥିଲେ। ୧୯୮୯ରେ ରୁହୋଲ୍ଲାହ ଖୋମେନିଙ୍କ ପରଲୋକ ପରେ ଖେମିନି ସର୍ବୋଚ୍ଚ ନେତା ହୋଇଥିଲେ। ୧୯୭୯ ଇସଲାମିକ୍ ବିଦ୍ରୋହରେ ଖେମିନି ବଡ଼ ଭୂମିକା ଗ୍ରହଣ କରିଥିଲେ।

ରିପୋର୍ଟ ଅନୁଯାୟୀ ଆୟାତୋଲ୍ଲା ଏକ ଧର୍ମଗୁରୁ ପଦବୀ- ଇରାନ ଇସଲାମିକ ଆଇନ ଅନୁସାରେ ସର୍ବୋଚ୍ଚ ନେତା ହେବା ପାଇଁ ଆୟାତୋଲ୍ଲା ହେବା ଜରୁରୀ। ଅର୍ଥାତ୍ ସର୍ବୋଚ୍ଚ ନେତା ପଦ କେବଳ ଜଣେ ଧାର୍ମିକ ନେତାଙ୍କୁ ମିଳିପାରିବ। ଯୁଦ୍ଧ ସମୟରେ ମୋଜତବା ଓ ତାଙ୍କ ପରିବାର ତେହେରାନର ଲବିଜାନ୍ ଅଞ୍ଚଳର ଏକ ଗୁପ୍ତ ବଙ୍କରରେ ଲୁଚି ରହିଥିଲେ। ଏହି ବଙ୍କର ୯୦ରୁ ୧୦୦ ମିଟର ଗଭୀର ଓ ବୋମା-ନିରୋଧୀ ପଦ୍ଧତିରେ ପ୍ରସ୍ତୁତ। ଏହି ବଙ୍କର ଅନେକ ସୁଡ଼ଙ୍ଗ ସହିତ ସଂଯୁକ୍ତ। ଆଇଆର୍ଜିସିର ଅଲଗା ଅଲଗା ୟୁନିଟ୍ ତାଙ୍କର ସୁରକ୍ଷା କରୁଥିଲା। ମୋଜତବାଙ୍କର ଇରାନ ବାହାରେ ବିପୁଳ ସମ୍ପତ୍ତି ରହିଛି।

# ଯୁଦ୍ଧ ପ୍ରଭାବ : ଡଲାର ତୁଳନାରେ ଟଙ୍କାର ମୂଲ୍ୟ କମିଲା

ମୁମ୍ବାଇ : ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ସୋମବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ପ୍ରଥମ ଥର ୯୨ ଟଙ୍କା ସ୍ତର ଅତିକ୍ରମ କରିଛି। ଏକ ସମୟରେ ଡଲାର ଦାମ୍ ୯୨ ଟଙ୍କା ୩୦ ପଇସା ଥିଲା। ଭୂ-ରାଜନୈତିକ ସଙ୍କଟ, ଅଶୋଧିତ ତୈଳ ଦରରେ ବୃଦ୍ଧି ଓ ବିଦେଶୀ ନିବେଶକମାନେ ଲଗାତାର ଭାବେ ଭାରତୀୟ ଷ୍ଟକ୍ ବଜାରରୁ ପାଣ୍ଠି ପ୍ରତ୍ୟାହାର କରୁଥିବାରୁ ଟଙ୍କା ଉପରେ ଚାପ ସୃଷ୍ଟି ହୋଇଛି।ବିଶେଷଜ୍ଞମାନଙ୍କ ମତରେ ଅଶୋଧିତ ତୈଳ ଦରରେ ହୋଇଥିବା ବୃଦ୍ଧି ପାଇଁ ଟଙ୍କା ଦୁର୍ବଳ ହୋଇଛି। ଭାରତ ଏହାର ଆବଶ୍ୟକତାର ୮୦ ପ୍ରତିଶତରୁ ଅଧିକ ତେଲ ଆମଦାନୀ କରିଥାଏ। ଆମଦାନୀରେ ଡଲାର ଗ୍ରହଣ କରାଯାଇଥାଏ। ତେଲ ମହଙ୍ଗା ହେଉଥିବାରୁ ଆମଦାନୀକାରୀଙ୍କୁ ଅଧିକ ଡଲାର ଦରକାର ପଡ଼ିବ। ଏଥି ସହିତ ସେହି ବିଦେଶୀ ମୁଦ୍ରାର ଚାହିଦା ବଢ଼ିବ। ଚାହିଦା ବଢ଼ିଲେ ଦର ବଢ଼ିବ। ଡଲାର ମହଙ୍ଗା ହେବା ଭାରତ ଭଳି ଆମଦାନୀ ନିର୍ଭରଶୀଳ ଦେବା ପାଇଁ ବେଶ୍ କ୍ଷତିକାରକ। ପ୍ରଥମତଃ ଏହା ଦେଶର ଆମଦାନୀ ଖର୍ଚ୍ଚ ବଢ଼ାଇବ। ଦ୍ୱିତୀୟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଚ୍ଛିତ ବୈଦେଶିକ ମୁଦ୍ରା ଭଣ୍ଡାରରେ ଚାପ



ସୃଷ୍ଟି କରିବ। ତୃତୀୟତଃ ଅଧିକ ଦାମ୍ରେ ଜିନିଷ ଦେଶ ଭିତରକୁ ଆସିଲେ ତାହା ଏଠାରେ ସେହିଭଳି ଅଧିକ ଦରରେ ବିକ୍ରି ହେବ। ତେଣୁ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଦ୍ୱାରା ଦେଶରେ ଦରଦାମ୍ ସ୍ଥିତି ବେଲଗାମ ହୋଇପଡ଼ିବା ଆଶଙ୍କା ରହିଛି।ସାଧାରଣତଃ ଟଙ୍କା ଦୁର୍ବଳ ହେଲେ ଭାରତୀୟ ରିଜର୍ଭ ବ୍ୟାଙ୍କ ନିଜ ପାଖରେ ଥିବା ଡଲାର ବିକ୍ରି କରି ସ୍ଥିତି ଉପରେ ନିୟନ୍ତ୍ରଣ ହାସଲ କରିବାକୁ ଉଦ୍ୟମ କରିଥାନ୍ତି। ଗୋଟିଏ ପଟେ ଦେଶକୁ ଅଧିକ ଡଲାର ଆସୁନାହିଁ। ଅନ୍ୟପଟେ ବୈଦେଶିକ ନିବେଶକମାନେ କୋଟି କୋଟି ଡଲାର ପ୍ରତିଦିନ ବଜାରରୁ ପ୍ରତ୍ୟାହାର କରୁଥିବାରୁ ଭାରତୀୟ ମୁଦ୍ରା ଚାପରେ ରହିଛି। ଶେଷରେ, ଯୁଦ୍ଧ ଲାଗି ରହିଥିବାରୁ ନିବେଶକମାନେ ଡଲାର ଭଳି ସୁରକ୍ଷିତ ମୁଦ୍ରା ଅଧିକରୁ ଅଧିକ ମାତ୍ରାରେ ନିଜ ପାଖରେ ରଖିବାକୁ ଚାହୁଛନ୍ତି।

# ମ୍ୟାକୋଞ୍ଚିଙ୍କ ଅନୁପସ୍ଥିତି ନ୍ୟୁଜିଲାଣ୍ଡ ପାଇଁ ମହଙ୍ଗା ପଡିଲା

ଅହମଦାବାଦ : ଭାରତ ବିପକ୍ଷ ଫାଇନାଲ ମ୍ୟାଚରେ ଜଣେ ସ୍ପେଶାଲିଷ୍ଟ ଅଫ ସ୍ପିନରଙ୍କୁ ଚୂଡ଼ାନ୍ତ ଏକାଦଶରରୁ ନ୍ୟୁଜିଲ୍ୟାଣ୍ଡ ବାଦ ଦେବା ନିଷ୍ପତ୍ତି ଦଳକୁ ମହଙ୍ଗା ପଡ଼ିଛି। ଏହି ଗୋଟିଏ ଭୁଲ ନିଶ୍ଚିତ ଭାବେ ବଲ ପଡ଼ିବା ପୂର୍ବରୁ ଭାରତର ପଲ୍ଲାକୁ ଭାରୀ କରି ଦେଇଥିଲା। ଶେଷରେ ରେଜଲ୍ଟ ଭାରତ ସପକ୍ଷରେ ମଧ୍ୟ ଯାଇଥିଲା। ନ୍ୟୁଜିଲ୍ୟାଣ୍ଡ ସ୍କ୍ୱାଡରେ ଏକମାତ୍ର ସ୍ପେଶାଲିଷ୍ଟ ଅଫ ସ୍ପିନର ହେଉଛନ୍ତି କୋଲେ ମ୍ୟାକୋଞ୍ଚି। ଦକ୍ଷିଣ ଆଫ୍ରିକା ବିପକ୍ଷ ସେମି ଫାଇନାଲରେ ସେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ନ୍ୟୁଜିଲ୍ୟାଣ୍ଡ ସେମି ଫାଇନାଲ ଜିତିଥିବା ବେଳେ ସେ ୨ଟି ପ୍ରମୁଖ ୱିକେଟ ମଧ୍ୟ ନେଇଥିଲେ। ଶ୍ରୀଲଙ୍କା ବିପକ୍ଷରେ ଫସି ଯାଇଥିବା ମ୍ୟାଚରେ ସେ ଉଭୟ ବ୍ୟାଟିଂ ଓ ବୋଲିଂରେ କମାଲ କରିଥିଲେ। ଲାଗୁଥିଲା ଭାରତ ବିପକ୍ଷ ଫାଇନାଲରେ ବି ସେ ଖେଳିବେ। ହେଲେ ସମସ୍ତଙ୍କୁ ଚକିତ କରି ଭାରତ ବିପକ୍ଷ ଫାଇନାଲରେ ମ୍ୟାକୋଞ୍ଚିଙ୍କୁ ଟିମ ମ୍ୟାନେଜମେଣ୍ଟ ବେଞ୍ଚରେ ବସାଇ ଦେଇଥିଲା। ତାଙ୍କ ବଦଳରେ ଜଣେ ଅତିରିକ୍ତ ଦ୍ରୁତ ବୋଲର ଭାବେ ଜ୍ୟାକବ ଡଫୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ଭାରତର ବ୍ୟାଟିଂ ଲାଇନ ଅପରେ ଏକାଧିକ ବାମହାତୀ ବ୍ୟାଟର ଥିବା ସତ୍ତ୍ୱେ ନ୍ୟୁଜିଲ୍ୟାଣ୍ଡ ଜଣେ ସ୍ପେଶାଲିଷ୍ଟ ଅଫ ସ୍ପିନରଙ୍କୁ ବାଦ ଦେବା ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଥିଲା।ଭାରତୀୟ ଟିମର ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ମଧ୍ୟ କ୍ୱିଓ ଟିମ ବିନା ଅଫ ସ୍ପିନରେ ଆସିଥିବାରୁ ଆଶ୍ଚର୍ଯ୍ୟ ହୋଇଥିବା ସ୍ୱୀକାର କରିଥିଲେ। ମ୍ୟାକୋଞ୍ଚିଙ୍କୁ ବାଦ ଦେଇ ନ୍ୟୁଜିଲ୍ୟାଣ୍ଡ ଫାଇନାଲ




ରଣନୀତିରେ ଭୁଲ କରି ଦେଇଥିଲା। ଏହି ତ୍ରୁଟିର ସବୁଠାରୁ ବଡ଼ ଲାଭ ପାଇଥିଲେ ଭାରତୀୟ ଟିମର ଓପନର ଅଭିଷେକ ଶର୍ମା। ଅଫ ସ୍ପିନରଙ୍କ ବିରୋଧରେ ଅଭିଷେକ ଶର୍ମା ପୂରା ବିଶ୍ୱକପରେ ସଂଘର୍ଷ କରିଛନ୍ତି। ତାଙ୍କୁ ଅଫ ସ୍ପିନରମାନେ ୩ଟି ମ୍ୟାଚରେ ଖାତା ଖୋଲିବା ପୂର୍ବରୁ ଆଉଟ କରିଥିଲେ। ହେଲେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ମ୍ୟାଚରେ ସେ ପାର୍ଟ ଟାଇମ ଅଫ ସ୍ପିନର ଗ୍ଲେନ ଫିଲିପ୍ସଙ୍କ ମାତ୍ର ୪ଟି ବଲ ସାମ୍ନା କରିଥିଲେ। ଫିଲିପ୍ସଙ୍କ ବଲକୁ ମଧ୍ୟ ସାମ୍ନା କରିବାରେ ଅଭିଷେକ ସାମାନ୍ୟ ହଡ଼ବଡ଼େଇ ଯାଇଥିଲେ। ଏହା ସତ୍ତ୍ୱେ ସାଣ୍ଟନର ପରବର୍ତ୍ତୀ ଓଭରରେ ଫିଲିପ୍ସଙ୍କ ବଦଳରେ ଦ୍ରୁତ ବୋଲରଙ୍କୁ ଆଣିଥିଲେ। ବାସ୍ ଏହି ଠାରୁ ଭାରତର ଓପନର ଅଭିଷେକ ଶର୍ମା ସେମାନଙ୍କୁ ନିର୍ଘାତ ପ୍ରହାର କରିଥିଲେ। ପୂରା ବିଶ୍ୱକପରେ ଅଭିଷେକ ଶର୍ମା ବ୍ୟାଟ ଚୁପ ରହିଥିବା ବେଳେ ନ୍ୟୁଜିଲ୍ୟାଣ୍ଡର ଦ୍ରୁତ ବୋଲରଙ୍କୁ ସେ ବଡ଼ ଶଟ ଖେଳିଥିଲେ। ଏଥିସହ ୧୮ ବଲରେ ୫୦ ରନ ହାସଲ କରିଥିଲେ। କିନ୍ତୁ ୨୧ ବଲରେ ସେ ୫୨ ରନ କରିଥିବା ବେଳେ ବାମହାତୀ ପାର୍ଟ ଟାଇମ ସ୍ପିନର ରଚିନ ରବୀନ୍ଦ୍ରଙ୍କ ବଲରେ ଆଉଟ ହୋଇଥିଲେ। ସେତେବେଳକୁ ଭାରତର ସ୍ଥିତି ପୂରା ମଜବୁତ ହୋଇ ସାରିଥିଲା। ନ୍ୟୁଜିଲ୍ୟାଣ୍ଡ କରିଥିବା ତ୍ରୁଟିରୁ ଭାରତ ବଡ଼ ଫାଇଦା ଉଠାଇଥିଲା। ଭାରତୀୟ ଟିମ ୭.୨ ଓଭରରେ ୧୦୦ ରନ ପୂରଣ କରିଥିଲା। ଏହା ଟି-୨୦ ବିଶ୍ୱକପର କୌଣସି ନକଆଉଟ ମ୍ୟାଚରେ ପ୍ରଥମ ଘଟଣା। ଶେଷରେ ଭାରତ ୨୦ ଓଭରରେ ୫ ୱିକେଟ ହରାଇ ୨୫୫ ରନ କରି ନେଇଥିଲା। ଏହାକୁ ଚେଜ କରିବା ନ୍ୟୁଜିଲ୍ୟାଣ୍ଡ ପକ୍ଷରେ ସମ୍ଭବ ହୋଇ ନଥିଲେ। ଦଳ ୧୫୯ ରନରେ ଅଲଆଉଟ ହୋଇ ଯିବାରୁ ଭାରତ ୯୬ ରନରେ ଫାଇନାଲ ଜିତି ନେଇଛି।

## ସୂର୍ଯ୍ୟକୁମାରଙ୍କ ଲକ୍ଷ୍ୟ ଅଲିମ୍ପିକ୍ସ ସ୍ୱର୍ଣ୍ଣ

ଅହମଦାହାଦ : ଭାରତୀୟ ଦଳକୁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜେତା କରିବା ପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦଳର ପରବର୍ତ୍ତି ଲକ୍ଷ୍ୟ ସ୍ଥିର କରିଛନ୍ତି। ପ୍ରଥମ ଲକ୍ଷ୍ୟ ହେଉଛି ୨୦୨୮ ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟ ଓ ସେହିବର୍ଷ ପୁଣି ଥରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟ। ଅହମଦାବାଦଠାରେ ସାମ୍ବାଦିକମାନଙ୍କୁ ସେ କହିଛନ୍ତି "ଭୁଲିଯାଅ ନାହିଁ ଯେ ଆମର ପରବର୍ତ୍ତି ଲକ୍ଷ୍ୟ ହେଉଛି ଅଲିମ୍ପିକ୍ସ ସ୍ୱର୍ଣ୍ଣ ଓ ସେହି ବର୍ଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବା"।

ଏହା ସହିତ ତାଙ୍କର ଅବସରକୁ ନେଇ ଚାଲିଥିବା କଳ୍ପନାଜଳ୍ପନାକୁ ଦୂର କରି ସେ କହିଛନ୍ତି "ସ୍କାଏ ଏବେ କୁଆଡେ ଯାଉନାହିଁ"। ସୂଚନାଯୋଗ୍ୟ ଯେ ୨୦୨୮ ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ସରେ ଟ୍ୱେଣ୍ଟି-୨୦ କ୍ରିକେଟ୍କୁ ସାମିଲ କରାଯାଇଛି। ଏହା ସହିତ ଦୀର୍ଘ ୧୨୮ ବର୍ଷ ପରେ ଅଲିମ୍ପିକ୍ସକୁ କ୍ରିକେଟ୍ ଫେରିଛି। ପୂର୍ବରୁ ୧୯୦୦ ପ୍ୟାରିସ୍ ଅଲିମ୍ପିକ୍ସରେ କ୍ରିକେଟ୍ ସାମିଲ ଥିଲା। ଆଗାମୀ ଅଲିମ୍ପିକ୍ସରେ ମୋଟ ୬ଟି ପୁରୁଷ ଓ



୬ଟି ମହିଳା କ୍ରିକେଟ୍ ଦଳ ସାମିଲ ହେବେ। ଆୟୋଜକ ହୋଇଥିବାରୁ ୟୁଏସଏ ଦଳ ଏଥିରେ ସିଧାସଳଖ ସ୍ଥାନ ପାଇବ। ଅନ୍ୟ ୫ଟି ଦଳ କିପରି ଚୟନ କରାଯିବ ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇନାହିଁ।



ଅହମଦାବାଦର ନରେନ୍ଦ୍ରମୋଦୀ ଷ୍ଟାଡିୟମରେ ଟି -୨୦ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ସୂର୍ଯ୍ୟକୁମାର ଯାଦବଙ୍କ ଟିମ୍ ବିଶ୍ୱକପ୍ ଜିତିବା ପରେ ଖୁସିରେ ମସଗୁଲ ହୋଇ ଟ୍ରଫି ଉଠାଉଛନ୍ତି।

## ଇଂଲଣ୍ଡର ବ୍ୟାଡମିଣ୍ଟନ ଫାଇନାଲରେ ହାରିଲେ ଲକ୍ଷ୍ୟ

ବର୍ମିଂହାମ୍ : ସମ୍ମାନଜନକ ଅଲ୍ ଇଂଲଣ୍ଡ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଫାଇନାଲରେ ହାରିଯାଇଛନ୍ତି ଭାରତୀୟ ତାରକା ଲକ୍ଷ୍ୟ ସେନ୍। ଫଳରେ ୨୦୨୨ ମସିହା ଭଳି ପୁଣି ରନର୍ ଅପରେ ସନ୍ତୁଷ୍ଟ ହୋଇଛନ୍ତି। ଏଥି ସହିତ ଲକ୍ଷ୍ୟଙ୍କ ଅଲ୍ ଇଂଲଣ୍ଡ ଟାଇଟଲ୍ ସ୍ୱପ୍ନ ଅଧୁରା ରହିଯାଇଛି। ରବିବାରର ଫାଇନାଲରେ ୨୪ ବର୍ଷୀୟ ଲକ୍ଷ୍ୟଙ୍କୁ ଚାଇନିଜ୍ ତାଇପେଇର ବାମହାତୀ ସଟ୍ଲର୍ ଲିନ୍ ଚୁନ୍-ୟି ୨୧-୧୫, ୨୨-୨୦ରେ ହରାଇ ଦେଇଥିଲେ।

### ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀ ବ୍ଲକ ବୟାବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର କ୍ରିକେଟ ପଡିଆରେ ହରମୋହନ ମହାପାତ୍ର ସ୍ମାରକୀ ଅଷ୍ଟମ ବାର୍ଷିକ କ୍ରିକ୍ରେଟ ଟୁର୍ଣ୍ଣାମେଣ୍ଟର ସୋମବାର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଚନ୍ଦ୍ରଶେଖର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ମ୍ୟାଚ ଭୁବନେଶ୍ୱର ଆଦିତ୍ୟ ୧୧ ଓ କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳ ମଧ୍ୟରେ ହୋଇଥିଲା। ରାଇଜିଂ ଦଳ ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ଅଙ୍କିତ ବେହେରା ୭୩ ଓ ଅବଦୁଲ ଲତିଫ ୫୨ ରନ ବୟକ୍ତିଗତ ଭାବେ ସ୍କୋର କରିଥିଲେ । ପ୍ରତିପକ୍ଷ ବୋଲର ସନ୍ତୋଷ ସେଠୀ ୨ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ଆଦିତ୍ୟ ୧୧ ଦଳ ୧୩ ଓଭରରେ ସମସ୍ତ ୱିକେଟ୍ ହରାଇ ରନ ୧୦୮ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବିବେକ କୁମାର ୩୯ ରନ ବୟକ୍ତିଗତ ଭାବେ ସ୍କୋର କରିଥିଲେ । ପ୍ରତିପକ୍ଷ ବୋଲର କୁନ୍ଦନ ଯାଦବ ୩ ୱିକେଟ୍ ଅକ୍ତିଆର କରିଥିଲେ। ଅଙ୍କିତ କୁମାର ବେହେରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦିବ୍ୟପ୍ରତିମ ସାହୁ ଅଙ୍କିତଙ୍କୁ ପରସ୍କୃତ କରିଥିଲେ। ଦୁର୍ଗା ପଟ୍ଟନାୟକ ଓ ସଞ୍ଜୟ ଶତପଥି ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ। ପ୍ରଦୀପ କୁମାର ଜେନା ଓ ପ୍ରତ୍ୟୁଷ ସାହୁ ଭାଷ୍ୟକାର ଦାଇତ୍ୱ ତୁଲାଇଥିଲେ। ଯାଜପୁର ୧୧ ଓ କଟକ ୟୁନିଅନ ସ୍ପୋର୍ଟିଂ ଦଳ ମଧ୍ୟରେ ମଙ୍ଗଳବାର ଶେଷ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ନରେନ୍ଦ୍ରମୋଦୀ ଷ୍ଟାଡିୟମରେ ଶାହଙ୍କ ପରିବାର

ଅହମଦାବାଦ : ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟରେ ଭାରତର ଦମଦାର ବିଜୟ। ମେନ୍ ଇନ୍ ବ୍ଲୁର କମାଲ ଦେଖିଲା ସାରା ବିଶ୍ୱ। ନ୍ୟୁଜିଲାଣ୍ଡକୁ ୯୬ ରନରେ ହରାଇଲା ଭାରତ। ହେଲେ ଏହି ଖେଳର ମୁଖ୍ୟ ଆକର୍ଷଣ ଥିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା। ଶାହ, ତାଙ୍କ ପୁଅ ତଥା ଆଇସିସି ଚେୟାରମ୍ୟାନ୍ ଜୟ ଶାହା, ସ୍ତ୍ରୀ, ବୋହୂ, ନାତି ଷ୍ଟାଡିୟମ ଯାଇ ଖେଳ ଦେଖିଥିଲେ। ଭାରତର ଧୂଆଁଧାର ବ୍ୟାଟିଂ ହେଉ ବା ବିଜୟ ପର ମୁହୂର୍ତ୍ତ, ଶାହା ଓ ତାଙ୍କ ପରିବାର ଲୋକ ଖୁବ୍ ଉପଭୋଗ କରିଥଲେ ଏହି ମ୍ୟାଚକୁ।

ତେବେ ବିଜୟ ପରର ମୁହୂର୍ତ୍ତ ଥିଲା ଅଧିକ ସ୍ମରଣୀୟ। ଅମିତ ଶାହ ତାଙ୍କ ନାତିଙ୍କ ସାଙ୍ଗରେ ବସିଥିବା ବେଳେ, ଆଇସିସି ଚ୍ୟାୟାରମ୍ୟାନ ତଥା ଶାହଙ୍କ ପୁଅ ଜୟ ଶାହ,ଭାରତର ବିଶାଳ ବିଜୟ ପରେ ବାପାଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଆସିଥିଲେ। ସେ ତାଙ୍କ ବାପାଙ୍କ ସହ ହାତ ମିଳାଇବା ସହିତଦେଶର ଏହି ସାନଦାର ବିଜୟ ପାଇଁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ଶାହଙ୍କ ସାଥିରେ ଥିଲେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ। ଭୂପେନ୍ଦ୍ର ମଧ୍ୟ ଶାହାଙ୍କ ପାଖରେ ବସି ମ୍ୟାଚ ଉପଭୋଗ କରିଥିଲେ।

ତେବେ ଏହି ବିଶାଳ ସ୍କୋରକୁ ଚେଜ୍ କରି ଆଗକୁ



ଖାଲି ଏତିକି ନୁହେଁ, ସାଧାରଣ ଦର୍ଶକ ଭଳି ଅମିତ ଶାହା ଗତକାଲି ଷ୍ଟାଡିୟମର ପାଭଲିୟନରେ ବସି ମ୍ୟାଚ ଦେଖିଥିଲେ ଓ ଟିମ୍ ଇଣ୍ଡିଆ ବିଜୟ ପରେ ବେଶ୍ ଉତ୍ସାହିତ ହୋଇଥିଲେ। ଅମିତ ବିଢ଼ିବା ନ୍ୟୁଜିଲଣ୍ଡ ପକ୍ଷରେ ସମ୍ଭବହୋଇପାରି ନଥିଲା। ଟିମ୍ ସାଇଫର୍ଟଙ୍କୁ ଛାଡ଼ିଦେଲେ ଦଳର ଅନ୍ୟ କୌଣସି ବ୍ୟାଟସମ୍ୟାନ୍ କ୍ରିଜରେ ଅଧିକ ସମୟ ତିଷ୍ଠିବା ସମ୍ଭବ ହୋଇପାରି ନଥିଲା।

## ଅଜିତ ଅଗରକର, ଜୟ ଶାହଙ୍କୁ ଧନ୍ୟବାଦ ଜଣାଇଲେ ଗମ୍ଭୀର

ଅହମଦାବାଦ : ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟକୁ ଦୁଇ ମହାନ ଖେଳାଳି ରାହୁଲ ଦ୍ରାବିଡ଼ ଓ ଭି.ଭି. ଏସ. ଲକ୍ଷ୍ମଣଙ୍କୁ ସମର୍ପିତ କରିଛନ୍ତି। ରବିବାରର ବିଜୟ ପରେ ନିଜର ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ମୁଁ ଏହି ଟ୍ରଫିକୁ ରାହୁଲ ଦ୍ରାବିଡ଼ ଓ ଭି.ଭି. ଏସ.ଲକ୍ଷ୍ମଣଙ୍କୁ ଉତ୍ସର୍ଗ କରିବାକୁ ଚାହିଁବି। ଏକ ଶକ୍ତିଶାଳୀ ଭାରତୀୟ ଦଳକୁ ଗଢିବା ପାଇଁ ରାହୁଲ ଭାଇଙ୍କୁ ଓ ସିଓଇ (କ୍ରିକେଟ୍ ଅଫ ଏକ୍ସଲେନ୍ସ)ରେ ଦେଶର ଭବିଷ୍ୟତ ପ୍ରତିଭାମାନଙ୍କୁ ପ୍ରସ୍ତୁତ କରିବା ପାଇଁ ଲକ୍ଷ୍ମଣଙ୍କୁ ଏହି ବିଜୟ ସମର୍ପିତ। ସେ ମଧ୍ୟ ମୁଖ୍ୟ ଚୟନକର୍ତ୍ତା ଅଜିତ ଆଗରକର ଓ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମାଲୋଚନା ସତ୍ତ୍ୱେ ସଚ୍ଚୋଟତାର ସହ ନିଜ କର୍ତ୍ତବ୍ୟ ନିର୍ବାହ କରିବା ଲାଗି ସେ ଆଗରକରଙ୍କୁ ପ୍ରଶଂଶା କରିଛନ୍ତି। ସେହିପରି ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାଠାରୁ ଘରୋଇ



ମାଟରେ ଟେଷ୍ଟ ଶୃଙ୍ଖଳା ପରାଜୟ ପରି ନୈରାଶ୍ୟଜନକ ସମୟରେ ଫୋନ କରି ସମର୍ଥନ କରିଥିବାରୁ ସେ ଜୟଶାହାଙ୍କୁ ସମର୍ଥନ କରିଛନ୍ତି। ସମାଲୋଚକଙ୍କୁ ଜବାବ ଦେଇ ସେ କହିଛନ୍ତି ଯେ ତାଙ୍କର ଉତ୍ତରଦାୟିତ୍ୱ କେବଳ ଡ୍ରେସିଂ ରୁମରେ ଥିବା ୩୦ ସଦସ୍ୟଙ୍କ ପ୍ରତି ରହିଛି, ସୋସିଆଲ୍ ମିଡିଆ ପ୍ରତି ନୁହେଁ। ଖେଳାଳିମାନେ ଭଲ ପ୍ରଶିକ୍ଷକଙ୍କୁ ତିଆରି କରନ୍ତି। ଭାରତୀୟ କ୍ରିକେଟ୍ ଦଳ ପୁଣି ଥରେ ବିଶ୍ୱ ଦଖଲ କରିଛି। ନବୀନ ଇତିହାସ ରଚିଛି, ନୂଆ ଅଧ୍ୟାୟ ଯୋଡ଼ି ଲଗାତାର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବାର ଗୌରବ ଗାଥା ବି ଲେଖିଛି। ଆକ୍ରମଣ, ଆଧିପତ୍ୟ ଓ ଆତ୍ମବିଶ୍ୱାସର ଅପୂର୍ବ ସମନ୍ୱୟରେ ତୃତୀୟ ଥର ଫଟାଫଟ୍ କ୍ରିକେଟ୍ ବିଶ୍ୱକପ୍ ଜିତିବାରେ କମାଲ କରିଛି। ହାଇଭୋଲ୍ଟେଜ୍ ଫାଇନାଲ୍ ଟକ୍କରରେ ଏକତରଫା ବିଜୟ ହାସଲ କରି ନିଜ ଶ୍ରେଷ୍ଠତ୍ୱକୁ ଆଉ ଥରେ ପ୍ରମାଣିତ କରିଛି। ଅହମଦାବାଦର ମୋଟେରା ଷ୍ଟାଡିୟମ୍ରେ ରବିବାର ଖେଳାଯାଇଥିବା ଏହି ମହାମୁକାବିଲାରେ ନ୍ୟୁଜିଲାଣ୍ଡକୁ ୯୬ ରନରେ ହରାଇଛି ଟିମ୍ ଇଣ୍ଡିଆ। ତା' ସହିତ ଆୟୋଜକ ଦେଶ ଭାବେ ଏବଂ ଲଗାତାର ବିଶ୍ୱକପ୍ ଜିତିବାରେ ବିଶ୍ୱର ପ୍ରଥମ ଦଳ ହୋଇଛି। ଟିମ୍ ଇଣ୍ଡିଆର ଏହି ସ୍ୱର୍ଣ୍ଣିମ ଓ ସ୍ମରଣୀୟ ସଫଳତା ପରେ ସାରା ଭାରତ ଉତ୍ସବ ମୁଖର ହୋଇଉଠିଛି। ୧୪୫ କୋଟି ଭାରତୀୟଙ୍କ ହୃଦୟ ଖୁସିରେ ଗଦଗଦ ହୋଇଯାଇଛି।

### ବାପୁନ ମେମୋରିଆଲ ନାଇଟ କ୍ରିକେଟ

## ବନଜାରା ଇଲେଭେନ ଭଦ୍ରକ ଚାମ୍ପିଅନ

ଅସୁରାଳି, (ସବ୍ୟୁ) : ଧାମନଗର ବ୍ଲକର ଅସୁରାଳି ଠାରେ ଚାଲିଥିବା ବାପୁନ ପାତ୍ରୀ ମେମୋରିଆଲ ଜିଲ୍ଲାସ୍ତରୀୟ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ୍ ମୁକାବିଲାରେ ଭଦ୍ରକ ବନଜାରା ଇଲେଭେନ ଧାମନଗରର ମାଙ୍କିଡିଆ ଏକାଦଶକୁ ୭ରନରେ ହରାଇ ଚମ୍ପିଅନ ହୋଇଛି । ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ବନଜାରା ଇଲେଭେନ ନିର୍ଦ୍ଧାରିତ ଓଭରରେ ୫୭ରନ ସ୍କୋର କରିଥିବାବେଳେ ମାଙ୍କିଡ଼ିଆ ଏକାଦଶ ନିର୍ଦ୍ଧାରିତ ଓଭରରେ ୪୫ରନ କରିବାକୁ ସକ୍ଷମ ହୋଇଥିଲା ଏବଂ ୭ରନ ବ୍ୟବଧାନରେ ମ୍ୟାଚ ହାରିଥିଲା । ଫାଇନାଲ୍ ମ୍ୟାଚରେ ରାକେଶ ବେହେରା ଓ ମନୋଜ ଜେନା ଅମ୍ପାୟାରିଂ କରିଥିଲେ । ବୁବୁନ ବଶାଲ,ଗୁଡୁ ସ୍କୋରିଂ କରିଥିବା ବେଳେ ରଞ୍ଜନ ଏବଂ ପପୁ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଅସୁରାଳି ସରପଂଚ ମିନତୀ ସାହୁ ମୁଖ୍ୟ ଅତିଥି ରୂପେ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରି ଖେଳ ପରସ୍ପର ସହିତ ବନ୍ଧୁତା ସୃଷ୍ଟିର ଏକ ମାଧ୍ୟମ ବୋଲି ବକ୍ତବ୍ୟ ରଖିଥିଲେ। ସମାଜସେବୀ କ୍ଷୀରୋଦ ସ୍ୱାଇଁ, ନିହାର ରଞ୍ଜନ ଦାସ, ହେମନ୍ତ କୁମାର ପଲେଇ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଶହୀଦ ମଣ୍ଡଳ ବିଜେପି ଯୁବ ମୋର୍ଚ୍ଚା ସଭାପତି ସୂରଜ କୁମାର ସାହୁ ମୁଖ୍ୟଅତିଥି ଭାବରେ ଉଦଯାପନି ଉତ୍ସବରେ ଯୋଗ ଦେଇ ବିଜେତା ଏବଂ ଉପ ବିଜେତା ଟିମକୁ ଟ୍ରଫି ସହିତ ୫ ହଜାର ଟଙ୍କାର ପୁରସ୍କାର ଅର୍ଥ ପ୍ରଦାନ କରିଥିଲେ। ସ୍ଥାନୀୟ ଗୋପବନ୍ଧୁ ନଗର ଗୋପବନ୍ଧୁ କଲଚରାଲ ଆସୋସିଏସନ ପକ୍ଷରୁ ଆୟୋଜିତ ହୋଇଥିଲା।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ।

## ସତ୍ୟସାଇୟୁଥ୍ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଇମେଜ ଇଲେଭେନ ଚାମ୍ପିଅନ

ବାସୁଦେବପୁର, (ସବ୍ୟୁ) : ବାସୁଦେବପୁର ବ୍ଲକ ଅରଣ୍ଡୁଆ ପଂଚାୟତର ଛତ୍ରିଆ ଗ୍ରାମର ସତ୍ୟସାଇୟୁଥ୍ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଫାଇଲ ମ୍ୟାଚରେ ଷ୍ଟାର ଇଲେଭେନ ସିୟୁଲା ପୁରୀ ହରାଇ ଭଦ୍ରକର ଇମେଜ ଇଲେଭେନ ଚାମ୍ପିଅନ ହୋଇଛି। ଛତ୍ରିଆ ଗ୍ରାମର ଆନ୍ତଃଜିଲ୍ଲା ଛତ୍ରିଆ କପ-୨୦୨୬ ତୃତୀୟ ବାର୍ଷିକ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଠ ଗୋଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲା । ଆଜି ଫାଇଲ ମଯାଚ ଷ୍ଟାର ଇଲେଭେନ ସିୟୁଲା ପୁରୀ ଓ ଭଦ୍ରକର ଇମେଜ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭଦ୍ରକର ଇମେଜ ଇଲେଭେନ ପ୍ରଥମେ ବୟାଟିଙ୍ଗ କରି ୨୦ଓଭରରେ ୭ୱିକେଟ୍ ହରାଇ ୨୪୧ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ଇନିଙ୍ଗସରେ ପୁରୀର ଷ୍ଟାର ଇଲେଭେନ ସିୟୁଲା ସମସ୍ତ ୱିକେଟ ହରାଇ ୨୦୫ରନ ସଂଗ୍ରହ କରିଥିଲେ। ବାବୁଲୁ ସାହୁ ଓ ଦିଲ୍ଲୀପ କୁମାର ପଣ୍ଡା ଓ ବସନ୍ତ କୁମାର ରେଫେରୀ ଭାବେ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜିତ ସଭାର ବାସୁଦେବପୁର ବ୍ଲକର ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଆରୁହା ପଂଚାୟତର ସମିତି ସଭ୍ୟ ସୁରେନ୍ଦ୍ର ବେଜ, ଅରଣ୍ଡୁଆ ପଂଚାୟତ ସମିତି ସଭ୍ୟ ରମାକାନ୍ତ ଦାଶ ଓ ମାଟିର ପୁଅ କବି ଭାସ୍କର ବାରିକ ଯୋଗଦେଇ ବିଜୟୀ ଚାମ୍ପିଅନ ଦଳ ଭଦ୍ରକର ଇମେଜ ଇଲେଭେନକୁ ଟ୍ରଫି ସହିତ ନଗଦ ୭୦ ହଜାର ଟଙ୍କା ଓ ରନର୍ସ ଅଫ ଦଳ ପୁରୀର ଷ୍ଟାର ଇଲେଭେନ ସିୟୁଲାକୁ ରନର୍ସ ଅଫ ଟ୍ରଫି ସହିତ ନଗଦ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

## ହାଇଟେକ୍ କ୍ରିକେଟ୍ ଲିଗ୍ ଉଦ୍‌ଘାଟିତ

### ହାର ଜିତ ଜୀବନକୁ ଅଧିକ ଶକ୍ତ ଓ ବାସ୍ତବବାଦୀ କରିଥାଏ : ଡକ୍ଟର ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର, ୯।୩ (ସବ୍ୟୁ) : ହାଇଟେକ୍ କ୍ରିକେଟ୍ ଲିଗ୍ ମହା ଆଡମ୍ବରରେ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ହାଇଟେକ୍ ମେଡିକାଲ୍ କଲେଜ ପରିସରରେ ୧୫ତମ ହାଇଟେକ୍ କ୍ରିକେଟ୍ ଲିଗକୁ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। ନୂତନ ଭାବେ ପ୍ରସ୍ତୁତ ହୋଇଥିବା କ୍ରିକେଟ୍ ପଡିଆକୁ ଡକ୍ଟର ପାଣିଗ୍ରାହୀ ଉଦ୍‌ଘାଟନ କରିବା ସହ ଆସନ୍ତା ବର୍ଷକ ମଧ୍ୟରେ ୮ ଶହ ଆସନ ବିଶିଷ୍ଟ ଏକ ଇନ୍‌ଡୋର ଷ୍ଟାଡିୟମ ପ୍ରତିଷ୍ଠା କରାଯିବ ବୋଲି ସେ କହିଥିଲେ। ଜୀବନ ସଂଘର୍ଷପୂର୍ଣ୍ଣ ଏବଂ ଖେଳ ହିଁ ମନୁଷ୍ୟ ଜୀବନରେ ବାସ୍ତବତା ସୃଷ୍ଟି କରିଥାଏ ବୋଲି ଡକ୍ଟର ପାଣିଗ୍ରାହୀ କହିଥିଲେ। ଖୁବ୍ କମ୍ ସମୟ ମଧ୍ୟରେ ଏକ ଆକର୍ଷଣୀୟ ପଡିଆ ପ୍ରସ୍ତୁତ କରିପାରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ମାର୍ଚ୍ଚ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଦିବାରାତ୍ର କ୍ରିକେଟ୍ ଲିଗରେ ହାଇଟେକ୍ ମେଡିକାଲ କଲେଜ, ଡେଣ୍ଟାଲ କଲେଜ, ହାଇଟେକ୍ ମେଡିକାଲ କଲେଜ ରାଉରକେଲା ଓ ମେଡିକାଲ କଲେଜ ତିରୁପତିର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଛନ୍ତି। ହାଇଟେକ୍ ଚାରୁପର ନର୍ସିଂ କଲେଜ, ଫିଜିଓଥେରାପି କଲେଜ, କୋଣାର୍କ, ଯୁକ୍ତ ଦୁଇ କଲେଜର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଛନ୍ତି। ସେହିପରି ହାଇଟେକ୍ ଗ୍ରୁପର ଅଧିକାରୀ, ଡାକ୍ତର, ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ କ୍ରିକେଟର ଏହି ମହାକୁମ୍ଭରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ସମାରୋହରେ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ଡା ରାକେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶିକା ସାବିତ୍ରୀ ପାଣିଗ୍ରାହୀ, ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ, ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।



ଉଦ୍‌ଘାଟନ ସମାରୋହରେ ପଦ୍ମଶ୍ରୀ ପ୍ରମୋଦ ଭାଗଓ୍ୱତ ଯୋଗ ଦେଇ ହାଇଟେକ୍ ଗ୍ରୁପର ଏହି ଖେଳୁଆଡ ମନୋଭାବକୁ ଭୂୟଶୀ ପ୍ରଶଂସା କରିଥିଲେ। ହାଇଟେକ୍ ଗ୍ରୁପର କ୍ରୀଡ଼ା ନିର୍ଦ୍ଦେଶକ ଲଳିତେନ୍ଦୁ ମହାନ୍ତି, କ୍ରୀଡ଼ା ଅଧିକାରୀ ସୁରେଶ କୁମାର ନାୟକ, ପ୍ରଶାସନିକ ଅଧିକାରୀ ଡାକ୍ତର ଗୋପୀଶ୍ୱର ଆଚାର୍ଯ୍ୟ ପ୍ରମୁଖ ଏହି କ୍ରିକେଟ ଲିଗ୍ ଆୟୋଜନରେ ସହଯୋଗ କରିଥିଲେ।

ସମୟ | ସମୟ LIVE

Check out this amazing Odia News app

Andriod | ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର | IOS

Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି